ବର୍ଷ-୨୪, ସଂଖ୍ୟା-୨୮୧
ଭୁବନେଶ୍ୱର
୧୪ ନଭେମ୍ବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 281
Bhubaneswar
14 November, 2024 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଅକ୍ଷରା ସିଂଙ୍କୁ ହତ୍ୟା ଧମକ

# ୮ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

- ନିଯୁକ୍ତି ପରୀକ୍ଷାରେ ଅନିୟମିତତା ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ଆରମ୍ଭ ହେବ ଗୋମାତା ଓ କୁକ୍କୁଟ ଉନ୍ନୟନ ଯୋଜନା
- ଜଳକ୍ଷେତ୍ର ଭିତ୍ତିଭୂମି ସମ୍ପ୍ରସାରଣକୁ ମଞ୍ଜୁରୀ

**ଭୁବନେଶ୍ୱର, ୧୩।୧୧ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ ଲୋକସେବା ଭବନରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ମୋଟ ୮ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ୫ଟି, ସାଧାରଣ ପ୍ରଶାସନ ବିଭାଗର ଗୋଟିଏ ଓ ଜଳସମ୍ପଦ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ରହିଥିବାବେଳେ ବିଧାନସଭା ଅଧିବେଶନ ଆହୂତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ବୈଠକ ଶେଷ ହେବା ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଥିଲେ।

ରାଜ୍ୟ ସରକାରୀ ଚାକିରି ଚୟନ ପରୀକ୍ଷାରେ ପାରଦର୍ଶିତା ଆଣିବା ପାଇଁ ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନ ନିବାରଣ) ଆଇନ-୨୦୨୪କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି), ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ, ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ ଆୟୋଗ, ସର୍ଭିସ ସିଲେକ୍ସନ ବୋର୍ଡ, ଓଡ଼ିଶା ପୁଲିସ ସିଲେକ୍ସନ ବୋର୍ଡ, ଓଡ଼ିଶା ଶିକ୍ଷା (ରାଜ୍ୟ ପାଇଁ ସିଲେକ୍ସନ ବୋର୍ଡ) ରୁଲସ-୧୯୯୨, ଓଡ଼ିଶା ଜେଇଇ ସମେତ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ କିମ୍ବା ଗଠିତ ଚୟନ କମିଟି/ଏଜେନ୍ସି



ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ଏଜେନ୍ସି ଦ୍ୱାରା ପରିଚାଳିତ ସମସ୍ତ ସରକାରୀ ପରୀକ୍ଷା ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ଏହି ନୂଆ ଆଇନ ଅଣାଯାଇଛି। ଏହି ବିଲକୁ ଆସନ୍ତା ଶୀତ ଅଧିବେଶନରେ ବିଧାନସଭାରେ ପାରିତ କରିବାରକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ଏହି ଓଡ଼ିଶା ପବ୍ଲିକ ଏକ୍ସଜାମିନେସନ (ପ୍ରିଭେନସନ୍ ଅଫ ଅନଫେୟାର ମିନସ) ଆକ୍ଟ-୨୦୨୪ କାର୍ଯ୍ୟକ୍ଷମ ହେଲେ, ସରକାରୀ ଚାକିରି ପାଇଁ ଚୟନ ପରୀକ୍ଷାରେ ବିଭିନ୍ନ ପ୍ରକାରର ଅନ୍ୟାୟ ଯଥା ମିଥ୍ୟା ପରିଚୟ ପ୍ରଦାନ, ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା ସଂକ୍ରାନ୍ତ ସୂଚନା ଲିକ୍, ପରୀକ୍ଷା ହଲ୍ ଭିତରକୁ ଅନଧିକୃତ ଲୋକଙ୍କ ପ୍ରବେଶ ନିଷେଧ ତଥା ବ୍ୟାଘାତ ସୃଷ୍ଟି ଆଦିକୁ ରୋକିବା ସହ ପରୀକ୍ଷାର ଅଖଣ୍ଡତା ବଜାୟ ରଖିବା ପାଇଁ ଏହି ବିଲ୍ ଅଣାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏହି ଆଇନରେ ସମସ୍ତ ଅପରାଧ, ଜାମିନବିହୀନ ଓ ରଫା ଅଯୋଗ୍ୟ ହେବ। କୌଣସି ବ୍ୟକ୍ତି ପରୀକ୍ଷାରେ ଅନୁଚିତ ଉପାୟ ଓ ଅପରାଧ କଲେ ତାଙ୍କୁ ୩ରୁ ୫ବର୍ଷ ଜେଲ୍ ଦଣ୍ଡ ଓ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯିବ। ସେବାପ୍ରଦାନକାରୀ ମଧ୍ୟ ଏକକୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ସହ ଦଣ୍ଡିତ ହେବେ ଓ ଆନୁପାତିକ ପରୀକ୍ଷା ଖର୍ଚ୍ଚ ମଧ୍ୟ ତାଙ୍କଠୁ ଆଦାୟ କରାଯିବ। ଜୋରିମାନା ପଇଠରେ ବିଫଳ ହେଲେ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ବ୍ୟବସ୍ଥା ଅନୁସାରେ ଅତିରିକ୍ତ ଜେଲ୍ ଦଣ୍ଡ ଲାଗୁ କରାଯିବ ବୋଲି ଏଥିରେ ବ୍ୟବସ୍ଥା ରହିଛି। ରାଜ୍ୟରେ ମତ୍ସ୍ୟ ଓ ପଶୁସମ୍ପଦର ବିକାଶ ସହ ଚାଷୀମାନଙ୍କୁ ଆର୍ଥିକ ସୁବିଧା ଯୋଗାଇ ଦେବାପାଇଁ ମୋହନ ମାଝୀ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ୨ଟି ନୂଆ ଯୋଜନା ସହ ମୋଟ ୫ଟି ଯୋଜନାରେ ୪୭୫୮.୭୬କୋଟି ଟଙ୍କା ବ୍ୟୟବରାଦ ପାଇଁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରସ୍ତାବ ଉପରେ ଆଜି ରାଜ୍ୟ କ୍ୟାବିନେଟ୍ ମୋହର ମାରିଛନ୍ତି । ନିଜସ୍ୱ ନୂଆ ରାଜ୍ୟ ଯୋଜନା ଗୋମାତାରେ ୩ବର୍ଷରେ ୩୪୨.୬୫କୋଟି ଟଙ୍କା ଓ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଅନ୍ତର୍ଗତ କୁକୁଟ ଉନ୍ନୟନ ଉପଯୋଜନାରେ ୫ବର୍ଷରେ ୧୦୩୧.୧୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ଯୋଜନା ଅବଧିକୁ ଆସନ୍ତା ୫ ବର୍ଷ ବଢାଇବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ଦିଆ ଯାଇଛି।

ନୂତନ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ତଥା ସର୍ଭେ ଓ ଅନୁସନ୍ଧାନ କରିବା, ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବା, ପିଏମକେଏସୱାଇ ପରି କେନ୍ଦ୍ରୀୟ ଅନୁଦାନ ପାଇବା ନିମନ୍ତେ ପ୍ରକଳ୍ପର ପୂର୍ବ କାର୍ଯ୍ୟକଳାପ ସମାପ୍ତ କରି ନିର୍ମାଣ କାର୍ଯ୍ୟକୁ ଅଗ୍ରୀମ ପର୍ଯ୍ୟାୟରେ ପହଂଚାଇବା ଭଳି ବିଭିନ୍ନ ଲକ୍ଷ୍ୟ ନେଇ ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ଯୋଜନାଟିକୁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା।

# ପ୍ରଥମ ମହିଳା ସିଆଇଏସଏଫ ବାଟାଲିୟନକୁ ଅନୁମୋଦନ

ନୂଆଦିଲ୍ଲୀ, ୧୩।୧୧ (ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ)ର ପ୍ରଥମ ମହିଳା ବାଟାଲିୟନକୁ ସରକାର ଅନୁମୋଦନ କରିଛନ୍ତି।

ଅମିତ ଶାହ କହିଛନ୍ତି, ରାଷ୍ଟ୍ର ନିର୍ମାଣର ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଦୃଢ଼ ପଦକ୍ଷେପ ସ୍ୱରୂପ ମୋଦୀ ସରକାର ସିଆଇଏସଏଫର ପ୍ରଥମ ମହିଳା ବାଟାଲିୟନ ପ୍ରତିଷ୍ଠାକୁ ମଞ୍ଜୁର କରିଛନ୍ତି। ବିମାନବନ୍ଦର ଓ ମେଟ୍ରୋ ରେଳ ଭଳି ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ଏବଂ କମାଣ୍ଡୋ ଭାବେ ଭିଆଇପି ସୁରକ୍ଷା ଯୋଗାଇଦେବା ଦାୟିତ୍ୱ ମହିଳା ବାଟାଲିୟନ ବହନ କରିବ। ଏହି ନିଷ୍ପତ୍ତି ନିଶ୍ଚିତ ଭାବରେ ଦେଶର ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଅଧିକ ମହିଳାଙ୍କ ଆକାଂକ୍ଷା ପୂରଣ କରିବ।



କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳରେ ଦେଶ ସେବା କରିବାକୁ ଚାହୁଁଥିବା ମହିଳାମାନଙ୍କ ପାଇଁ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ଏକ ପସନ୍ଦ ହୋଇଛି। ବର୍ତ୍ତମାନ ସିଆଇଏସଏଫରେ ମହିଳାଙ୍କ ସଂଖ୍ୟା ୭ ପ୍ରତିଶତରୁ ଅଧିକ ରହିଛି। ମହିଳା ବାଟାଲିୟନ ଯୋଡ଼ିବା ଦ୍ୱାରା ସାରା ଦେଶରେ ଅଧିକ ଆଶାୟୀ ଯୁବତୀମାନେ ସିଆଇଏସଏଫରେ ଯୋଗ ଦେଇ ଦେଶର ସେବା କରିବାକୁ ଉତ୍ସାହିତ ହେବେ। ଏହା ସିଆଇଏସଏଫରେ ମହିଳାମାନଙ୍କୁ ଏକ ନୂଆ ପରିଚୟ ଦେବ।

ସିଆଇଏସଏଫ ମୁଖ୍ୟାଳୟ ନୂଆ ବାଟାଲିୟନର ମୁଖ୍ୟାଳୟ ପାଇଁ ଶୀଘ୍ର ନିଯୁକ୍ତି, ପ୍ରଶିକ୍ଷଣ ଏବଂ ସ୍ଥାନ ଚୟନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଭିଆଇପି ସୁରକ୍ଷା ଏବଂ ବିମାନବନ୍ଦର, ଦିଲ୍ଲୀ ମେଟ୍ରୋ ରେଳ ସୁରକ୍ଷାରେ କମାଣ୍ଡୋ ଭାବରେ ବହୁମୁଖୀ ଭୂମିକା ନିର୍ବାହ କରିବାରେ ସକ୍ଷମ ଏକ ଏଲିଟ୍ ବାଟାଲିୟନ ଗଠନ କରିବା ପାଇଁ ଏହି ପ୍ରଶିକ୍ଷଣ ବିଶେଷ ଭାବରେ ଡିଜାଇନ୍ କରାଯାଇଛି। ୫୩ତମ ସିଆଇଏସଏଫ ଦିବସ ସମାରୋହ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶକ୍ରମେ ସିଆଇଏସଏଫରେ ସମସ୍ତ ମହିଳା ବାଟାଲିୟନ ଗଠନ ପାଇଁ ପ୍ରସ୍ତାବ ଆରମ୍ଭ ହୋଇଥିଲା।

# ଗଠନ ହେବ ରାଜ୍ୟ ମନ୍ତ୍ରୀସ୍ତରୀୟ କମିଟି

ଭୁବନେଶ୍ୱର, ୧୩।୧୧ (ମହାଭାରତ): ବିଭିନ୍ନ ରାଜ୍ୟଗଡ଼ିକ ସହ ଥିବା ଓଡ଼ିଶାର ବିବାଦର ସମାଧାନ ପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଢ଼ିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଫଳରେ ମହାନଦୀ, ପୋଲାଭରମ, ବଂଶଧାରା ଓ କୋଟିଆ ଭଳି ଦୀର୍ଘଦିନର ବିବାଦର ସମାଧାନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଆନ୍ତଃ ରାଜ୍ୟ ବିବାଦଗୁଡ଼ିକ ଉପରେ ଦୀର୍ଘସମୟ ଧରି ଆଲୋଚନା ପରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ବିଭିନ୍ନ ରାଜ୍ୟଗୁଡ଼ିକ ସହ ଓଡ଼ିଶାର ଥିବା ବିବାଦଗୁଡ଼ିକ ସମ୍ପର୍କରେ ଆଜି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା। ମହାନଦୀ,ବଂଶଧାରା, ପୋଲାଭରମ ଓ କୋଟିଆ ଆଦି ବିଭିନ୍ନ ଆନ୍ତଃରାଜ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ବିବାଦଗୁଡ଼ିକର ସମାଧାନ ପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି।



ଆଲୋଚନାରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ତିନି ଦିନିଆ ଡିଜିପି ସମ୍ମିଳନୀ

**ଭୁବନେଶ୍ୱର, ୧୩।୧୧ (ମହାଭାରତ):** ଆସନ୍ତା ୨୯ରୁ ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ। ନଭେମ୍ବର ୨୯ରୁ ଡିସେମ୍ବର ୧ ଯାଏ ତିନିଦିନିଆ। ବାର୍ଷିକ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଏନଏସଏ ଅଜିତ ଡୋଭାଲ ସାମିଲ ହେବେ। ଏହା ସହ ସବୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକଙ୍କ ସହ ସିଆରପିଏଫ, ବିଏସଏଫ୍ ଭଳି କେନ୍ଦ୍ରୀୟ ସୁରକ୍ଷା ବାହିନୀର ମୁଖ୍ୟ ଯୋଗ ଦେବେ। ସମ୍ମିଳନୀରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ଅପରାଧ ମୁକାବିଲା, ମାଓ ସମସ୍ୟା ମୁକାବିଲା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ବୈଠକରେ ପୋଲିସ ବିଭାଗରେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ, ଆତଙ୍କବାଦ ମୁକାବିଲା, ଜେଲ ସଂସ୍କାର, ବିଭିନ୍ନ ରାଜ୍ୟର ପୋଲିସ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି।

# ଲୋକଙ୍କୁ ଫେରାଯିବ ବେଦାନ୍ତ ଜମି

ଭୁବନେଶ୍ୱର, ୧୩।୧୧ (**ମହାଭାରତ**): ଖୁବଶୀଘ୍ର ବେଦାନ୍ତ ପାଇଥିବା ଜମିକୁ ଲୋକଙ୍କୁ ଫେରସ୍ତ କରାଯିବ। ପୁରୀ ବେଦାନ୍ତ ଜମି ପ୍ରସଙ୍ଗରେ ଏହି ବଡ଼ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ସେ କହିଛନ୍ତି, ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ପାଇଥିବା ଜମି ଲୋକଙ୍କୁ ଫେରସ୍ତ ହେବ। ଜମି ଫେରସ୍ତ ପାଇଁ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ମୋଟ ୩ ହଜାର ୩୪୨.୫୩ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଇଥିଲା। ଜମିହରାଙ୍କୁ ଚିହ୍ନଟ କରି ସେମାନଙ୍କ ଜମି ଫେରସ୍ତ କରାଯିବ। ଏନେଇ ସରକାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଦିନେ ଦୁଇ ଦିନରେ ବିଜ୍ଞପ୍ତି ପ୍ରକାଶ ପାଇବ। ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି କହିଛନ୍ତି, ଲୋକଙ୍କୁ ସେମାନଙ୍କ ଜମି ମିଳିବା ସହ ସେମାନେ ନିଜ ଜମିକୁ ଦଖଲକୁ ନେବେ। ଫେରି ପାଉଥିବା ଜମିକୁ ସଂପୃକ୍ତ ଲୋକଙ୍କ ନାଁରେ ପଞ୍ଜୀକୃତ କରାଯିବ। ଜମି ପାଇଁ ଲୋକମାନେ ପାଇଥିବା କ୍ଷତିପୂରଣ ସରକାରଙ୍କୁ ଫେରାଇବେ। ପୂର୍ବ ସରକାର ୨୦୦୬ ମସିହାରେ ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବେଦାନ୍ତ ସହ ଏମ୍ଓୟୁ କରିଥିଲେ। ଏଥିପାଇଁ ଭିନ୍ନ ଭିନ୍ନ ସମୟରେ ନାମକରଣ ତିନି ଥର ବଦଳିଲା। ୨୨ଟି ଗାଁର ଜମି ସହ ସରକାରୀ ଜମି ଦିଆଯିବାକୁ ଚୁକ୍ତି ହୋଇଥିଲା। ଘଟଣାରେ ବାସଚ୍ୟୁତ ହୋଇଥିବା ୯ ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ହାଇକୋର୍ଟ ନାପସନ୍ଦ କରିଥିଲେ। ୨୦୨୩ରେ ଅଧିଗ୍ରହଣକୁ ଖାରଜ କରିବା ସହ ଜମି ଫେରାଇବାକୁ ଆଦେଶ ଦେଇଥିଲେ ହାଇକୋର୍ଟ। ଲିଜ ଜମି ସରକାର ତାଙ୍କ ପାଖକୁ ଆଣିବେ ବୋଲି ଉଚ୍ଚ ଅଦାଲତ କହିଥିଲେ। ବେଦାନ୍ତ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲା। ମାତ୍ର ସୁପ୍ରିମକୋର୍ଟ ରାୟକୁ କାଏମ ରଖିଥିଲେ। ଏଣୁ ସରକାର ଜମି ଫେରାଇବା ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଜିଲ୍ଲା ପ୍ରଶାସନ ଖୁବଶୀଘ୍ର ପଦକ୍ଷେପ ନେବ। ବିଜ୍ଞପ୍ତି ପ୍ରକାଶ ପାଇବ ଓ ତା'ପରେ ଜମି ଫେରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



# ସମ୍ପତ୍ତି ପାଇଁ ଭାଇ ଓ ଭାଉଜଙ୍କୁ ହତ୍ୟା କଲା ସାନ ଭାଇ

ଆସିକା, ୧୩।୧୧ (ମହାଭାରତ): ସମ୍ପତ୍ତି ଆଗରେ ତୁଚ୍ଛ ପଡ଼ିଲା ସମ୍ପର୍କ। ଭାଇ କାଟିଲା ଭାଇର ମୁଣ୍ଡ। ଆଉ ଭାଉଜଙ୍କୁ ବିଷ ପିଆଇ ହତ୍ୟା କରିଛି। କେଇହାତ ଜମି ପାଇଁ ଏହି ରକ୍ତାକ୍ତ ସଂଘର୍ଷ ଘଟିଛି। ଗଞ୍ଜାମ ଜିଲ୍ଲା ଆସିକା ଥାନା ଅଞ୍ଚଳରେ ଆଜି ଏମିତି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତ ସମେଇଗୁଡ଼ା ଗାଁର ରାଜୁ ପାତ୍ରର ୪ ଭାଇ। ଦୀର୍ଘ ଦିନ ଧରି ଜମି ଭାଗବଣ୍ଟାକୁ ନେଇ ଭାଇମାନଙ୍କ ଭିତରେ ତିକ୍ତତା ଲାଗି ରହିଥିଲା। ବଡ଼ଭାଇ ରାଜୁଙ୍କୁ ଚାଷ କରିବାକୁ ଦେଉନଥିଲେ ସାନ ଭାଇ ଭୋବିନି ପାତ୍ର। ଯେଉଁଥିପାଇଁ ଅନେକ ସମୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ହେଉଥିଲା। ଆଜି ସକାଳେ ରାଜୁ ଓ ତାଙ୍କ ପତ୍ନୀ ବିଲକୁ କାମ କରିବାକୁ ଯାଇଥିଲେ।

ବିଲରେ ଚାଷ କାମ କରୁଥିବା ବେଳେ ସାନ ଭାଇ ଭୋବିନି ପାତ୍ର, ତାଙ୍କ ସ୍ତ୍ରୀ ଓ ପୁଅ ପପୁନ ସେଠାରେ ପହଞ୍ଚିଥିଲେ। ଅଭିଯୋଗ ଅନୁସାରେ ଭୋବିନି ପ୍ରଥମେ ତାଙ୍କ ଭାଉଜଙ୍କୁ ଆକ୍ରମଣ କରିଥିଲେ। ଯେଉଁଥିପାଇଁ ସେ ତଳେ ପଡ଼ି ଯାଇଥିଲେ। ତା'ପରେ ତାଙ୍କ ପାଟିରେ ବିଷ ପିଆଇ ଦେଇଥିବା ଅଭିଯୋଗ ହୋଇଥିଲା। ନିଜ ପତ୍ନୀଙ୍କୁ ଆକ୍ରମଣ ହେଉଥିବା ଦେଖି ଅଳ୍ପ ଦୂରରେ କାମ କରୁଥିବା ରାଜୁ ସେଠାକୁ ଧାଇଁ ଆସିଥିଲେ। ହେଲେ ୩ ଜଣ ମିଶି ତାଙ୍କ ବେକ କାଟି ଦେଇଥିଲେ। ଯାହାଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ଖବର ପାଇ ସାହି ପଡ଼ିଶା ଓ ପରିବାର ଲୋକ ବିଲରେ ପହଞ୍ଚିଥିଲେ। ଗୁରୁତର ଆହତ ହୋଇଥିବା ରାଜୁଙ୍କ ପତ୍ନୀଙ୍କୁ ଉଦ୍ଧାର କରି ପ୍ରଥମେ ଆସିକା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମ୍କେସିଜି ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ଆକ୍ରମଣ ପରେ ଭୋବିନି ପାତ୍ର, ପତ୍ନୀ ଓ ପୁଅ ଫେରାର ହୋଇଯାଇଛନ୍ତି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍ ଉଦ୍ୟମ କରୁଛି। ଜମି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ସୁଭଦ୍ରାରୁ ବଞ୍ଚିତ ହିତାଧିକାରୀଙ୍କୁ ଟିପ୍ସ ଦେଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧୧ (**ମହାଭାରତ**): ନିର୍ବାଚନ ପରଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୩ଟି ପର୍ଯ୍ୟାୟରେ 'ସୁଭଦ୍ରା' ଯୋଜନାର ଟଙ୍କା ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗଲାଣି। ତଥାପି ଅନେକ ମହିଳା ଆବେଦନ କରିଥିଲେ ସୁଦ୍ଧା 'ସୁଭଦ୍ରା' ଟଙ୍କା ପାଇନାହାନ୍ତି। ଯାହାକୁ ନେଇ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରି ସ୍ଥିତିରେ 'ସୁଭଦ୍ରା' ପାଇନଥିବା ମହିଳାଙ୍କୁ ପରାମର୍ଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

ପ୍ରଭାତୀ ପରିଡ଼ା କହିଛନ୍ତି, ଗୋଟିଏ ଆକାଉଣ୍ଟ ସହ ଗୋଟିଏ ମୋବାଇଲ ନମ୍ବର ଲିଙ୍କ କରନ୍ତୁ। ରାଜ୍ୟର ପ୍ରାୟ ୫ ଲକ୍ଷ ଆବେଦନକାରୀଙ୍କର ବ୍ୟାଙ୍କ ସହ ଲିଙ୍କେଜ ହୋଇନି। ବ୍ୟାଙ୍କ ଆକାଉଣ୍ଟ-ଆଧାର-ମୋବାଇଲ ନମ୍ବର ମଧ୍ୟରେ ସମନ୍ୱୟ ନାହିଁ। ଯାହାର ଦୁଇ ତିନିଟି ଆକାଉଣ୍ଟ ରହିଛି, ସେମାନଙ୍କର ଏଭଳି ସମସ୍ୟା ହେଉଛି। ବ୍ୟାଙ୍କ ଯାଇ ଗୋଟିଏ ଆକାଉଣ୍ଟ ସହ ଗୋଟିଏ ମୋବାଇଲ ନମ୍ବର ଯୋଡ଼ନ୍ତୁ। ୨୪ ତାରିଖରେ ବାକି ଥିବା ହିତାଧିକାରୀଙ୍କୁ ଟଙ୍କା ମିଳିଯିବା କଥା। କେହି ବଞ୍ଚିତ ହେଲେ ୨୪ ତାରିଖ ପରେ ଗାଁ ଗାଁକୁ ଯିବ ଟିମ। ଅଙ୍ଗନବାଡ଼ି କର୍ମୀ ବ୍ୟକ୍ତିଗତ ଭାବେ ଯାଇ ଭେରିଫିକେସନ୍ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।



ରାଜ୍ୟ ସରକାରଙ୍କର ସବୁଠାରୁ ଲୋକାଭିମୁଖୀ ଯୋଜନା ହେଉଛି 'ସୁଭଦ୍ରା'। ନିର୍ବାଚନ ସମୟରେ ବିଜେପି 'ସୁଭଦ୍ରା' ଯୋଜନାକୁ ଅସ୍ତ୍ର କରି ବିଜେଡିର ଅଭେଦ୍ୟ ଗଡ଼ରେ ପ୍ରବେଶ କରିଥିଲା। ଆଉ ନିର୍ବାଚନର ବିଜୟୀ ହୋଇଥିଲା। ନିର୍ବାଚନରେ ବିଜୟୀ ହେବା ପରେ ପ୍ରତିଶ୍ରୁତି ମୁତାବକ ବିଜେପି ଅନେକ ଯୋଜନା କାର୍ଯ୍ୟକାରୀ କରିଛି। ହେଲେ ତା'ଠାରୁ ସବୁଠାରୁ ଲୋକାଭିମୁଖୀ ରହି 'ସୁଭଦ୍ରା'। ଇତି ମଧ୍ୟରେ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାରେ ୩ଟି ପର୍ଯ୍ୟାୟରେ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛି। ଏମିତି ୫ ବର୍ଷରେ ୫୦ ହଜାର ଟଙ୍କା ଦେବ ବୋଲି ବିଜେପି ମହିଳାଙ୍କୁ ପ୍ରତିଶ୍ରୁତି ଦେଇଛି।

# ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ

## ଡିସେମ୍ବର ୮ରେ ସୋହେଲା ସମାବେଶରେ ଚାଷୀଙ୍କୁ ଅତିରିକ୍ତ ୮୦୦ ଟଙ୍କା ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୧୧ (ମହାଭାରତ):** ଆସନ୍ତା ଡ଼ିସେମ୍ବର ୮ ତାରିଖରେ ବରଗଡ଼ ଜିଲ୍ଲାର ସୋହେଲାଠାରେ ରାଜ୍ୟସ୍ତରୀୟ ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହେବ। ରାଜ୍ୟର ବିଜେପି ସରକାର ନିଜର ପ୍ରତିଶ୍ରୁତି ଆଧାରରେ ସେହିଦିନଠାରୁ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଉପରେ କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଡିବିଟି ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ୨୦ରୁ ବରଗଡ଼ ଜିଲ୍ଲା ଓ ୨୨ରେ ସମ୍ବଲପୁର ଏବଂ ପରବର୍ତ୍ତୀ ସମୟରେ ଅନ୍ୟ ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହେଉଛି।



ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଆଗାମୀ ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଆଭାସୀ ଜରିଆରେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରିଛନ୍ତି। ତ୍ରୁଟିଶୂନ୍ୟ ଧାନ ସଂଗ୍ରହ ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକରୁ ଜଣାଯାଇଛି ଯେ, ଆସନ୍ତା ୨୦ ତାରିଖରେ ବରଗଡ ଜିଲ୍ଲାରୁ ଏହି ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ। ୨୨ ତାରିଖରେ ସମ୍ବଲପୁର ଏବଂ ପରେ ରାଜ୍ୟର ସବୁ ଜିଲ୍ଲାରେ ଏହି ଧାନ ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହେବ। ନଭେମ୍ବର ୨୦ ତାରିଖରୁ ଡିସେମ୍ବର ୭ ତାରିଖ ମଧ୍ୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ପ୍ରଦାନ କରାଯିବ।

ଡିସେମ୍ବର ମାସ ୮ ତାରିଖରେ ବରଗଡ ଜିଲ୍ଲା ସୋହେଲା ଠାରେ ଏକ ରାଜ୍ୟ ସ୍ତରୀୟ କୃଷକ ସମାବେଶ ଆୟୋଜନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ଧାନର କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ପ୍ରଦାନ କରିବେ। ଡିସେମ୍ବର ୮ ତାରିଖ ଠାରୁ ୨୩୦୦ ଟଙ୍କା ସହିତ ଅତିରିକ୍ତ ୮୦୦ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରଦାନ କରାଯିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧାନ ସଂଗ୍ରହ ପାଇଁ ଜିଲ୍ଲାପାଳମାନେ ନେଇଥିବା ପଦକ୍ଷେପକୁ ଆହୁରି ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କୁ ଟୋକେନ ପ୍ରଦାନ ୧୫ ତାରିଖରୁ ଆରମ୍ଭ ହେବ। ଜିଲ୍ଲାପାଳମାନେ ଚାହିଁଲେ ଟୋକେନର ସମୟସୀମାକୁ ୭ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। ସୀମାବର୍ତ୍ତୀ ଅଞ୍ଚଳରେ କ୍ୟାମେରା ସଂଯୁକ୍ତ ଥିବା ଯାନ ମାଧ୍ୟମରେ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଏବଂ ମଣ୍ଡିମାନଙ୍କରେ ସିସିଟିଭି ଲଗାଇବା ଓ କଟନି-ଛଟନିକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ, କୃଷ୍ଣଚନ୍ଦ୍ର ପାତ୍ର, ପ୍ରଦୀପ ବଳ ସାମନ୍ତଙ୍କ ସମେତ ମୁଖ୍ୟ ସଚିବ ମନୋଜ ଆହୁଜା, ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୋଲିସ ଏସ୍ଆଇଙ୍କ ପାଇଁ ଖୁସି ଖବର

ଭୁବନେଶ୍ୱର, ୧୩।୧୧ (**ମହାଭାରତ**); କୋହଳ ହେଲା ନିୟମ। ୭ ବର୍ଷ ପରେ ଜଣେ ସବ୍-ଇନ୍ସପେକ୍ଟର (ଏସ୍ଆଇ) ହୋଇପାରିବେ ଇନ୍ସପେକ୍ଟର। ଚଳିତ ବର୍ଷ ପାଇଁ ଏସ୍ଆଇମାନଙ୍କ ପଦୋନ୍ନତିକୁ ୧୦ ବର୍ଷରୁ ୭ ବର୍ଷକୁ ଖସାଇଛନ୍ତି ରାଜ୍ୟ ସରକାର। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି।

ଏସ୍ଆଇମାନଙ୍କ ପଦୋନ୍ନତି ନେଇ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଭଲ ଭାବେ ସମୀକ୍ଷା କରିବା ପରେ ରାଜ୍ୟ ସରକାର ଓଡ଼ିଶା ପୁଲିସ ମାନୁଆଲ ରୁଲରେ ଥିବା ନିୟମ ଅନୁଯାୟୀ ଚଳିତ ବର୍ଷ ପାଇଁ ଏସ୍ଆଇରୁ ଇନ୍ସପେକ୍ଟର ରାଙ୍କକୁ ପଦୋନ୍ନତି ପାଇଁ ମାନଦଣ୍ଡକୁ କୋହଳ କରିଛନ୍ତି। ଚାକିରି କରିବାର ୧୦ ବର୍ଷ ପରେ ଏସ୍ଆଇମାନେ ଇନ୍ସପେକ୍ଟର ହେଉଥିବା ବେଳେ ଚଳିତ ବର୍ଷ ଏହାକୁ ୭ ବର୍ଷକୁ ଖସାଇ ଦିଆଯାଇଛି। ଗୃହ ବିଭାଗର ବିଜ୍ଞପ୍ତି ଅନୁସାରେ, ୨୦୨୪ ଜାନୁଆରୀ ୧ ତାରିଖ ସୁଦ୍ଧା ଯେଉଁମାନେ ଲଗାତାର ୭ ବର୍ଷ ଏସ୍ଆଇ ଭାବେ କାର୍ଯ୍ୟ କରିସାରିଥିବେ ସେମାନଙ୍କୁ ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ଦେବା ପାଇଁ ବିଚାର କରାଯିବ।

# ଏନ୍ଏସି ଅଫିସରେ ବିଜେଡି କର୍ମୀଙ୍କ ଲଙ୍କାକାଣ୍ଡ

**ନୂଆପଡ଼ା, ୧୩।୧୧ (ମହାଭାରତ):** ନୂଆପଡ଼ା ଏନ୍ଏସି ଅଫିସରେ ବିଜେଡି କର୍ମୀ ମାନେ ପଶି ଗୁଣ୍ଡାଗର୍ଦ୍ଦି କରିବା ସହିତ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ କରିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଖୋଦ ବିଜେଡି ବିଧାୟକଙ୍କ ପୁଅ ପ୍ରରୋଚନାରେ ଓ ଉପସ୍ଥିତିରେ ଏହି ଅପ୍ରିତିକର ଘଟଣା ଘଟିଛି। ଏ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୋଲିସରେ ଏତାଲା ଦେଇଛନ୍ତି। ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ନୂଆପଡ଼ା ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଓ ତାଙ୍କ ସମର୍ଥକ ଖରିଆର ରୋଡ଼ରେ ଥିବା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାଶନ ରଥଙ୍କ ଅଫିସକୁ ଯାଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୂର୍ବତନ ମନ୍ତ୍ରୀଙ୍କ ପୁଅ ଜୟଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ବିଜେଡିର ଜଣେ କର୍ମୀ ହଠାତ୍ ରାଗି ଯାଇ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଟେବୁଲ ଉପରେ ଥିବା କାଗଜପତ୍ର ଫିଙ୍ଗିଥିଲେ। ତା ପରେ ଅନ୍ୟ କର୍ମୀ ମାନେ ଅଫିସର ଚେୟାର ଓ ଫାଇଲପତ୍ର ଫିଙ୍ଗାଫିଙ୍ଗି କରି ସେଠାରେ ଏକ ରଣକ୍ଷେତ୍ର ସୃଷ୍ଟି କରିଥିଲେ। ଏହି ଘଟଣା ଦେଖି କାର୍ଯ୍ୟନିର୍ବାହୀ ଅଧିକାରୀ ଜୀବନ ବିକଳରେ ଚେୟାର ଛାଡି ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ବିଜେଡି କର୍ମୀ ମାନେ ତାଙ୍କୁ ଅଟକାଇ ତାଙ୍କ ପ୍ରତି ଅଶାଳୀନ ବ୍ୟବହାର, ଠେଲାପେଲା କରିବା ଫଳରେ ସେ ଆହତ ହୋଇଛନ୍ତି। ସେଠାରେ ଉପସ୍ଥିତ ଥିବା ବିଜେଡିର ପୂର୍ବତନ ମନ୍ତ୍ରୀ ଓ ବିଧାୟକଙ୍କ ପୁଅ ଏହି ରଣକ୍ଷେତ୍ରକୁ ଉସକାଇ କର୍ମୀମାନଙ୍କୁ ଗଣ୍ଡଗୋଳ ବନ୍ଦ କରିବା ପାଇଁ ପଦେ ହେଲେ ପାଟି ଖୋଲି ନଥିଲେ।

## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି। ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ। ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି। ଏହାକୁ ଆପଣ ଗରମ ଗରମ ଖାଇପାରିବେ।



## ଖବର

# ଓସ୍କାର ଅଭିଯାନ ପୂର୍ବରୁ ବଦଳିଲା 'ଲାପତା ଲେଡିଜ'ର ନାମ



ଚେନ୍ନାଇରେ ଏକ ଇଭେଣ୍ଟ□ ସମୟରେ 'ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆ' କିରଣ ରାଓଙ୍କ ଫିଲ୍ମ 'ଲାପତା ଲେଡିଜ୍' ଓସ୍କାର ଆୱାର୍ଡ ୨୦୨୫ ପାଇଁ ମନୋନୀତ ହୋଇଥିବା ଘୋଷଣା କରିଥିଲା। ଏହି ଖୁସି ଖବର ଆସିବା ପରେ ଫିଲ୍ମର ନିର୍ଦ୍ଦେଶକ କିରଣ ରାଓ ଏବଂ ତାଙ୍କର ପୂରା ଟିମ୍ ଖୁସି ବ୍ୟକ୍ତ କରିଛନ୍ତି। ଏହି ଖୁସି ଖବର ମିଳିବା ପରେ ଏବେ ଓସ୍କାର ଅଭିଯାନ ପାଇଁ ପ୍ରସ୍ତୁତ ହେଉଛନ୍ତି କିରଣ ରାଓ। ଏହା ପୂର୍ବରୁ ଆମୀର ଏବଂ କିରଣ ଫିଲ୍ମର ଟାଇଟେଲରେ ଗୋଟିଏ ବଡ଼ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାଦ୍ୱାରା ଆନ୍ତର୍ଜାତୀୟ ସ୍ତରରେ ଲୋକେ ସହଜରେ ବୁଝିପାରିବେ ଏବଂ ଗ୍ରହଣ କରିପାରିବେ। ଆମୀରଙ୍କ ପ୍ରଡକ୍ସନ୍ ହାଉସର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫିଲ୍ମର ନୂଆ ନାମ ଘୋଷଣା କରାଯାଇଛି। ପୂର୍ବରୁ ଏହାର ନାମ 'ଲାପତା ଲେଡିଜ୍' ଥିବା ବେଳେ ଏବେ ଏହାର ନାମ 'ଲଷ୍ଟ ଲେଡିଜ୍' ରଖାଯାଇଛି। ସାରା ବିଶ୍ୱରେ ଚଳଚ୍ଚିତ୍ରର ପ୍ରଚ୍ଚର କରିବା ପାଇଁ ସେମାନେ ନାମ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ଫିଲ୍ମର ପୋଷ୍ଟର ସମାନ ଥିଲେ ବି ଏହାର ନାମ ବଦଳାଯାଇଛି।

## ମହର୍ଷି ଅଙ୍ଗିରା

ମନ୍ତ୍ରଦ୍ରଷ୍ଟା, ବ୍ରହ୍ମଜ୍ଞାନୀ, ପରମତେଜସ୍ୱୀ ମହର୍ଷି ଅଙ୍ଗିରା ଥିଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସପୁତ୍ର । ଥରେ ସେ କଠୋର ତପସ୍ୟା ଆରମ୍ଭ କଲେ । ଅନେକ ଦିନ ଧରି ତପସ୍ୟା ଜାରି ରଖିବାରୁ ତାଙ୍କର ତପୋବଳର ତେଜ ତିନିପୁରକୁ ବ୍ୟାପିଗଲା । ଦେବତାମାନେ ଚିନ୍ତିତ ହୋଇପଡ଼ିଲେ । ମାତ୍ର କିଛି କରିବାର ବାଟ ନଥିଲା। ମହର୍ଷି ଅଙ୍ଗିରାଙ୍କ ତପସ୍ୟାର ତେଜ ଦିନକୁ ଦିନ ବଢ଼ିଚାଲିଲା । ତାଙ୍କର ତେଜ ସମ୍ମୁଖରେ ଅଗ୍ନିଦେବଙ୍କ ତେଜ ମଧ୍ୟ ଫିକା ପଡ଼ିଗଲା । ସେ ସମୟରେ ଅଗ୍ନିଦେବ ଜଳ ମଧ୍ୟରେ ରହି ଧ୍ୟାନମଗ୍ନ ଥିଲେ । ମହର୍ଷି ଅଙ୍ଗିରାଙ୍କ ତେଜବୃଦ୍ଧି କଥା ସେ ଜାଣିପାରିଲେ । ଏହାପରେ ସେ ମହର୍ଷିଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ହାତଯୋଡ଼ି କହିଲେ, ହେ ମହର୍ଷି ! ଆପଣଙ୍କ ତପୋବଳର ତେଜ ଏବଂ ପ୍ରଭାବ ମୋର ତେଜ ଠାରୁ ଅଧିକ ହୋଇଯାଇଛି । ଏବେ ମୁଁ ମୋର ପରିଚୟ ହରାଇବାକୁ ବସିଛି । ଆପଣଙ୍କୁ ଏବେ ଜଗତବାସୀ ଅଗ୍ନି ବୋଲି କହିବେ। ଆପଣଙ୍କ ପରେ ମୋତେ ଦ୍ୱିତୀୟ ଅଗ୍ନି କହିବେ । ଆପଣଙ୍କ ସମ୍ମୁଖରେ ମୋର



ପ୍ରତିଷ୍ଠା ତୁଚ୍ଛ ହୋଇଯାଇଛି । ଅଗ୍ନିଦେବଙ୍କ କଥା ଶୁଣିବା ପରେ ମହର୍ଷି ଅଙ୍ଗିରା ତାଙ୍କୁ ଯଥାମାନ୍ୟ ଜଣାଇଲେ । ଏହାପରେ ସେ ଅଗ୍ନିଦେବଙ୍କୁ ସମସ୍ତ ଦେବତାଙ୍କ ପାଇଁ ଯଜ୍ଞର ହବି ଗ୍ରହଣ ଅଧିକାର ପ୍ରଦାନ କଲେ । ସେଦିନ ଠାରୁ ଯେତେବେଳେ ବି ଯଜ୍ଞ ଅଗ୍ନିରେ କୌଣସି ପବିତ୍ର ବସ୍ତୁ ଅର୍ପଣ କରାଯାଏ, ଅଗ୍ନିଦେବ ତାହାକୁ ଗ୍ରହଣ କରି ସମସ୍ତ ଦେବାଦେବୀଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏଥିସହିତ ଅଗ୍ନିଦେବଙ୍କୁ ମହର୍ଷି ଅଙ୍ଗିରା ପୁତ୍ର ରୂପେ ଗ୍ରହଣ କରିଥିଲେ । ମହର୍ଷି ଅଙ୍ଗିରା ପରମଜ୍ଞାନୀ ଥିଲେ । ସେ 'ଅଙ୍ଗିରାସ୍ମୃତି' ରଚନା କରିଯାଇଛନ୍ତି । ଯେଉଁଥିରେ ଧର୍ମାଚରଣ ନିମନ୍ତେ ବେଶ ଉପାଦେୟ ଶିକ୍ଷା ପୂରି ରହିଛି ।

# ଶିବଙ୍କ ଅଷ୍ଟରୂପ

ଶିବ ସ୍ୱୟଂ ପ୍ରକୃତିର ସ୍ୱରୂପ । ସେଥିପାଇଁ ଶିବଙ୍କ ଆଠ ପ୍ରକାର ସ୍ୱରୂପ ଶର୍ବ, ଭବ, ରୁଦ୍ର, ଉଗ୍ର, ଭୀମ, ପଶୁପତି, ଈଶାନ ଏବଂ ମହାଦେବ ମୂର୍ତ୍ତି ରହିଛି । ଏହି ମୂର୍ତ୍ତି ଭୂମି, ଜଳ, ଅଗ୍ନି, ବାୟୁ, କ୍ଷେତ୍ରଜ୍ଞ, ସୂର୍ଯ୍ୟ ଏବଂ ଚନ୍ଦ୍ରମାକୁ ନିୟନ୍ତ୍ରିତ କରିଥାନ୍ତି । -ଶର୍ବ ସ୍ୱରୂପରେ ଶିବ ସମଗ୍ର ଜଗତକୁ ଧାରଣ କରୁଥିବା ପୃଥ୍ୱୀମୟୀ ମୂର୍ତ୍ତିର ସ୍ୱାମୀ । ସେଥିପାଇଁ ଶିବଙ୍କ ଶାର୍ବୀ ପ୍ରତିମାଙ୍କୁ ମଧ୍ୟ ପୂଜା କରାଯାଇଥାଏ । ଶିବଙ୍କ ଆକାଶରୂପୀ ମୂର୍ତ୍ତି ହେଉଛି ଭୀମ । ଏହା ଦୁଷ୍ଟ ଏବଂ ତମସ ଗୁଣ ନାଶ କରି ଜଗତରେ ଶାନ୍ତି ବିରାଜମାନ କରିଥାଏ । ବାୟୁ ରୂପରେ ଶିବ ଜଗତକୁ ଗତି ପ୍ରଦାନ କରିଥାନ୍ତି ଏବଂ



ଲାଳନପାଳନ ମଧ୍ୟ କରିଥାନ୍ତି । ସେଥିପାଇଁ ସେ ଉଗ୍ର ସ୍ୱରୂପ ଧାରଣ କରିଛନ୍ତି । ଶିବଙ୍କ ଏହି ମୂର୍ତ୍ତି ଔଗ୍ର ନାମରେ ମଧ୍ୟ ପ୍ରସିଦ୍ଧ । ଶିବଙ୍କ ଜଳଯୁକ୍ତ ମୂର୍ତ୍ତି ଜଗତକୁ ପ୍ରାଣଶକ୍ତି ଏବଂ ଜୀବନ ପ୍ରଦାନ କରିଥାଏ । ସେଥିପାଇଁ ସେ ଭବ । ରୁଦ୍ର ହେଉଛି ଶିବଙ୍କ ସବୁଠୁ ଓଜସ୍ୱୀ ମୂର୍ତ୍ତି । ଏହା ସାରା ଜଗତର ଭିତରେ ଏବଂ ବାହାରେ ଥିବା ସମସ୍ତ ଶକ୍ତିର ଗତିବିଧି ମଧ୍ୟରେ ସ୍ଥିତ । ପଶୁପତି ହେଉଛନ୍ତି ସମସ୍ତ ଆତ୍ମାର ନିୟନ୍ତ୍ରକ । ସେ ପଶୁ ଅର୍ଥାତ୍ ଦୁର୍ଜ୍ଜନ ପ୍ରବୃତ୍ତିକୁ ନାଶ କରିଥାନ୍ତି । ସୂର୍ଯ୍ୟ ରୂପରେ ଆକାଶରେ ଚଳତ୍ମାନ ଥିବା ମହାଦେବଙ୍କ ଦିବ୍ୟ ମୂର୍ତ୍ତିକୁ ଈଶାନ କୁହାଯାଏ । ଚନ୍ଦ୍ର ରୂପକୁ ଶିବଙ୍କ ସାକ୍ଷାତ୍ ମୂର୍ତ୍ତି ବୋଲି ବିବେଚନା କରାଯାଇଥାଏ । ଚନ୍ଦ୍ର କିରଣ ଅମୃତ ସମାନ । ଚନ୍ଦ୍ର ରୂପରେ ଶିବଙ୍କ ଏହି ମୂର୍ତ୍ତି ମହାଦେବ ନାମରେ ପ୍ରସିଦ୍ଧ । ଏହି ମୂର୍ତ୍ତିର ସ୍ୱରୂପ ଅନ୍ୟ ମୂର୍ତ୍ତି ଠାରୁ ବ୍ୟାପକ ।

# କର୍ମ ବଡ଼ କି ଭାଗ୍ୟ ?



ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ କର୍ମ ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବିଶ୍ୱାସ, ଭାଗ୍ୟ ବୋଲି କିଛି ନାହିଁ । କିନ୍ତୁ ଭାଗ୍ୟବାଦୀ ଲୋକମାନେ କୁହନ୍ତି, ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ନିଶ୍ଚିତ ଭାବେ ମିଳିବ । ଅର୍ଥାତ୍ କର୍ମ ଏବଂ ଭାଗ୍ୟ ଏ ଦୁଇଟି ବିନ୍ଦୁ ଉପରେ ମନୁଷ୍ୟ ସର୍ବଦା ଭ୍ରମଣ କରିଥାଏ । ଦିନେ ତା'କୁ ଏ ଜଗତରୁ ବିଦାୟ ନେବାକୁ ହୋଇଥାଏ । ଭାଗ୍ୟ ଏବଂ କର୍ମକୁ ଭଲ ଭାବେ ଜାଣିବା ଲାଗି ପୁରାଣରେ ଅନେକ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଥରେ ଦେବର୍ଷି ନାରଦ ବୈକୁଣ୍ଠ ଧାମରେ ପହଞ୍ଚିଲେ । ସେଠାରେ ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ । ଶ୍ରୀହରିଙ୍କୁ ଦେବର୍ଷି ନାରଦ କହିଲେ, ପ୍ରଭୁ! ପୃଥିବୀରେ ଆପଣଙ୍କ ପ୍ରଭାବ କମ୍ ହେବାରେ ଲାଗିଛି । ଧର୍ମ ପଥରେ ଚାଲୁଥିବା ଲୋକମାନଙ୍କୁ ଭଲ ଫଳ ମିଳୁନାହିଁ । ହେଲେ ପାପ କରୁଥିବା ଲୋକମାନଙ୍କର ଭଲ ହେଉଛି । ଏହା ଶୁଣି ଶ୍ରୀହରି କହିଲେ, ଏହା ସତ୍ୟ ନୁହେଁ ଦେବର୍ଷି । ଯାହା ଘଟୁଛି ସେସବୁ ଭାଗ୍ୟ ବଳରୁ ସମ୍ଭବ ହେଉଛି । ନାରଦ କହିଲେ, ମୁଁ ଏବେ ଦେଖିକି ଆସିଲି । ପୃଥିବୀରେ ପାପୀ ଲୋକମାନଙ୍କୁ ଭଲ ଫଳ ମିଳୁଛି । କିନ୍ତୁ ଭଲ କାମ କରୁଥିବା ଲୋକ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଖରାପ ଫଳ ପ୍ରାପ୍ତ ହେଉଛି । ଭଗବାନ କହିଲେ, ତୁମେ ସେମିତି କିଛି ଘଟଣା ସମ୍ପର୍କରେ ମୋତେ କହିପାରିବ କି? ନାରଦ କହିଲେ, ମୁଁ ଏବେ ଏକ ଜଙ୍ଗଲ ଦେଇ ଆସିଲି । ସେଠାରେ ଗୋଟିଏ ଗାଇ ପଙ୍କରେ ଫସିଥିଲା । ତା'କୁ ରକ୍ଷା କରିବା ଲାଗି କେହି ନଥିଲେ । ଏହି ସମୟରେ ଏକ ଚୋର ସେହି ରାସ୍ତା ଦେଇ ଗଲା । ଗାଇକୁ ପଙ୍କରେ ଫସିଥିବା ଦେଖି ସେ ଅଟକିଲା ନାହିଁ । ଓଲଟି ଗାଇ ଉପରେ ପାଦ ରଖି ପଙ୍କରୁ ଉଦ୍ଧାର ପାଇ ଚାଲିଗଲା। ଆଗକୁ ଯିବା ପରେ ଚୋର ସୁନା ମୋହର ଭର୍ତ୍ତି ଏକ ଥଳୀ ପାଇଲା।

କିଛି ସମୟ ପରେ ଜଣେ ବୃଦ୍ଧ ସାଧୁ ସେହି ରାସ୍ତା ଦେଇ ଗଲେ । ସେ ପଙ୍କରେ ଫସିଥିବା ଗାଇକୁ ଉଦ୍ଧାର କରିବା ଲାଗି ସମ୍ପୂର୍ଣ୍ଣ ଉଦ୍ୟମ କଲେ । ଶରୀରର ସମସ୍ତ ବଳ ଖଟାଇ ଗାଇକୁ ବଞ୍ଚାଇଦେଲେ। ହେଲେ ଗାଇକୁ ଉଦ୍ଧାର କରି କିଛି ବାଟ ଯିବା ପରେ ସେ ଏକ ଗାତରେ ଖସିପଡ଼ିଲେ । ପ୍ରଭୁ! କୁହନ୍ତୁ ଏହା କିପରି ନ୍ୟାୟ ? ନାରଦ ପଚାରିଲେ । ତାଙ୍କ କଥା ଶୁଣି ପ୍ରଭୁ କହିଲେ, ତୁମେ ଯାହା ଭାବୁଛ ତାହା ଭୁଲ କଥା । ଯେଉଁ ଚୋର ଗାଇକୁ ଛାଡ଼ି ଦେଇ ଚାଲିଯାଇଥିଲା, ତା' ଭାଗ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଲେଖାଥିଲା। ହେଲେ ଏହି କର୍ମ ଯୋଗୁ ସେ ଯେଉଁ ପାପ ଅର୍ଜନ କଲା ତା'ଦ୍ୱାରା ସେ ମାତ୍ର କିଛି ସ୍ୱର୍ଣ୍ଣ ମୁଦ୍ରା ପାଇଲା। ଅନ୍ୟପକ୍ଷରେ ସାଧୁ ଜଣକ ଗାଇକୁ ଉଦ୍ଧାର କରି ଖାତରେ ପଡ଼ିବାର ଅର୍ଥ ହେଉଛି, ତାଙ୍କ ଭାଗ୍ୟରେ ମୃତ୍ୟୁ ଲେଖାଥିଲା। ହେଲେ ଗାଇକୁ ବଞ୍ଚାଇଥିବା କାରଣରୁ ତାଙ୍କର ପୂଣ୍ୟବଳ ବୃଦ୍ଧି ପାଇଲା। ସେ ସହଜ ମୃତ୍ୟୁବରଣ କଲେ ଏବଂ ସାଂସାରିକ ଚକ୍ରରୁ ମୁକ୍ତି ପାଇବାରେ ସକ୍ଷମ ହେଲେ। ନିଜ ଜୀବନକୁ ଈଶ୍ୱରଙ୍କ ପ୍ରତି ସମର୍ପି ଦେଇଥିବା ସାଧୁ ଜଣକ ବୋଧହୁଏ ଏହା ହିଁ ଚାହୁଁଥିଲେ। ତେଣୁ ମନୁଷ୍ୟ କର୍ମ ବେଳେ ବେଳେ ତା'ର ଭାଗ୍ୟ ବଦଳାଇ ଦେଇଥାଏ।

ନାରଦ ଏଥର ବୁଝିପାରିଲେ, ମନୁଷ୍ୟ ନିରନ୍ତର କର୍ମ କରିବା ଆବଶ୍ୟକ, କାରଣ କର୍ମ ଭାଗ୍ୟ ବଦଳାଇବାରେ ସହାୟକ ହୁଏ ।

# ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ

ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗକୁ



ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି। ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗକୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗକୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗକୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗକୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ 'ଉଭବ' ଉଦଘାଟିତ

ଭୁବନେଶ୍ୱର,୧୩।୧୧ (ମହାଭାରତ): ପ୍ରଥମ ଥର ଓଡ଼ିଶାରେ ଆରମ୍ଭ ହୋଇଯାଇଛି ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ ୨୦୨୪- 'ଉଭବ'। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଯୋଗ ଦେଇ ଏକଲବ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଛନ୍ତି। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଜନଜାତି ମନ୍ତ୍ରାଳୟ ରାଜ୍ୟମନ୍ତ୍ରୀ ଦୁର୍ଗାଦାସ ଉଇକେ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଛନ୍ତି।

ଜାତୀୟସ୍ତରୀୟ ଏହି କଳା ଉତ୍ସବକୁ ଶୁଭାରମ୍ଭ କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ସଫଳ କରିବା ଉଦ୍ଦେଶ୍ୟରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଗଠନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରୟାସରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଦେଶରେ ବ୍ୟାପକ କରାଯାଇଛି। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଦେଶର ଏକ ନମ୍ବର ବିଦ୍ୟାଳୟ ରୂପରେ ଗଢ଼ି ତୋଳିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଏଥିସହିତ ଜାତୀୟସ୍ତରୀୟ ଏହି ସାଂସ୍କୃତିକ ଓ କଳାତ୍ମକ କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗରେ ସଫଳ କରିବା ପାଇଁ ସେ ଆହ୍ୱାନ କରିଥିଲେ।

ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟମନ୍ତ୍ରୀ ଦୁର୍ଗାଦାସ ଉଇକେ ଏଭଳି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିଥିଲେ। ଏକଲବ୍ୟଙ୍କ ଆଦର୍ଶକୁ ନିଜ ଜୀବନରେ ପ୍ରତିଫଳିତ କରିବାକୁ ସେ ପରାମର୍ଶ ଦେବା ସହ ଏହି ଭଳି ଉତ୍ସବଗୁଡ଼ିକର ଆୟୋଜନ ଦ୍ୱାରା ପରସ୍ପର ମଧ୍ୟରେ ଭାବ ବିନିମୟ ବୃଦ୍ଧି ପାଇଥିବା ସେ କହିଛନ୍ତି। ନିଜ ନିଜ ଅଂଚଳର ଲୋକକଳା, ସଂସ୍କୃତି, ସଙ୍ଗୀତ, ସାହିତ୍ୟକୁ ଏଠାରେ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରଦର୍ଶନ କରିବାକୁ ସୁଯୋଗ ମିଳିପାରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଆଦିବାସୀ ସମାଜରେ ଶିକ୍ଷାର ପ୍ରଚାରପ୍ରସାର ଗୁରୁତ୍ୱ ବିଷୟରେ ଆଲୋଚନା କରିଛନ୍ତି। ଜନଜାତି ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏକ ଚମତ୍କାର ପରିକଳ୍ପନା। ଜନଜାତିଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବେ ଦେଶର ପ୍ରତ୍ୟେକ ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ଏକ ବିଶେଷ ଉପଲବ୍ଧି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ମିଶନ ଶକ୍ତି କାଫେର ଶୁଭ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୧୧ (ମହାଭାରତ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିମାପଡା ଗସ୍ତ ଅବସରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସକାଳେ ନିମାପଡା ଠାରେ ତେରୁଣ୍ଡିଅ। ଗ୍ରାମଦେବତୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ କୁରୁକୁଣ୍ଡାଠାରେ ସ୍ଥାନୀୟ ଜନସାଧାରଣଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଉପମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ପରେ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମିଶନ ଶକ୍ତି କାଫେର ଶୁଭ ଉଦ୍‌ଘାଟନରେ ଯୋଗଦେଇ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ସହ ଏହି କାଫେ ମିଶନ ଶକ୍ତି ମା'ମାନଙ୍କ ଅର୍ଥନୈତିକ ସଶକ୍ତିକରଣ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଏହି କାଫେ ମେଡିକାଲକୁ ଆସୁଥିବା ରୋଗୀ ଏବଂ ତାଙ୍କର ପରିବାର ବର୍ଗଙ୍କୁ ଅଧିକ ସହାୟକ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। କାର୍ଯ୍ୟକ୍ରମରେ ନିମାପଡା ବିଜ୍ଞପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାମିଲ ଥିଲେ। ମିଶନ ଶକ୍ତି କାଫେର ଶୁଭ ଉଦ୍‌ଘାଟନ କରିବା ସହ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବାରେ କିପରି ଉନ୍ନତି ହେବ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସୁବିଧା ଯୋଗାଇଦେବା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ଶ୍ରୀମତୀ ପରିଡା। ସେହିପରି ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ଆୟୋଜିତ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କରିଥିଲେ ଉପମୁଖ୍ୟମନ୍ତ୍ରୀ। ପରେ ପଞ୍ଚାୟତ ସମିତି, ନିମାପଡ଼ା ସ୍ଥିତ ସମ୍ମିଳନୀ କକ୍ଷରେ ନିମାପଡ଼ା ଏବଂ ଗୋପ ବ୍ଲକର ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର କର୍ମଚାରୀମାନଙ୍କ ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ନିମାପଡା ଗସ୍ତ ଅବସରରେ କୁଆଁରପୁର ସ୍ଥିତ ବାଣିଶ୍ରୀ କଲେଜର ଦିବ୍ୟାଙ୍ଗ ଛାତ୍ର ମଣ୍ଟୁ ଜେନାଙ୍କୁ ଏକ ବ୍ୟାଟେରୀ ଚାଳିତ ତିନିଚକିଆ। ସାଇକେଲ ଯୋଗାଇ ଦେବା ସହ ମହାପ୍ରଭୁଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା।




# ଓଏନ୍‌ଡ଼ିସି ପ୍ଲାଟଫର୍ମରେ ଯୋଡ଼ିହେଲା କ୍ଚୁଟ୍

ଭୁବନେଶ୍ୱର,୧୩।୧୧ (ମହାଭାରତ): କ୍ୟାପିଟାଲ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ ଓପନ୍ ନେଟୱାର୍କ ଫର୍ ଡିଜିଟାଲ୍ କମର୍ସ ପ୍ଲାଟଫର୍ମରେ ଡିଜିଟାଲ୍ ଟିକେଟ୍ ବିକ୍ରେତା ଭାବରେ ପଞ୍ଜିକୃତ ହୋଇଛି। ଯାତ୍ରୀମାନଙ୍କ ପାଇଁ ଯାତାୟାତ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ କ୍ଚୁଟ୍‌ର ନିରନ୍ତର ପ୍ରତିବଦ୍ଧତା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଏନ୍‌ଡ଼ିସି ପ୍ଲାଟ୍‌ଫର୍ମରେ ଯୋଡ଼ିହେବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ, କ୍ଚୁଟ୍ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏନ୍. ଥିରୁମାଲା ନାୟକ, ଓଏନ୍‌ଡ଼ିସିର ଉପସଭାପତି ନିତିନ ନାୟାର ପ୍ରମୁଖଙ୍କ ଉପସ୍ଥିତିରେ ମୋ ବସ୍‌ର ଏକ ଅନ୍‌ଲାଇନ୍ ଟିକେଟ୍ ଚାଲୋ ଆପ୍ ମାଧ୍ୟମରେ କଟାଯାଇଥିଲା। ଓଏନ୍‌ଡ଼ିସି ସହିତ କ୍ଚୁଟ୍‌ର ଏକୀକରଣ ଦ୍ୱାରା, ମୋ ବସ୍‌ର ନିଜସ୍ୱ ଆପ୍ ସହିତ ଅନ୍ୟ ଡ଼ିଜିଟାଲ୍ ସାଇଟ୍ ମାଧ୍ୟମରେ ମଧ୍ୟ ଯାତ୍ରୀମାନେ ଅନ୍‌ଲାଇନ୍ ଟିକେଟ୍ କ୍ରୟ କରି ମୋ ବସ୍‌ରେ ଯାତ୍ରା କରିପାରିବେ।



ଏହାଫଳରେ ପେପର୍ ଟିକେଟ୍ ଅପେକ୍ଷା ଡିଜିଟାଲ୍ ଟିକେଟିଂରେ ବୃଦ୍ଧି ହେବ।

ଓଏନ୍‌ଡ଼ିସି ଇକୋସିଷ୍ଟମରେ ଯୋଡ଼ିହୋଇ କ୍ଚୁଟ୍ ଯାତ୍ରୀମାନଙ୍କ ପାଇଁ ଟିକେଟ୍ କ୍ରୟକୁ ସରଳ, ସୁଗମ ଏବଂ ସହରାଂଚଳ ଜନ ପରିବହନକୁ ଯାତ୍ରୀ ଅନୁକୂଳ କରିଥାଏ। କ୍ଚୁଟ୍ ଯାତ୍ରୀମାନଙ୍କ ଆବଶ୍ୟକତା ଅନୁଯାୟୀ ବାସ୍ତବ ସମୟରେ ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଚାଲୋ ମୋବିଲିଟି ପ୍ରାଇଭେଟ୍ ଲିମିଟେଡ୍ ହେଉଛି ଏହି ପ୍ଲାଟଫର୍ମର ପ୍ରଥମ କ୍ରେତା। ଏଥିରେ ଯାତ୍ରୀମାନଙ୍କୁ ଅନ୍‌ଲାଇନ୍ ଟିକେଟ୍ କରିବାର ବିକଳ୍ପ ରହିଛି। ଜଣେ ସାଧାରଣ ଯାତ୍ରୀ ଯେକୌଣସି ଓଏନ୍‌ଡ଼ିସି ଅନୁରୂପ ଆପ୍ ମାଧ୍ୟମରେ ମୋ ବସ୍ ଅନ୍‌ଲାଇନ୍ ଟିକେଟ୍ କ୍ରୟ କରିପାରିବ। କ୍ଚୁଟ୍ ମୋ ବସ୍ ସେବାର ଡିଜିଟାଲ୍ ଅଫଗୁଡ଼ିକୁ ବର୍ଦ୍ଧିତ କରିବାର ଯୋଜନା ଜାରୀ ରଖିଛି। ଆଗାମୀ ଦିନରେ ଜନସାଧାରଣଙ୍କ ଯାତାୟାତ ଅଭିଜ୍ଞତା ବୃଦ୍ଧି କରିବା ପାଇଁ ଅନ୍ୟ ସଂସ୍ଥା ସହିତ ମିଳିତ ସହଯୋଗରେ ଭାରତର ଜନ ପରିବହନ କ୍ଷେତ୍ରରେ ଅଧିକ ପରିବର୍ତ୍ତନ ଆଣିବାକୁ ମଧ୍ୟ ଲକ୍ଷ୍ୟ ରଖିଛି।

# ରେଡ଼କ୍ରସ୍ ନୂତନ ସଚିବଙ୍କୁ ସ୍ୱାଗତ

ଭୁବନେଶ୍ୱର,୧୩।୧୧ (ମହାଭାରତ): ଅବସରପ୍ରାପ୍ତ ଆଇଏଏସ୍ ଅଫିସର୍ ଗଣେଶ ଚନ୍ଦ୍ର ପାତ୍ର ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ନୂତନ ଅବୈତନିକ ସଚିବ ଭାବେ ନିଯୁକ୍ତି ପାଇବା ପରେ ଆଜୀବନ ସଦସ୍ୟ ସଦସ୍ୟା ମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରେଡକ୍ରସ ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ନୂତନ ସଚିବ ଶ୍ରୀ ପାତ୍ରଙ୍କୁ ବରିଷ୍ଠ ଆଜୀବନ ସଦସ୍ୟ



ଡ. ଦ୍ୱାରିକାନାଥ ମହାନ୍ତି, ମଞ୍ଜୁଳା ତ୍ରିପାଠୀ, ଆଶାଲତା ଦାଶ ଓ ମମତା ପାଢ଼ୀ ପ୍ରମୁଖ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ପୋଲିସ କମିସନରେଟ ରେଡକ୍ରସ୍ ଶାଖାର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ। ରେଡକ୍ରସ୍‌ର ନାମ ଉଚ୍ଚା କରିବା ପାଇଁ ଆଜୀବନ ସଦସ୍ୟ ସଦସ୍ୟା ମାନଙ୍କୁ ରାଜ୍ୟ ରେଡକ୍ରସ ସହିତ ଯୋଡି ହୋଇ କାମ କରିବାକୁ ସଚିବ ଆହ୍ୱାନ କହିଥିଲେ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ପ୍ରଶିକ୍ଷଣ

ଭୁବନେଶ୍ୱର,୧୩।୧୧ (ମହାଭାରତ): ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀ ମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନଭେମ୍ବର ୧୨ ଓ ୧୩ ଅର୍ଥାତ ଦୁଇଦିନ ଧରି ଅନୁଷ୍ଠିତ ହେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ ପ୍ରଶିକ୍ଷଣ ନେଉଥିବାର ସୂଚନା ମିଳିଛି।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ 'ପ୍ରଶିକ୍ଷଣ ପୁସ୍ତିକା' ଶ୍ରୀ ଆଚାର୍ଯ୍ୟଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ନିଜର ଅଭିଭାଷଣରେ ଶ୍ରୀ ଆଚାର୍ଯ୍ୟ ସମସ୍ତ ପ୍ରଶିକ୍ଷାର୍ଥୀ ଓ ବିଶେଷଜ୍ଞମାନଙ୍କୁ ସାଧୁବାଦ ଜଣାଇବା ସହିତ ଓଡ଼ିଆ ଅସ୍ମିତା ପ୍ରତିଷ୍ଠାରେ ଓଡ଼ିଆ ଭାଷାର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ଭାଷାର ମୌଳିକତା ଏବଂ ଶାସ୍ତ୍ରୀୟତା ପାଇଁ ସେ ବୁଦ୍ଧିଜୀବୀ ଏବଂ ସାରସ୍ୱତ ସ୍ରଷ୍ଟାମାନଙ୍କୁ ସାଧୁବାଦ ଜଣାଇଥିଲେ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସେ ସମସ୍ତ ଅଧିକାରୀ ମାନଙ୍କୁ କହିଥିଲେ ସରକାରୀ କାର୍ଯ୍ୟରେ ଅଧିକାରୀମାନେ ଯେପରି ସଠିକ୍ ଓ ନିର୍ଭୁଲ ଭାବେ ଓଡ଼ିଆ ଭାଷାକୁ ପ୍ରୟୋଗ କରିପାରିବେ ସେଥିପାଇଁ ଏହି ଶିବିରର ଆୟୋଜନ କରାଯାଇଛି। ତେଣୁ ସମସ୍ତ ଅଧିକାରୀମାନେ ଧ୍ୟାନ ସହକାରେ ପ୍ରଶିକ୍ଷଣ ନେବାପାଇଁ ସେ କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଏହିଭଳି ଶିବିର ଆୟୋଜନ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ଆଚାର୍ଯ୍ୟ ମତପ୍ରକଶ କରିଥିଲେ।

ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଡ଼. ଫଣୀନ୍ଦ୍ର ଭୂଷଣ ନନ୍ଦ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସବିଶେଷ ତଥ୍ୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ଦିନରେ ପ୍ରଶିକ୍ଷାର୍ଥୀମାନଙ୍କୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ।

ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଶବ୍ଦ ଭଣ୍ଡାରର ବ୍ୟାବାହାରିକ ରୂପ, ପ୍ରଶାସନିକ ଶବ୍ଦ ଚୟନ, ଓଡ଼ିଆ ଭାଷାରେ ଆଦେଶନାମା, ଟିପ୍ପଣୀ ଓ ଚିଠା ଆଦିର ପ୍ରସ୍ତୁତି, କମ୍ପ୍ୟୁଟର ମାଧ୍ୟମରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଆଜି ପ୍ରଥମ ଦିନରେ ବିଶିଷ୍ଟ ଭାଷାବିତ୍ ଡ଼. କୈଳାସ ଚନ୍ଦ୍ର ଟିକାୟତରାୟ ଏବଂ ଡ଼. ରମେଶ ଚନ୍ଦ୍ର ମଲ୍ଲିକଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଓଡ଼ିଆ ଭାଷାରେ ସୁନାମ ଓ ଦକ୍ଷତା ହାସଲ କରିବା ବ୍ୟକ୍ତିବିଶେଷ ଏବଂ ଓଡ଼ିଆ ଭରଚୁଆଲ୍ ଏକାଡେମୀ ତରଫରୁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# ପଲିସୀବଜାର ପକ୍ଷରୁ କ୍ଲେମ ଆସ୍ୟୁରାନ୍ସ ପ୍ରୋଗ୍ରାମ ଦ୍ୱାରା କାର୍ କ୍ଷୟ କ୍ଷତିର ତ୍ୱରିତ ସମାଧାନ

ଭୁବନେଶ୍ୱର,୧୩।୧୧ (ମହାଭାରତ): ତ୍ୱରିତ ଏବଂ ଅଗ୍ରାଧିକାର ଭିତ୍ତିରେ ଦାବି ସମାଧାନ ସମର୍ଥନ ବ୍ୟବସ୍ଥାର ଆବଶ୍ୟକତାକୁ ହୃଦବୋଧ କରି ପଲିସୀବଜାର ମୋଟର ଯାନ ବୀମା ଦାବିଗୁଡ଼ିକର ସମାଧାନ ତ୍ୱରାନ୍ୱିତ କରିବାକୁ ଏହାର କ୍ଲେମ୍ ଆସ୍ୟୁରାନ୍ସ ପ୍ରୋଗ୍ରାମ ପ୍ରଚଳନ କରିଛି। ୧୦୦୦ରୁ ଅଧିକ ପିନ୍‌କୋଡରେ ମଜଭୁତ ଉପସ୍ଥିତି ଥିବା ପଲିସୀବଜାର ମେଟ୍ରୋ ଏବଂ ଟିୟର ୨ ଓ ୩ ଅଞ୍ଚଳଗୁଡ଼ିକ ଉପରେ ଦୃଷ୍ଟିନିବଦ୍ଧ କରୁଛି। ଦାବିଗୁଡ଼ିକର ଉପସ୍ଥାପନ ଓ ସମାଧାନ ନିମନ୍ତେ ନିଜର ଏକାନ୍ତ ପ୍ରତିବଦ୍ଧତା ଜାରିରଖି ଏହି ବ୍ରାଣ୍ଡ୍ ସମସ୍ତ ବର୍ଗରେ ଏହାର ଦାବି ସହାୟତା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଏକାଧିକ ପଦକ୍ଷେପ ହାତକୁ ନେଇଛି। କମ୍ପାନୀ ମଧ୍ୟ ଦାବି ପ୍ରକ୍ରିୟାକରଣ ତ୍ୱରାନ୍ୱିତ କରିବାକୁ ନିଆଯାଉଥିବା ପ୍ରୟାସଗୁଡ଼ିକ ସମ୍ପର୍କରେ ସଚେତନତା ବୃଦ୍ଧି କରିବାକୁ ବ୍ରାଣ୍ଡ୍ ପକ୍ଷରୁ ନୂତନ ବିଜ୍ଞାପନ ଅଭିଯାନ ଶୁଭାରମ୍ଭ କରାଯାଇଛି। ଫେଣ୍ଡର ବଙ୍କା ହେବାଠାରୁ ନେଇ ଏକ ସାଂଘାତିକ ଧକ୍କା ପର୍ଯ୍ୟନ୍ତ ଏକ ଦୁର୍ଘଟଣାର ସମ୍ମୁଖୀନ ହେବା ସମ୍ପୂର୍ଣ୍ଣ ଭାବରେ ଏକ ଭୟାନକ ଅନୁଭୂତି ହୋଇପାରେ। ସବୁର ଉପରେ ଜଣେ ଯେଉଁ ଶେଷ ବିଷୟଟି ଆବଶ୍ୟକ କରନ୍ତି ତାହା ହେଉଛି ଏକ ଜଟିଳ ଏବଂ ସମୟସାପେକ୍ଷ ଦାବି ସମାଧାନ ପ୍ରକ୍ରିୟା ସହଜ ଓ ସରଳ ହେବା। ଶୀଘ୍ର ଏବଂ ଫଳପ୍ରଦ ଦାବି ସମାଧାନକୁ ସୁଗମ କରିବା ଏକ ଅଗ୍ରାଧିକାର କ୍ଷେତ୍ର ହୋଇ ରହିଆସିଛି ଯାହା ଉପରେ ପଲିସୀବଜାର ନିରଳସ ଭାବରେ କାର୍ଯ୍ୟ କରୁଛି। ଗ

# କର୍ତ୍ତବ୍ୟ ନିର୍ବାହ ସମୟରେ ସତର୍କତା ପାଇଁ ଲୋକୋ ପାଇଲଟ ପୁରସ୍କୃତ

ଭୁବନେଶ୍ୱର,୧୩।୧୧ (ମହାଭାରତ): ରାୟପୁର ରେଳ ମଣ୍ଡଳର ପଣ୍ୟବାହୀ ଟ୍ରେନ୍ ଲୋକୋ ପାଇଲଟ୍ ସନ୍ଦୀପ ପାଟିଲ୍ ଏବଂ ସହ-ଲୋକୋ-ପାଇଲଟ୍ ତୋରଣ ଲାଲ୍ ସାହୁ ସେମାନଙ୍କ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ସତର୍କତା ପାଇଁ ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।

ମଣ୍ଡଳ ରେଳବାଇ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଏହି ପ୍ରଦର୍ଶନ ପାଇଁ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ସମ୍ବଲପୁର ରେଳ ମଣ୍ଡଳର ଅନ୍ୟ ଶାଖା ଅଧିକାରୀଙ୍କ ଉପସ୍ଥିତିରେ ଉଭୟ ଲୋକୋ ପାଇଲଟମାନଙ୍କୁ ନଗଦ ରାଶି ଏବଂ ମେରିଟ ସାର୍ଟିଫିକେଟ୍ ସହିତ ପୁରସ୍କୃତ କରି ସେମାନଙ୍କୁ ସମ୍ମାନିତ କରିଥିଲେ। ଲୋକୋ ପାଇଲଟ ଦ୍ୱୟ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରୁଥିବାବେଳେ, ପଣ୍ୟବାହୀ ଟ୍ରେନ ଚାଳକ ଶ୍ରୀ ପାଟିଲ ଏବଂ ଶ୍ରୀ ସାହୁ ୧୦.୧୧.୨୦୨୪ ରାତ୍ରି ପ୍ରାୟ ୦୮ ଘ.୪୦ ମି.ରେ ନୂଆପଡା ରୋଡ୍ ଏବଂ ଖରିଆର ରୋଡ୍ ରେଳ ଷ୍ଟେସନ ମଧ୍ୟରେ ଡାଉନ୍ ଲାଇନ୍ ଟ୍ରାକରେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଉଭୟ ଲୋକୋ-ପାଇଲଟ ଟ୍ରେନକୁ ଅଟକାଇ ଷ୍ଟେସନ କର୍ମଚାରୀଙ୍କୁ ଜଣାଇଥିଲେ। ତୁରନ୍ତ ରେଳ କର୍ମଚାରୀଙ୍କ ଦ୍ୱାରା ଟ୍ରାକରୁ ପଥରଗୁଡ଼ିକ ହଟାଯାଇଥିଲା ଏବଂ ତା'ପରେ ପଣ୍ୟବାହୀ ଟ୍ରେନ୍ ସୁରକ୍ଷିତ ଭାବରେ ତାହାର ଯାତ୍ରା କରିଥିଲା।

ଜିଆରପି ଟିଟିଲାଗଡ଼ ପୋଲିସ ଷ୍ଟେସନ ଅଧୀନରେ ଏହି ସମ୍ବନ୍ଧରେ ଏଫଆଇଆର ଦାଖଲ କରାଯାଇଛି ବର୍ତ୍ତମାନ ମାମଲା ତଦନ୍ତ ପରିସରଭୁକ୍ତ ଅଛି। ରାତ୍ରି ପ୍ରାୟ ୦୮ ଘ.୩୫ ମି.ରେ ବନ୍ଦେ ଭାରତ ଏକ୍ସପ୍ରେସର ସ୍ଥିତି ଲଖନା ଷ୍ଟେସନରେ ଥିଲା ଯାହାକି ନୂଆପଡା ରୋଡ ଠାରୁ ପ୍ରାୟ ୧୪ କିଲୋମିଟର ଦୂରରେ ଏକ ଭିନ୍ନ (ଟଚ) ଲାଇନରେ ଥିଲା। କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ଲୋକୋ ପାଇଲଟଙ୍କ ସତର୍କତା ପ୍ରଶଂସା ଯୋଗ୍ୟ। କାରଣ ସେମାନଙ୍କର ଶୀଘ୍ର କାର୍ଯ୍ୟକଳାପ ପ୍ରମୁଖ ଦୁର୍ଘଟଣାକୁ ରୋକିବାରେ, ଉଭୟ ମାନବ ଜୀବନ ଏବଂ ଟ୍ରେନର ସୁରକ୍ଷା ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।



# ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ସୁଦୃଢ଼ ଆର୍ଥିକ କାର୍ଯ୍ୟଦକ୍ଷତା ଏବଂ ଦୃଢ଼ ଅଭିବୃଦ୍ଧି ରିପୋର୍ଟ

ଭୁବନେଶ୍ୱର,୧୩।୧୧ (ମହାଭାରତ): ଭାରତର ପ୍ରଥମ ତାଲିକାଭୁକ୍ତ ରିଟେଲ୍ ରିଟ୍ ୫୪୩୯୧୩ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ ୨୦୨୪ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୟମାସର ଫଳାଫଳ ପ୍ରକାଶ କରିଛି। ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦଲିପ ସେହଗଲ କହିଛନ୍ତି, 'ଆମେ ଆର୍ଥିକ ବର୍ଷ ୨୦୨୫ ର ଦ୍ୱିତୀୟ ତ୍ରୟମାସରେ ଆର୍ଥିକ ପ୍ରଦର୍ଶନ ଦେଖିଛୁ ଏବଂ ମଧ୍ୟମ ଉପଭୋକ୍ତା ପରିବେଶରେ ଖୁଚୁରା ନିଟ୍ ଅପରେଟିଂ ଆୟ ଅଭିବୃଦ୍ଧି ବାର୍ଷିକ ୫% ରହିଛି। ଏହି ପ୍ରଦର୍ଶନ କୁ ଦୃଷ୍ଟିରେ ରଖି ଆର୍ଥିକ ବର୍ଷ ୨୫ ଆକଳନ ଅନୁଯାୟୀ ୩,୦୪୧ ନିୟୁତ ଟଙ୍କାର ପଞ୍ଚମ ବଣ୍ଟନ ଘୋଷଣା କରି ଆମେ ଆନନ୍ଦିତ। ୨୦୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସର ଏକ ଦୃଢ଼ ଆରମ୍ଭ ସହିତ, ଯେଉଁଥିରେ ଆମେ ଅକ୍ଟୋବର ୨୪ରେ ୧୮% ଉପଭୋକ୍ତା ଅଭିବୃଦ୍ଧି ଦେଖିଛୁ, ଆମେ ଆର୍ଥିକ ବର୍ଷ ୨୫ର ଦ୍ୱିତୀୟାର୍ଦ୍ଧରେ ଦୃଢ଼ ପ୍ରଦର୍ଶନ ଆଶା କରୁଛୁ। ଅକ୍ଟୋବର ୨୭ରେ ଦୀପାବଳି ପର୍ଯ୍ୟନ୍ତ ଆମେ ଆମର ସର୍ବାଧିକ ଗୋଟିଏ ଦିନ ବିକ୍ରି ରେକର୍ଡ କରିଛୁ। ଅଜୈବିକ ଅଭିବୃଦ୍ଧି କ୍ଷେତ୍ରରେ ଆମେ ଭେଗା ସିଟି ମଲ୍‌କୁ ଅଧିଗ୍ରହଣ କରିବାକୁ ଘୋଷଣା କରିଛୁ, ଯାହା ଏକ ସମୃଦ୍ଧ ଦକ୍ଷିଣ ବେଙ୍ଗାଲୁରୁ ପଡ଼ୋଶୀ ଅଟଂଳରେ ଏକ ଉଚ୍ଚ ଗୁଣବତା ଗ୍ରେଡ୍ -ଏ ସହରାଟଂଳ ଉପଭୋକ୍ତା କେନ୍ଦ୍ର, ଯେଉଁଥିରେ ଅନ୍ତର୍ଜାତୀୟ ଏବଂ ଘରୋଇ ବ୍ରାଣ୍ଡକୁ ନେଇ ଏକ ବିବିଧ ଭଡ଼ାଟିଆ ମିଶ୍ରଣ ରହିଛି।

# ସ୍କୁଲ ପିଲାଙ୍କୁ ଭୋଜନ ଯୋଗାଇବାକୁ ଅକ୍ଷୟ ପାତ୍ର ଫାଉଣ୍ଡେସନ ସହିତ ହାତ ମିଳାଇଲା ଆମୱେ

ଭୁବନେଶ୍ୱର,୧୩।୧୧ (ମହାଭାରତ): ଅନ୍ୟତମ ଅଗ୍ରଣୀ ସ୍ୱାସ୍ଥ୍ୟ ଓ କଲ୍ୟାଣକାରୀ ଆବଶ୍ୟକତାକୁ ସମର୍ଥନକାରୀ କମ୍ପାନୀ ଆମୱେ ଇଣ୍ଡିଆ ଭାରତର ଅବହେଳିତ ପିଲାଙ୍କ ପାଇଁ ଏକ ସ୍ୱାସ୍ଥ୍ୟକର ଭବିଷ୍ୟତକୁ ସମର୍ଥନ କରିବା ନିମନ୍ତେ ଏକ ରୂପାନ୍ତରଣକାରୀ ପ୍ରୟାସ ଜରିଆରେ ପିଲାମାନଙ୍କର ଅପପୁଷ୍ଟି ଭଳି ଜଟିଳ ପ୍ରସଙ୍ଗ ପ୍ରତି ଧ୍ୟାନ ଦେଉଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅନୁଯାୟୀ ଭାରତରେ ୭.୭% (ପ୍ରାୟ ୪୩ ଲକ୍ଷ) ପିଲା ଅପପୁଷ୍ଟିର ଶିକାର ହେଉଛନ୍ତି, ଯାହା ଏକ ଗୁରୁତର ପ୍ରସଙ୍ଗ ସମ୍ପର୍କରେ ଆଲୋକପାତ କରୁଛି ଏବଂ ସରକାର ପୁଷ୍ଟିଗତ ଫଳାଫଳରେ ଉନ୍ନତି ଆଣିବାକୁ ବିବିଧ ପ୍ରୟାସ ସହିତ ଏହାକୁ ଅଗ୍ରାଧିକାର ଦେଉଛନ୍ତି। ବାଲ୍ୟାବସ୍ଥାରେ ଅପପୁଷ୍ଟି ପରିସ୍ଥିତିର ସମାଧାନ ପ୍ରତି ପ୍ରତିବଦ୍ଧ ରହିଥିବା ଆମୱେ ତାହାର ନ୍ୟୁଟ୍ରିଲାଇଟର ୯୦ତମ ବାର୍ଷିକୀ ପାଳନର ଅଂଶ ଭାବରେ ଏହାର ବିତରକ ଏବଂ କର୍ମଚାରୀଙ୍କ ସମର୍ଥନରେ ସରକାରୀ ସ୍କୁଲଗୁଡ଼ିକରେ ପିଲାମାନଙ୍କ ପାଇଁ ୯୦,୦୦୦ ପୁଷ୍ଟିକର ଭୋଜନ ଯୋଗାଇଦେବାକୁ ଅକ୍ଷୟ ପାତ୍ର ଫାଉଣ୍ଡେସନ ସହିତ ସହଯୋଗୀତା କରିଛି।




ଶିଶୁ ଦିବସ ପାଳନ ଉତ୍ସାହ ନେଇ ଏହି ପ୍ରୟାସକୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପୁଷ୍ଟିସାଧନ, ସ୍ୱାସ୍ଥ୍ୟରକ୍ଷା, ମାନସିକ ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଆହାର ସମ୍ପର୍କିତ ଜ୍ଞାନରେ ସଶକ୍ତ କରିବାକୁ ଶିକ୍ଷଣୀୟ କାର୍ଯ୍ୟକ୍ରମ ସହିତ ଏହାକୁ ଅଧିକ ପରିବ୍ୟାପ୍ତ କରୁଛି। ଆମୱେର ସ୍ୱେଚ୍ଛାସେବୀଗଣ ପିଲାମାନଙ୍କୁ ପୁଷ୍ଟିକର ଭୋଜନ ଯୋଗାଣରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରଭାବୀ ପ୍ରୟାସ ଦିଲ୍ଲୀ, ଜୟପୁର, ଭୁବନେଶ୍ୱର, ଗୁଆହାଟୀ, ପୁନେ, ଅହମଦାବାଦ, ବାଙ୍ଗାଲୋର ଏବଂ ଚେନ୍ନଇ ଆଦି ଆଠଟି ସହରରେ ପରିବ୍ୟାପ୍ତ ହୋଇଥିଲା, ଯାହା ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ରଖିଛି। ଶିଶୁ ଦିବସର ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ଶ୍ରୀ ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଛନ୍ତି, "ନଅ ଦଶନ୍ଧି ଧରି ଆମର ଛାମୁଆ। ନ୍ୟୁଟ୍ରିସନ ବ୍ରାଣ୍ଡ, ନ୍ୟୁଟ୍ରିଲାଇଟ, ସର୍ବୋଚ୍ଚ ସ୍ତରର ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ପ୍ରୋତ୍ସାହିତ କରି ଏକ ସ୍ୱାସ୍ଥ୍ୟକର ଜୀବନ ନିର୍ବାହ ନିମନ୍ତେ ଜନସାଧାରଣଙ୍କୁ ପ୍ରେରଣା ଯୋଗାଇ ଆସୁଛି। ନ୍ୟୁଟ୍ରିଲାଇଟର ୯୦ତମ ବାର୍ଷିକୀ ପାଳନର ଅଂଶ ଭାବରେ ଆମର ବିତରକ ଓ କର୍ମଚାରୀଙ୍କ ସମର୍ଥନରେ ଆମେ ସରକାରୀ ସ୍କୁଲଗୁଡିକରେ ପିଲାମାନଙ୍କୁ ୯୦,୦୦୦ ଭୋଜନ ଯୋଗାଇଦେବାକୁ ଅକ୍ଷୟ ପାତ୍ର ଫାଉଣ୍ଡେସନ ସହିତ ସହଭାଗୀତା କରିବା ଏବଂ ଅତ୍ୟାବଶ୍ୟକ ପୁଷ୍ଟିସାଧନ ଶିକ୍ଷା ପ୍ରଦାନ କରିବା ନେଇ ଗର୍ବିତ ଅନୁଭବ କରୁଛୁ। ଏହି ପ୍ରୟାସ ଜରିଆରେ ଛାତ୍ର ଛାତ୍ରୀ ସ୍ୱାସ୍ଥ୍ୟକର ପସନ୍ଦ ବାଛିବା ସମ୍ପର୍କରେ ମୂଲ୍ୟବାନ ଜ୍ଞାନ ଆହରଣ କରିପାରିବେ- ଯେଉଁଥିରେ ସନ୍ତୁଳିତ ଖାଦ୍ୟ, ମାନସିକ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷା ଅଭ୍ୟାସ ଆଦି ରହିଛି- ଯାହା ସେମାନଙ୍କୁ ଉଜ୍ଜ୍ୱଳମୟ, ସ୍ୱାସ୍ଥ୍ୟକର ଜୀବନ ନିର୍ବାହ ନିମନ୍ତେ ସଶକ୍ତ କରୁଛି। ଆମର ଦୃଢ଼ ବିଶ୍ୱାସ ଯେ ଯୁବ ମନର ଅଭିବୃଦ୍ଧି ଓ ସଫଳତା ନିମନ୍ତେ ପୁଷ୍ଟିସାଧନ ହେଉଛି ମୂଳଦୁଆ।

# ସାମସଙ୍ଗ ଇନୋଭେସନ କ୍ୟାମ୍ପସ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ

ଭୁବନେଶ୍ୱର,୧୩।୧୧ (ମହାଭାରତ): ସାମସଙ୍ଗ ଇଣ୍ଡିଆ, ସାମସଙ୍ଗ ଇନୋଭେସନ କ୍ୟାମ୍ପସ (ଏସଆଇସି) କାର୍ଯ୍ୟକ୍ରମ ଅଧିନସ୍ଥ ୨୦୨୪ ମସିହା ପାଇଁ ପ୍ରାୟ ୩୫୦୦ ବିଦ୍ୟାର୍ଥୀଙ୍କୁ ସମ୍ପୂର୍ଣ୍ଣ ପ୍ରମାଣପତ୍ର ପ୍ରଦାନ କରିଅଛି।

ଭାରତସରକାର ସ୍କିଲ ଇଣ୍ଡିଆ ଏବଂ ଡ଼ିଜିଟାଲ ଇଣ୍ଡିଆର ବିଭିନ୍ନ ପଦକ୍ଷେପ ସହିତ ମିଳିତ ସହଯୋଗରେ, ସାମସଙ୍ଗ ଇନୋଭେସନ କ୍ୟାମ୍ପସ ଯୁବବର୍ଗ ମାନଙ୍କର ଉଚ୍ଚାଭିଳାଷୀ ବୈଷୟିକ କ୍ଷେତ୍ର ଯଥା- ଏଆଇ, ଇଂଟରନେଟ, ବିଗ୍‌ଡ଼ାଟା ତଥା ପ୍ରୋଗ୍ରାମୀ କୋର୍ଡ଼ିଙ୍ଗ ଉପରେ ନିଯୁକ୍ତି ଆଧାରିତ ପ୍ରଶିକ୍ଷଣକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି।

୨୦୨୩ର ୩୦୦୦ ବିଦ୍ୟାର୍ଥୀଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତୁଳନାରେ ୨୦୨୪ ଫ୍ଲାଗସିପ ସିଏସଆଇ ପଦକ୍ଷେପ ୩୫୦୦ ବିଦ୍ୟାର୍ଥୀଙ୍କ ପଞ୍ଜିକରଣ ଆଡ଼କୁ ପ୍ରସାରିତ ହୋଇଅଛି। ଉତର ପ୍ରଦେଶ, ଦିଲ୍ଲୀ ଏନସିଆର, ତାମିଲନାଡୁ ଏବଂ କର୍ଣ୍ଣାଟକରେ ପ୍ରସାରିତ ୧୨ଟି ଏସଆଇସି ପ୍ରମାଣପତ୍ର ଆଧାରିତ କାର୍ଯ୍ୟକ୍ରମକୁ ଏହା ବିଭିନ୍ନ ଶିକ୍ଷା କେନ୍ଦ୍ର ଗୁଡ଼ିକରେ ପ୍ରଦାନ କରିଅଛି। ଏହି ପାଠ୍ୟକ୍ରମ ୬ଟି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକ୍ଷମ ହେବା ସହିତ ଗୋଟିଏ ଜାତୀୟ ସ୍ଥରୀୟ କୁଶଳୀ ପ୍ରତିଷ୍ଠାନରେ କାର୍ଯ୍ୟ କରୁଛି। "ଏଆଇ ପ୍ରସ୍ତୁତି ସହିତ ତାଳ ଦେଇ ଆମର ଜୀବନ ଧାରାର ମାନକୁ ବୈଷୟିକୀର ଏକ ନୂଆ ଯୁଗ ସହିତ ଆଜିର ଯୁବବର୍ଗଙ୍କ ମଧ୍ୟରେ ଆଗାମୀ ଭବିଷ୍ୟତ ପାଇଁ ସେମାନଙ୍କର ସାମର୍ଥ୍ୟତାକୁ ଦ୍ୱିଗୁଣିତ କରିପାରିଛି। ସାମସଙ୍ଗ ଇନୋଭେସନ କ୍ୟାମ୍ପସ ସହିତ ଆମେ କୌଶଳର ସେହି ସେତୁକୁ ଭାରତୀୟ ଯୁବବର୍ଗଙ୍କ ମଧ୍ୟରେ ପ୍ରତିଷ୍ଠା କରିବା ସହିତ ଆସନ୍ତାକାଲିର ଅଭିନବୀକରଣର ଅଗ୍ରଦୂତ ଭାବରେ ଦେଖିବାକୁ □ହୁଁଛୁ। ଭାରତର ଅଭିବୃଦ୍ଧି କାହାଣୀର ବଳିଷ୍ଠ ଯୋଗଦାନକାରୀ ଭାବରେ ଏ କାର୍ଯ୍ୟକ୍ରମ ସାମସଙ୍ଗର ପ୍ରତିଶ୍ରୁତ ିବଦ୍ଧତାକୁ ଆହୁରି ମଜବୁତ କରିବା ସହିତ ସ୍କିଲ ଇଣ୍ଡିଆ ଏବଂ ଡ଼ିଜିଟାଲ ଇଣ୍ଡିଆ ମାଧ୍ୟମରେ ପ୍ରଦାନ କରିବାର ପ୍ରୟାସ ଜାରି ରଖିଛି" ଏଭଳି ମତବ୍ୟକ୍ତ କରି କହିଛନ୍ତି ଜେବି ପାର୍କ, ସଭାପତି ଏବଂ ସିଇଓ, ସାମସଙ୍ଗ ସାଉଥ ୱେଷ୍ଟଏସୀୟ। ସାମସଙ୍ଗର ଉତ୍କର୍ଷତା ପାଇଁ ନିରନ୍ତର ଉତ୍ସାହ ପ୍ରଦାନର ଅଂଶ ବିଶେଷ ଭାବରେ ଏ କ୍ଷେତ୍ରରେ ଉଚ୍ଚ ସ୍ଥାନରେ ଥିବା ବ୍ୟକ୍ତି ବିଶେଷଙ୍କୁ ବର୍ତମାନ ୧ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ ସହିତ ସାମସଙ୍ଗ ପ୍ରସ୍ତୁତ ଉତ୍ପାଦନକୁ କାର୍ଯ୍ୟକ୍ରମର ଜାତୀୟ ସ୍ତରୀୟ ସମାବର୍ତନ ଉତ୍ସବରେ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଚର୍ଚ୍ଚାରେ ଧାରା ୩୭୦

ଜାମ୍ମୁ-କାଶ୍ମୀରକୁ ଶୀଘ୍ର ଏହାକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରଦାନ କରାଯିବ। ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟରେ କ୍ଷମତାସୀନ ସରକାର ଏଥିପ୍ରତି ଆଗ୍ରହୀ। ତେଣୁ ଜାମ୍ମୁ-କାଶ୍ମୀର ପୁନର୍ବାର ଏକ ରାଜ୍ୟ ହେବ। କିନ୍ତୁ ୩୭୦ରେ ଥିବା ବ୍ୟବସ୍ଥା ଆଉ ରହିବନି। ଅର୍ଥା ଅନ୍ୟ ରାଜ୍ୟ ଭଳି ଜାମ୍ମୁ-କାଶ୍ମୀର ଭାରତର ଏକ ଅଂଶ ବିଶେଷ ହୋଇ ରହିବ। ଧାରା ୩୭୦ ହଟିବା ପରେ କାଶ୍ମୀର ଉପତ୍ୟକାରେ ଅନେକ ପରିବର୍ତ୍ତନ ଆସିଛି। ରାଜ୍ୟରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆତଙ୍କବାଦ ଏବଂ ବିଦେଶୀ ଅନୁପ୍ରବେଶ ହ୍ରାସ ପାଇଛି। ତେବେ ଲୋକସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିବା ଅନୁଭବ କରାଯାଉଥିଲା। ସମ୍ଭବତଃ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବା, ଉପତ୍ୟକାରେ ଭୟର ବାତାବରଣ ସୃଷ୍ଟି କରିବା ଥିଲା ଏହାର ଉଦ୍ଦେଶ୍ୟ। କିନ୍ତୁ କାଶ୍ମୀରବାସୀ ବିପୁଳ ସଂଖ୍ୟାରେ ଭୋଟ ଦେଇ ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ପଣ୍ଡ କରିଦେଲେ। ଏଥିପାଇଁ ସେମାନେ ଧନ୍ୟବାଦର ପାତ୍ର। ଏବେ ରାଜ୍ୟରେ ଏକ ଲୋକପ୍ରିୟ ସରକାର ପ୍ରତିଷ୍ଠା ହୋଇଛି। କିନ୍ତୁ ନିର୍ବାଚନ ଜିତି କ୍ଷମତାକୁ ଆସିବା ସହଜ, ଶାସନ ସମ୍ଭାଳିବା ଅଧିକ କଷ୍ଟକର। ଓମାର ଅବଦ୍ଦୁଲ୍ଲାଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ରାଜ୍ୟାରେ ପୁଣି ଆତଙ୍କବାଦୀମାନେ ସକ୍ରିୟ ହୋଇଥିବା ଅନୁଭବ କରାଯାଉଛି। ରବିବାର ରାତିରେ ଗନ୍ଦରବାଲ ଜିଲ୍ଲାରେ ପାକ୍ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇ ଜଣେ ଡାକ୍ତର ଏବଂ ୬ଜଣ ନିର୍ମାଣ ଶ୍ରମିକଙ୍କୁ ହତ୍ୟା କରିଛନ୍ତି। ଏହି ଶ୍ରମିକମାନେ ଏକ ଠିକା ସଂସ୍ଥାରେ ଟନେଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ସମ୍ଭବତଃ ସେଠାରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନଥିଲା। ଆତଙ୍କବାଦମୀମାନେ ଏହାକୁ ଟାର୍ଗେଟ କରିପାରନ୍ତି ବୋଲି ଆକଳନ କରି ସେଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ ଥିଲା। ଅତୀତରେ ଅନେକ ଥର ଏଭଳି ଘଟଣା ଘଟିଛି। ବାହାର ରାଜ୍ୟରୁ ଆସିଥିବା ଶ୍ରମିକମାନଙ୍କୁ ହତ୍ୟା କରାଯାଇଛି। ଦୁଇଦିନ ତଳେ ଏଭଳି ଏକ ଘଟଣା ଘଟିଥିଲା। ଏହା ପରେ ଯଦି ଶ୍ରମିକଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥାଆନ୍ତା ତେବେ ୭ଟି ଅମୂଲ୍ୟ ଜୀବନ ଯାଇନଥାନ୍ତା। ଏହା ଓମାର ଅବଦୁଲ୍ଲା ସରକାରଙ୍କ ପାଇଁ ଏକ ଆହ୍ୱାନ। ଆତଙ୍କବାଦମୀମାନେ କାଶ୍ମୀର ଉପତ୍ୟକାରେ ଶାନ୍ତି ପ୍ରତିଷ୍ଠା ହେଉ ବୋଲି ଚାହାଁନ୍ତି ନାହିଁ। ସେମାନେ ବିକାଶର ବିରୋଧ କରନ୍ତି। ଅଲକାଏଦା, ତାଲିବାନ, ହମାସ, ହିଜବୁଲ୍ଲା ଏବଂ ହୁଦି ଭଳି ସଙ୍ଗଠନ ଭଳି ପାକିସ୍ତାନରେ ଏଭଳି ଅନେକ ଆତଙ୍କୀ ସଙ୍ଗଠନ ରହିଛି। ଲସ୍କର-ଇ-ତୋଇବା, ଜୈସ ଇ ମହମ୍ମଦ କେବଳ ଆତଙ୍କ ସୃଷ୍ଇ ଲାଗି ସୃଷ୍ଟି ହୋଇଛନ୍ତି। ସେମାନଙ୍କ ପ୍ରତି ସାମାନ୍ୟ କୋହଳ ମନୋଭାବ ଏବଂ ମାନବିକତା ପ୍ରଦର୍ଶନର ଆବଶ୍ୟକତା ନାହିଁ। ଏବେ ଓମାର ଅବଦୁଲ୍ଲା ନିଜ କ୍ଷମତା ପ୍ରୟୋଗ କରି ଆତଙ୍କବାଦୀଙ୍କୁ ଦମନରେ ମନୋନିବେଶ କରିବା ଉଚିତ। ଏଥିଲାଗି ସେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବା ଉଚିତ ଏବଂ ପାକ ଅନୁପ୍ରବେଶକାରୀଙ୍କୁ ନିର୍ମୂଳ କରିବା ଉଚିତ। ସାରା ଦେଶ ତାଙ୍କ ସପକ୍ଷରେ ରହିଛି। ଯଦି ସେ ଏଥିରେ ଅବହେଳା କରିବେ ତେବେ ଦେଶବାସୀ ତାଙ୍କୁ କ୍ଷମା କରିବେ ନାହିଁ। ପୁଣି ଥରେ ଜାମ୍ମୁ-କାଶ୍ମୀର ପୂର୍ଣ୍ଣ ରାଜ୍ୟମାନ୍ୟତା ପାଇବ ନାହିଁ। ଆତଙ୍କବାଦୀଙ୍କୁ ଦମନ କରିବା ଭାରତ ଇସ୍ରାଏଲଠାରୁ ଶିଖିବା ଉଚିତ। ଏଥିରେ ମିଛ ଧର୍ମନିରପେକ୍ଷତାକୁ ଆପଣାଇବା ଅନୁଚିତ।

# ଓଡିଶା : ଧନକୁବେରଙ୍କ ହସ୍ତମୁଦିମାହାର

“

*୨୦୦୭ରେ ଭିଏତ୍‌ନାମାରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିଥିଲା । ୨୦୧୬ରେ କଳିଙ୍ଗନଗରରେ ଟାଟାଷ୍ଟିଲ୍ ବ୍ୟବସାୟୀକ ଉତ୍ପାଦନ କରୁଛି । ସେଇ ୨୦୧୬ରେ ଟାଟାଷ୍ଟିଲ୍ ଗୋପାଳପୁରରେ ଫେରୋକ୍ରୋମ୍‌ପ୍ଲାଣ୍ଟ ଉଦ୍‌ଘାଟନ କରିଥିଲା । ୨୦୧୭ରେ ଟାଟାଷ୍ଟିଲ୍ କଳିଙ୍ଗନଗରରେ ଦେଶର ବୃହତ କୋକ୍ ଡ୍ରାଗ୍ ଖିଚିଂ ପ୍ଲାଣ୍ଟ୍ ପ୍ରତିଷ୍ଠା ହୋଇଛି । ୨୦୧୮ରେ ଓଡିଶା ସରକାରଙ୍କ ବ୍ରାହ୍ମଣୀପାଲ୍ ଫେରୋକ୍ରୋମ୍‌କାରଖାନାକୁ ଶାଗମାଛମୂଲ୍ୟରେ ପୁରା କିଣିନେଇଛି ।*

॥ ମାୟାଧର ନାୟକ ॥

ଗଞ୍ଜାମବାସୀଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଟାଟା କମ୍ପାନୀକୁ ମାଗଣାରେ ଗୋପାଳପୁର ଶୀତଳାପଲ୍ଲୀ ଠାରେ ଜମି ୨୦୧୪ରେ ଯୋଗାଇଦେଇଥିଲେ । ଦୀର୍ଘ ୮ ବର୍ଷ ହେଲା ସେ ଜମିରେ ଟାଟା କୋଠାବାଡି, ହସ୍‌ପିଟାଲ ପାଇଁ ଯନ୍ତ୍ରପାତି ସ୍ଥାପନ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ହସ୍‌ପିଟାଲ ଆଦୌ କାର୍ଯ୍ୟକାରୀ ହୋଇନି । ଏବେ ତାକୁ ବିକ୍ରି କରିଦେବା ବିଜ୍ଞାପନ ଓଡିଶାବାସୀଙ୍କ ପ୍ରତି ଟାଟାର ବୃଦ୍ଧାଙ୍ଗୁଷ୍ଠପ୍ରଦର୍ଶନପୂର୍ବକ ଟିଟ୍‌କାର୍ ବୋଲି ଧରିନେବାକୁ ହେବ । ଟାଟାର ଠକେଇ କେବଳ ଗଞ୍ଜାମରେ ନୁହେଁ – ମୟୁରଭଞ୍ଜ - ବାଦାମପାହାଡ, ଗୋରୁମହିଷାଣି, ସୁଲେଇପାଟ ଲୁହାପଥର ଖଣି, ସୁକିନ୍ଦାରୁ କ୍ରୋମାଇଟ୍, ବଡବିଲ୍-ଯୋଡାରୁ ଲୁହାପଥର, ତାଳଚେର-ଅନୁଗୁଳ-ସମ୍ବଲପୁରରୁ କୋଇଲା ଖଣିଖାଦାନରୁ କଞ୍ଚାମାଲ ହାତେଇ ଲକ୍ଷ ଲକ୍ଷ କୋଟି ଟଙ୍କା ଲାଭର ପାହାଡ ସୃଷ୍ଟିକରି ଜାମସେଦ୍‌ପୁର ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିଛି । ପ୍ରତିଦାନରେ ଓଡିଶାବାସୀ ପାଇଛନ୍ତି କ'ଣ ? ଖାଲି ଧୂଳି, ଧୂଆଁ, ପାଉଁଶର ପିଣ୍ଡୁଳା, ବିଷଭସ୍ମର ବିଭୀଷିକା, ଅଙ୍ଗାରକାମ୍ଳର ଆଘ୍ରାଣ, ଶରୀର କ୍ଷୟକାରୀ ମୁର୍ମୁହୁଃ ମାରାତ୍ମକ ରୋଗର ପ୍ରକୋପ, ପ୍ରଦୂଷଣ ସମେତ ମୁନାଫାମୁଖୀ ସର୍ବଗ୍ରାସୀ ଶିଳ୍ପଦାନବଦତ୍ତ ଅପ୍ରତ୍ୟାଶିତ ଛଟେଇ, ଅସ୍ମରଣୀୟ ବେକାରୀ, ବିସ୍ଥାପନ, ବିପର୍ଯ୍ୟୟ ଇତ୍ୟାଦି କେତେ କେତେ ଅମାନୁଷୀକ ମହାସମସ୍ୟାସଂକଟସମ୍ବଳିତ ଜୀବନହାନୀକାରକ ଉତ୍କଟ ଉପହାର । ଏବେ କେବଳ ଗଞ୍ଜାମରେ ନୁହେଁ, ସୁକିନ୍ଦା, କଳିଙ୍ଗନଗର, କେଉଁଝର, ମୟୁରଭଞ୍ଜ, ସୁନ୍ଦରଗଡ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଅଞ୍ଚଳରେ ଟାଟା କମ୍ପାନୀ ଦ୍ୱାରା ନିର୍ଯାତିତ, ଶୋଷିତ, ଅତ୍ୟାଚାରିତ, ବିସ୍ଥାପିତ ମଣିଷ ମନରେ ଅଶାନ୍ତି-ଅସନ୍ତୋଷର ଅଦମ୍ୟ ଅନଳ ପ୍ରଜ୍ୱଳିତ ହେବାରେ ଲାଗିଛି । କେତେବେଳେ ଯେ କରାଳ ଭୂମିକମ୍ପ ଭଳି ବିସ୍ଫୋରଣ ନ ଘଟିପାରେ କିଏ କହିବ !

ଟାଟା କମ୍ପାନୀ ଲୁଣଠୁ ଉଡାଜାହାଜ ବିକ୍ରି କରି ସାରା ବିଶ୍ୱରେ ଜଣାଶୁଣା ଧନୀ । କିନ୍ତୁ ଟାଟା କମ୍ପାନୀ ଯେ - ନିର୍ଦ୍ଧୁମ ଠକୁଛି ଏକଥା ଏବେ ଏବେ ଦିନକୁଦିନ ଧରାପଡିବାରେ ଲାଗିଛି । ଟାଟାର ଟଙ୍କା ପଛରେ ଟିଙ୍କ ଭଳି ଅଧିକାଂଶ ନେତା, ବିଧାୟକ, ମନ୍ତ୍ରୀ, ଅଫିସର, ଗୁଣ୍ଡାବାହିନୀ ସମସ୍ତେ ନୁଙ୍ଗୁପୁଙ୍ଗୁ । ଜାତୀୟ ଓ ଆଞ୍ଚଳିକ ରାଜକୋଷକୁ କିଭଳି ଟାଟା ହସ୍ତେ ଟେକିଦିଆଯାଇଛି - ଯାଉଛି, ତାହାର ସଦ୍ୟତମ ଉଦାହରଣ – ଗୋପାଳପୁର ଟାଟା ସୁପର ସ୍ପେଶାଲିଟି ହସ୍‌ପିଟାଲ ବିକ୍ରି ହେବାପାଇଁ ବିଜ୍ଞାପନ - ପ୍ରସ୍ତୁତିପର୍ବ ଆରମ୍ଭ । ଯାହା ଜଣାପଡୁଛି ଗୌତମ ଆଦାନୀ ପଛରେ ଟାଟା କମ୍ପାନୀ ଦ୍ରୁତଗତିରେ ଧାଉଁଛି ।

ଟାଟା କମ୍ପାନୀ ଦେଶବିଦେଶରେ ବେପାରବଣିଜ ବଜାୟ ରଖିଆସିଛି, ବିତ୍ତବର୍ଧୀ ବପୁଶାଳୀ ବ୍ୟବସାୟର ବିସ୍ତାରବାଦୀ ଚକ୍ରଚାଳନା ଚାଲୁରହିଛି । ୧୯୦୭ ମସିହାରୁ ଟାଟା ଆଇରନ୍ ଏଣ୍ଡ୍ ଷ୍ଟିଲ୍ କମ୍ପାନୀ ରେଜିଷ୍ଟର୍ ହୋଇଥିଲା । ୧୯୨୪ ପର୍ଯ୍ୟନ୍ତ ତା ବ୍ୟବସାୟରେ କେହି ହସ୍ତକ୍ଷେପ କରିନଥିଲେ । ୧୯୧୮ରେ ସୁବାଷ ଚନ୍ଦ୍ର ବୋଷ ଟାଟା ଷ୍ଟିଲକୁ ଭାରତୀୟକରଣ କରିବାପାଇଁ ଦାବି କଲେ । ୧୯୨୫ରେ ନ୍ୟୁୟ ରେଲ୍ ମିଲ୍, ମାର୍ଚେଣ୍ଟ୍ ମିଲ୍, ଷ୍ଟିଲ୍ ମିଲ୍, ଆରମ୍ଭ କରିବାବେଳେ ମହାତ୍ମାଗାନ୍ଧୀ, ଚିତ୍ତରଞ୍ଜନ ଦାସ ଓ ସି.ଏଫ୍. ଆଣ୍ଡ୍ରୁଜ୍ ଜାମସେଦପୁର ଯାଇ ଜେଆରଡି ଟାଟା ସହିତ ଶ୍ରମିକ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ।

୨୦୦୭ରେ ଭିଏତ୍‌ନାମାରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରିଥିଲା । ୨୦୧୬ରେ କଳିଙ୍ଗନଗରରେ ଟାଟାଷ୍ଟିଲ୍ ବ୍ୟବସାୟୀକ ଉତ୍ପାଦନ କରୁଛି । ସେଇ ୨୦୧୬ରେ ଟାଟାଷ୍ଟିଲ୍ ଗୋପାଳପୁରରେ ଫେରୋକ୍ରୋମ୍‌ପ୍ଲାଣ୍ଟ ଉଦ୍‌ଘାଟନ କରିଥିଲା । ୨୦୧୭ରେ ଟାଟାଷ୍ଟିଲ୍ କଳିଙ୍ଗନଗରରେ ଦେଶର ବୃହତ କୋକ୍ ଡ୍ରାଗ୍ ଖିଚିଂ ପ୍ଲାଣ୍ଟ୍ ପ୍ରତିଷ୍ଠା ହୋଇଛି । ୨୦୧୮ରେ ଓଡିଶା ସରକାରଙ୍କ ବ୍ରାହ୍ମଣୀପାଲ୍ ଫେରୋକ୍ରୋମ୍‌କାରଖାନାକୁ ଶାଗମାଛମୂଲ୍ୟରେ ପୁରା କିଣିନେଇଛି । ଏହି ଅନ୍ୟାୟ ରାଜ୍ୟ ସ୍ୱାର୍ଥ ବିରୋଧୀ କିଣାବିକା ବିରୁଦ୍ଧରେ ଏ ଅଧିନ ଉଚ୍ଚନ୍ୟାୟାଳୟରେ ମକଦ୍ଦମା କରିଥିଲେ । ଟାଟା କମ୍ପାନୀ ମୋ ବିରୁଦ୍ଧରେ ବମ୍ବେ ହାଇକୋର୍ଟରେ ମକଦ୍ଦମା କଲେ। ମୁଁ ଟାଟାକୁ ଜଣାଇଦେଲି ମକଦ୍ଦମାରେ ଗୋଟିଏ ଟଙ୍କା ଖର୍ଚ୍ଚ କରିପାରିବିନି । ମତେ ଯଦି ଜେଲ୍ ହୋଇଯାଏ ମୁଁ ରାଜି । ଆଉ ଟାଟା ଆଗକୁ ଆଗେଇଲା ନାହିଁ । ପୁଣି ସେଇ ଟାଟା ୨୦୧୮ରେ ଭୂଷଣଷ୍ଟିଲ୍‌ଲିମିଟେଡକୁ ଅଧା-ଅଧା ଯୁଗ୍ମମାଲିକାନାରେ ଚଳାଇଛି । ଏ ସବୁ ହିସାବ ୨୦୧୮ ମସିହାର । ୨୦୧୯-୨୦-୨୧-୨୨-୨୩-୨୪ ପାଖାପାଖି ୫ ବର୍ଷର ଟାଟା ସମ୍ପତ୍ତି ହିସାବ ଆମ ପାଖରେ ନାହିଁ ।

ହୁଏତ ଟାଟାର ସୂର୍ଯ୍ୟାସ୍ତହୀନ ଶିଳ୍ପସାମ୍ରାଜ୍ୟଭୁକ୍ତ ସମ୍ପତ୍ତିର ହିମାଳୟପର୍ବତ ଦେଖି ଆପଣମାନଙ୍କର ଆଖିଖୋସି ହୋଇଯାଉଥିବ । ଦେଶବିଦେଶରୁ ବୁଦ୍ଧିଆକର୍ମଚାରୀ, ଅଫିସର, ଇଂଜିନିୟର, କାରିଗରମାନଙ୍କୁ ମୋଟା ଅଙ୍କରେ ଟଙ୍କା ଓ ସୁବିଧାସୁଯୋଗ ଦେଇ ମୁଣ୍ଡ କିଣିନେଇଛି । ଜାତିର ପିତା ମହାତ୍ମା ଗାନ୍ଧୀ ମଧ୍ୟ ଟାଟା ବିରଳାଙ୍କ ଟଙ୍କାରେ ସ୍ୱାଧୀନତା ଆନ୍ଦୋଳନ ଚଳାଇଥିଲେ । ଓଡିଶାରୁ ଉତ୍କଳମଣୀ ଗୋପବନ୍ଧୁ ଦାସ ବିରୋଧ କରିଥିଲେ । ଏବେ ଟାଟାର ଏ ଟିଟ୍‌କାର୍‌କୁ ବିରୋଧ କରିବା ଲୋକ ବିଦେଶରେ କି ଦେଶରେ ନାହାଁନ୍ତି । ଜାମସେଦପୁରରେ ଶ୍ରମିକନେତା ଅବଦୁଲ୍‌ବାରୀଙ୍କୁ ହତ୍ୟା କରାଗଲା । ଏଇ ଓଡିଶାରେ ଟିସ୍‌କୋସୁକିନ୍ଦା ଖଣିରେ ଶ୍ରମିକଙ୍କ ନାର୍ଯ୍ୟଦାବିନେଇ ଆନ୍ଦୋଳନ କରୁଥିବାବେଳେ ଆମ ୟୁନିୟନର ଶ୍ରମିକନେତା ଶ୍ୟାମାପଦ ରାଉତଙ୍କୁ ଭଡାଟିଆ ଗୁଣ୍ଡାବାହିନୀ ଦ୍ୱାରା ଦିନଦ୍ୱିପହରରେ ହତ୍ୟା କରିଦିଆଗଲା । ସେ ବିଚାର ୩୦ ବର୍ଷ ହେଲା ସିବିଆଇ କରୁଛି ଯେ କରୁଛି - ଏ ପର୍ଯ୍ୟନ୍ତ ହତ୍ୟାକାରୀକୁ ଧରିପାରୁନି । ଧନ୍ୟରେ ସିବିଆଇ । ଆମ ଓଡିଶା ଓ ସାରା ଭାରତରେ ଏବେ ବିଜୁଳି ଉପରେ ନଜର । ଟାଟା ପାୱାର ଗରିବଗୁରୁବାଙ୍କୁ ଲୁଟୁଛି ? ଟାଟା ଯେଉଁ ଡିଜିଟାଲ୍‌ମିଟରବୋର୍ଡ ଘରେଘରେ ଲଗାଉଛି – ସେଥିରେ ଓଡିଶା ସରକାରଙ୍କ ବିଲ୍ ଅପେକ୍ଷା ବହୁଗୁଣ ଅଧିକ ଆସୁଛି । ଟାଟାମିଟର ବସାଇ ମିଟରପିଛା ୩୦ପଇସା ବଢାଇଦେଇଛି । ଆହୁରି ବଢାଇବ ବୋଲି ଧମକ ଦେଲାଣି । ତା'ହେଲେ କେବଳ ଓଡିଶା ନୁହେଁ ସାରା ଭାରତରେ ଯେଉଁମାନେ ବିଜୁଳି ବ୍ୟବହାର କରୁଛନ୍ତି ସମସ୍ତଙ୍କ ଉପରେ ବୋଝ ଉପରେ ନଳିତା ବିଡା । ଏକୁ ତୁରନ୍ତ ପଇଠ ନ କରିପାରିଲେ ବିଜୁଳିକାଟିଦେବାକୁ କିନ୍ନରପେଶୀ, ଗୁଣ୍ଡାମାନଙ୍କୁ ପଠାଇ ଧମକଚମକ ଦେଉଛି । ଏସବୁ କାର୍ଯ୍ୟରେ ସରକାରୀ ବିଜୁଳି ବିଭାଗ କର୍ମଚାରୀ, ଅଫିସରମାନେ ଯେପରି ଟାଟାର ଆଜ୍ଞାବହ ପାଲଟିଯାଇଛନ୍ତି । ଆମେ ବିଜୁଳି ନ ଜାଳି ପୁଣି ସେଇ ଦୀପ, ଡିବି, ଲଣ୍ଠନ ଯୁଗକୁ ଫେରିଯିବା କି ?

ଯେଉଁଦିନଠୁ ଜାମସେଦ୍‌ଜୀଟାଟା ଠୁ ରତନ୍‌ଟାଟା ପର୍ଯ୍ୟନ୍ତ ଆମ ଓଡିଶାରୁ ଲୁହାପଥର ନେଇ ଜାମସେଦପୁରରେ ଇସ୍ପାତ କାରଖାନା କଲେ – ୧୭ ବର୍ଷତଳେ କଳିଙ୍ଗନଗର ଗୁଳିକାଣ୍ଡ ଘଟାଇ ସଂଖ୍ୟାଗରିଷ୍ଠ ନେତା, ମନ୍ତ୍ରୀ, ବିଧାୟକ, ଅଫିସରଙ୍କୁ ବକ୍‌ରି ବନାଇ ହାଟବଜାରରେ ବିକ୍ରି କରିଦେଇ ଟାଟାଷ୍ଟିଲ୍‌ପ୍ଲାଣ୍ଟ କଳିଙ୍ଗନଗର ଆଦିବାସୀଙ୍କ ଭିଟାମାଟି ଉପରେ ଗଢିଉଠିଲା । ଅଧିକାଂଶ ବାସହରା ହୋଇ ଚାକିରୀବାକିରୀ ନପାଇ ଏବେ ଅନ୍ଧଗଳିର ଅନାଥ ପଟୁଆରରେ ସାମିଲ । ଟାଟାକମ୍ପାନୀର ଅନ୍ୟାୟବିରୁଦ୍ଧରେ ନା ସରକାର, ନା ନେତା କେହି ପାଟି ଫିଟାଉନାହାଁନ୍ତି । ଅଧିକାଂଶଙ୍କୁ ବୋଦା, ଖାସି, ମାଇଛେଳିମେଣ୍ଢା ବନାଇବା ପ୍ରକ୍ରିୟା ଏବେବି ଆଗଠୁ ଆହୁରି ପ୍ରଖର ଭାବରେ ଚାଲୁ ରହିଛି । ଟାଟା କମ୍ପାନୀର ଅଭାବଅନାଟନ ପାଇଁ ସିନା ଗୋପାଳପୁର ହସପିଟାଲ ବିକିବାକୁ ଯାଉଛନ୍ତି ? ସୁକିନ୍ଦା, ସାରୁଆବିଲ୍, କମର୍ଦ୍ଦା ଖଣି, କଳିଙ୍ଗନଗର ଷ୍ଟିଲପ୍ଲାଣ୍ଟ୍, ବ୍ରାହ୍ମଣୀପାଳ ଚାର୍ଜକ୍ରୋମ୍‌ପ୍ଲାଣ୍ଟ୍ ପ୍ରମୂଖ ଶ୍ରମିକ, କର୍ମଚାରୀ ଓ ଆଦିବାସୀ, ଦଳିତବର୍ଗ ବିସ୍ଥାପିତମାନଙ୍କ ସରକାରୀ ନିୟମାନୁଯାୟୀ ପ୍ରାପ୍ୟ ପାଉଣା ଏପର୍ଯ୍ୟନ୍ତ ଠକିଚାଲିଥିବା ଲକ୍ଷ ଲକ୍ଷ କୋଟି ଟଙ୍କା ପଇଠ କରିବାପାଇଁ କଳିଙ୍ଗନଗର ଷ୍ଟିଲ୍‌ପ୍ଲାଣ୍ଟ୍ ବିକିବ ନାହିଁ କି? ଦେଶର ଶ୍ରମଜୀବୀଙ୍କ ବକେୟା ପାଉଣା ଦେବାପାଇଁ ଜାମ୍‌ସେଦପୁର ଷ୍ଟିଲ୍ ପ୍ଲାଣ୍ଟ୍ କେବେ ବିକ୍ରି କରିବ ? ଏବେ ଆଦାନୀ ବିରୁଦ୍ଧରେ ସାରା ବିଶ୍ୱରୁ ଝଡ ଉଠିଛି । ପରେ ପରେ ଟାଟା – କ'ଣ କରିବେ ମୋଦି ? କିଂକର୍ତ୍ତବ୍ୟମୂଢ ! ବେଳ ଥାଉଥାଉ - ହେ - ଟିସ୍କୋ - ସୁଧୁରି ଯା – ଶୀଘ୍ର ଗୋପାଳପୁରରେ ବିକ୍ରି ବନ୍ଦ କରି ସୁପର ହସପିଟାଲ୍ କାର୍ଯ୍ୟକ୍ଷମ କର । ୨୦୨୩ ମସିହାରେ ବିଶ୍ୱର ଦୁଇନମ୍ବରଧନୀ ଗୌତମଆଦାନୀ କମ୍ପାନୀଙ୍କ ଅବସ୍ଥାକୁ ଟିକେ ନଜର ପକା । ଏ ଅଧମ ତମ ବିରାଟସାମ୍ରାଜ୍ୟ ବେଲୁନ୍‌ରେ ପିନ୍‌କଣ୍ଟାଟିଏ ଫୋଡିଦେଇଛି । ଆଉ ଅନେକ ଅଧମ ଦେଶ ତଥା ରାଜ୍ୟରେ ଆଜି ତ ଜମିଗଲେଣି, କାଲି ନିଶ୍ଚୟ ଜାଗିଉଠିବେ ଜନତା । ଅନ୍ୟ ପାପୀମାନଙ୍କ ବେଲୁନକୁ ଫଟେଇଦେବେ । ଏବେ ଚିନ୍ତାକର - ନହେଲେ ଟାଟାକମ୍ପାନୀ ତୁମ ଛଇଛାଡିଯିବ ଛକେ ଛକେ – ଛ'ଦିନକେ । ପ୍ରଥମେ ଗଞ୍ଜାମ ଜିଲ୍ଲାରେ ଦଳମତନିର୍ବିଶେଷରେ ଜନଗଣ ଐକ୍ୟବଦ୍ଧ ହୋଇ ଟାଟା ହଟାଅ ଆନ୍ଦୋଳନ ଗଢିତୋଳନ୍ତୁ । ପରେ ପରେ ସାରାଓଡିଶାରେ ବିରାଟଆନ୍ଦୋଳନ ଗଢିଉଠିବ । 'ସବୁ ଶୋଷକ, ପୁଞ୍ଜିପତି ହଟାଅ - ଓଡିଶା ବଞ୍ଚାଅ' ନାରା ପ୍ରକମ୍ପିତ ହେବ । ଦେଶୀବିଦେଶୀ ଧନକୁବେରଙ୍କଙ୍କ ଚକବନ୍ଦୀ ଚରାଭୂଇଁ ଚକ୍‌କରରୁ ଓଡିଶା ମା'କୁ ଉଦ୍ଧାର କର – ହେ ଦେଶପ୍ରେମୀ ! ଦୁର୍ବାର ସନ୍ତାନଦଳ !! ଉଠ କଙ୍କାଳ, ମାତ କାଙ୍ଗାଳ, ଜାଗ ଦୁର୍ବଳ ଆଜି !!!

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

# କ୍ଷେତ ମଜଦୂର ସଂଗଠନ ପକ୍ଷରୁ ତହସିଲ ସମ୍ମୁଖରେ ବିକ୍ଷୋଭ

କରଞ୍ଜିଆ(ମହାଭାରତ) ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୂର ସଂଘଠନ ଠାକୁରମୁଣ୍ଡା ବ୍ଲକ କମିଟି ପକ୍ଷରୁ ମଙ୍ଗଳବାର ଦିନ ବିଭିଓ ପ୍ରକାର ସମସ୍ୟା ନେଇ ଠାକୁରମୁଣ୍ଡା ତହସିଲ ସମ୍ମୁଖ ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଜଦୂର ସଂଗଠନ ଠାକୁରମୁଣ୍ଡା ବ୍ଲକ ସମ୍ପାଦକ ବାଜୁରାମ ସିଦ୍ଧୁ ଙ୍କ ନେତୃତ୍ୱରେ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆକାଶ ଛୁଆଁ ଦରଦାମ,ଜନ ବିରୋଧୀ ଜାତୀୟ ଶିକ୍ଷାନିତି ୨୦୨୦ କୁ ପ୍ରତ୍ୟାହାର, ଖାଲି ପଡିଥିବା ଶିକ୍ଷକ,ଅଧ୍ୟାପକ, ଜନ ବିରୋଧୀ ବିଦ୍ୟୁତ ବିଲ ୨୦୨୩ ସମ୍ପୂର୍ଣ୍ଣ ବାତିଲ କରିବା, ସମସ୍ତ ଚାଷ ଜମିରେ ଜଳସେଚନ ସୁବିଧା ଯୋଗାଇ ଦେବା, ଠାକୁରମୁଣ୍ଡା ବ୍ଲକ ର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର, ନର୍ସ ଅନ୍ୟାନ୍ୟ ପଦବୀ ପୂରଣ କରିବା,ମୂଲିଆ ମାନଙ୍କୁ ବର୍ଷ ସାରା କାମ ଯୋଗାଇ ଦେବା,ଜଣକ ପିଛା ୧୫ କିଲୋ ରାସନ ଯୋଗାଇ ଦେବା,ବିଧବା, ବାର୍ଦ୍ଧକ୍ୟ ଭ□। ୫୦୦୦ ଟଙ୍କା ପ୍ରଦାନ ସମ୍ପର୍କିତ ଦାବୀ ପତ୍ର କୁ ଅତିରିକ୍ତ ତହସିଲଦାର ଙ୍କୁ ଦାବୀ ପ୍ରଦାନ କରିଥିଲେ ।ବିକ୍ଷୋଭ କାର୍ଯ୍ୟକ୍ରମ ରେ ରାଜ୍ୟ ସମ୍ପାଦକ ରଘୁନାଥ ଦାସ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଶିବିର

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହ ପରିସରରେ ବିଡ଼ିଓ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଶିବିର ପ୍ରଚଣ୍ଡେଶ୍ୱର ସେବା ସଂସ୍ଥାନର ମିଳିତ ସହଯୋଗରେ ଗ୍ରାମ୍ୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଆପତକାଳୀନ ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜର ରାକେଶ କୁମାର ମଲ୍ଲିକ,ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ଏବିଡ଼ିଓ ସୁମିତ୍ରା ଜେନା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଣ୍ଡା,ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ପଂଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ବେହେରା ଓ ସାମାଜିକ ସୁରକ୍ଷା ଅଧିକାରୀ ପୂଜା ପୁଷ୍ପାଞ୍ଜଳି ଖଟେଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିପର୍ଯ୍ୟୟ ସମୟରେ ଜନ ସାଧାରଣଙ୍କୁ ନିରାପଦ ସ୍ଥାନକୁ ନେଇ ସୁରକ୍ଷା ଦେବା ଉତ୍ତମ ନାଗରିକର କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ସେବା ସଂସ୍ଥାନ ସମ୍ପାଦକ ଅଶୋକ କୁମାର ପେନଠୋଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରୋଜେକ୍ଟ ସଂଯୋଜକ ଦାଶରଥି ଶ୍ରୀ ଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶିଷ୍ଟ ବ୍ୟବସାୟୀ ମହେନ୍ଦ୍ର ସାବତଙ୍କ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆସିକା (ମହାଭାରତ): ଆସିକା ବିନାୟକ ବଜାରର ବିଶିଷ୍ଟ ବ୍ୟବସାୟୀ ମହେନ୍ଦ୍ର ସାବତଙ୍କ ଦ୍ୱାଦଶାହ ଦିବସରେ ବ୍ୟବସାୟୀ ସଙ୍ଘ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ସହର ତଥା ଆଖ ପାଖ ଅ□ଳର ବ୍ୟବସାୟୀ, ରାଜନେତା, କ୍ରୀଡା ପ୍ରେମୀ, ସମେତ ଅଞ୍ଚଳ ର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଅମର ଆତ୍ମା ର ସଦଗତି କାମନା କରି ପରିବାର କୁ ଶାନ୍ତନା ଦେଇଥିଲେ ।ମହେନ୍ଦ୍ରଙ୍କ ବିୟୋଗ ରେ ଅଞ୍ଚଳରେ ଶୋକ ର ଛାୟା ଖେଳି ଯାଇଛି । ସେ ଜଣେ ପରୋପକାରୀ, ସମାଜ ସେବୀ, ଧର୍ମ ପରାୟଣ ବ୍ୟକ୍ତିତ୍ୱ ଥିଲେ ଲ ଏହି କାର୍ଯ୍ୟକ୍ରମ ରେ ତାଙ୍କ ର ଏକ ମାତ୍ର ପୁଅ ସାଗର ସାବତ,ସ୍ତ୍ରୀ ସବିତା ସାବତ,ବୋହୁ ବନ୍ଦନା କୁମାରୀ ପାତ୍ର, ଝିଅ ଇନ୍ଦିରା ସାବତ, ଜ୍ୱାଇଁ ସନ୍ତୋଷ ଙ୍କୁ ସମେତ ବହୁ ବନ୍ଧୁ ବାନ୍ଧବ, ରାଜନେତା, ଜନପ୍ରତିନିଧି ସମାଗମ ହୋଇ ଆତ୍ମାର ସଦଗତି କାମନା କରିଥିଲେ।

# ମା ଛିଓମସ୍ତ ମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତୟ

ପରଜଙ୍ଗ (ମହାଭାରତ) ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମରେ ଆଜକୁ ୧୬ ବର୍ଷ ହେବ ମା ଛିଓମସ୍ତଙ୍କ ମନ୍ଦିରର କାର୍ତ୍ତିକ ମାସ ଦ୍ୱାଦଶୀ ତିଥିରେ ଜନ୍ମବାର୍ଷିକୀ ଉତ୍ସବ ଅନୁଷ୍ଠିତ ହେଉଛ। କାହିଁ କେତେ ଦୂର ଦୁରାନ୍ତରରୁ ଆବାହନ କାଳରୁ ମା ଏକ ଶାଳଗଛ ମୂଳରେ ପୂଜା ପାଉଥିଲେ। ମାଆଙ୍କ ଉପରେ ଲୋକଙ୍କ ଆସ୍ଥା ଭରସା ଅଧିକ ହେବାରୁ ୧୬ବର୍ଷ ହେବ ମାଆଙ୍କର ଭବ୍ୟ ମନ୍ଦିର ର୍ନିମାଣ କରି ସେହି ଦିନଠାରୁ ପ୍ରତ୍ୟେକ ବର୍ଷ ଏହି ଦ୍ୱାଦଶୀ ଦିନରେ ମାଆଙ୍କର ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥାଏ। ଆଜି ଦିନବେଳା ବ୍ରାହ୍ମଣୀ ନଦୀ ରୁ ବାଜା ବାଣ ରୋଷଣୀ ସହିତ ଗ୍ରାମ ପରିକ୍ରମା କରି ୧୦୮ କଳସ ରେ ଜଳ ଆଣି ମନ୍ଦିରରେ ସ୍ଥାପନ କରିବା ପରେ ସେଠାରେ ହୋମଯଜ୍ଞ ର ଆୟୋଜନ ହୋଇଥିଲା। ମା ଛିଓମସ୍ତ ମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ରେ ପ୍ରାୟ ୫ ହଜାର ରୁ ଉର୍ଦ୍ଧ୍ୱ ଲୋକ ସମାଗମ ହୋଇ ପ୍ରସାଦ ସେବନ କରନ୍ତି।

# ଜନଜାତି ଗୌରବପାଇଁ ଦ୍ୱିତୀୟ ବୈଠକ

ଦେବଗଡ଼ (ମହାଭାରତ):ବୁଧବାର ଆଜି ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଇଟିଡିଏ ସଂନ୍ଧ୍ୟା ମାଝୀ ଙ୍କ ଆବାହନ କ୍ରମେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ଅଧ୍ୟକ୍ଷତା ରେ ଏକ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସାହୁ ନଭେମ୍ବର ୧୫ ତାରିଖ ଜନଜାତୀୟ ଗୌରବ ଦିବସ ଇଣ୍ଡୋର ଷ୍ଟାଡିୟମ ଠାରେ ସରସ ସୁନ୍ଦର ରେ ପାଳନ କରାଯିବା ପାଇଁ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଡେପୁଟି ସିଓ ଓରମାସ ରବୀନ୍ଦ୍ର ପ୍ରଧାନ, ଇ ପ୍ରଶାସକ ବିକାଶ କୁମାର ସାହୁ, ତିନି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଲାଇନ ଡିପାର୍ଟମେ□ ର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଢେମସା ନାଚରେ ଦୁଲୁକିଲା ନାରାୟଣପଟଣା ପଂଚାୟତ ପରବ

ନାରାୟଣପାଟଣା,(ମହାଭାରତ )- କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ସଦର ପଂଚାୟତ ସ୍ତରୀୟ ପରବ ୨୦୨୪ ଉଦଯାପନ ଉତ୍ସବ ଧୁମ ଧାମରେ ପାଳନ ହୋଇଯାଇଛି। ଆଜି ମୁଖ୍ୟ ପରବରେ ଶେଷ ଦିନରେ ସ୍ଥାନୀୟ ମାଁ ବୁଢ଼ୀ ଠାକୁରାଣୀ ମନ୍ଦିର ରୁ ସ୍ଥାନୀୟ ସରପଂଚ ରେବତୀ କୁନ୍ଦାରିଆ ପୁଜା ଅର୍ଚ୍ଚନା କରି ମଶାଲ ଶୋଭାଯାତ୍ରା ରେ ବାହାର ରି ସହର ପରିକ୍ରମା କରି ମୁଖ୍ୟ ପରବ ପଡିଆ ତଥା ହାଇସ୍କୁଲ ପଡିଆ କୁ ଆସିଥିଲେ। ଆୟୋଜିତ ମଶାଲ ଶୋଭାଯାତ୍ରା ପୁର୍ବତନ ବିଧାୟକ କୈଳାସ କୁଲେସିକା,ବିଡିଓ ପିୟୁଷ ଲୁହାର,ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରୀନାଥ,ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ,ନାୟବ ସରପଂଚ ଶ୍ରୀନିବାସ ,ସମସ୍ତ ୧୫ ଟି ୱାର୍ଡର ୱାର୍ଡ ମେମ୍ବର ,ବ୍ଲକ ବିଜେପି ମଣ୍ଡଳ ସଭାପତି କାଶିନାଥ ହିକକା,ରମେଶ ଦାସ ,ସିଡିପିଓ ଇନ୍ଦୁମତୀ ପାଣିଗ୍ରାହୀ,ପିଇଓ ରମେଶ ତୁଳ ,ସମାଜସେବୀ ଦୟାନିଧି ପ୍ରଧାନ ସହ ଅଶୋକ ପଟନାୟକ, ମଙ୍ଗଳ ମଣି ତୁରୁକ ପ୍ରମୁଖ ମଶାଲ ଶୋଭାଯାତ୍ରା ରେ ମଶାଲ ଧରି ସହର ପରିକ୍ରମା କରିଥିଲେ।

# ପାରାଦୀପ ରେ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପୌରପାଳିକାର ତ୍ରିପାକ୍ଷିକ ଚୁକ୍ତିନାମା



ପାରାଦୀପ(ମହାଭାରତ): ପାରାଦୀପ ପୌରାଞ୍ଚଳରେ ବାୟୋଗ୍ୟାସ ପ୍ଲାଣ୍ଟ ର୍ନିମାଣ ପାଇଁ ଟେକ୍ନିମୋଣ୍ଟ ପ୍ରାଇଭେଟ ଲିମିଟେଡ୍ (ଟିସିଏମପିଏଲ), ମେଆର ର ଇଣ୍ଟିଗ୍ରେଟେଡ୍ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକସନ (ଇ ଆଣ୍ଡ ସି), ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ,କର୍ଣ୍ଣାଟକ (ଏନଆଇଟିକେ) ଏବଂ ପାରାଦୀପ ମ୍ୟୁନିସିପାଲିଟି ମଧ୍ୟରେ ମଙ୍ଗଳବାର ଦିନ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।ଏହି ଚୁକ୍ତିନାମା ଅନୁଯାୟୀ ୪୮ ଲକ୍ଷ ଟଙ୍କା ଅର୍ଥ ବ୍ୟୟରେ ପାରାଦୀପରେ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ଜୈବ ବର୍ଜ୍ୟବସ୍ତୁକୁ ଅକ୍ଷୟ ଶକ୍ତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଥିବା ଓଡିଶାର ପ୍ରଥମ ବାୟୋଗ୍ୟାସ୍ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି । ଏହି ପ୍ରକ୍ରିୟାରେ ଖାଦ୍ୟ ଓ ପନିପରିବା ବର୍ଜ୍ୟରୁ ୟୋଗ୍ୟାସ ଉତ୍ପନ୍ନ କରିବାରେ ସହାୟତା କରିବ ଏବଂ ଜୈବ ବର୍ଜ୍ୟର ପୁନଃ ଚକ୍ରଣ ରୁ ସଂଗୃହିତ ବାୟୋ ଗ୍ୟାସ କୁ ଗୋଷ୍ଠୀ ପାକଶାଳା ରେ ବ୍ୟବହାର କରାଯିବ । ବାୟୋଗ୍ୟାସ୍ ପ୍ଲାଣ୍ଟ ଖାଦ୍ୟ ଏବଂ ପନିପରିବା ବର୍ଜ୍ୟବସ୍ତୁକୁ ସମ୍ପ୍ରଦାୟ ଉତ୍ସରୁ ବାୟୋଗ୍ୟାସରେ ପରିଣତ କରିବ ଏବଂ ରୋଷେଇ ଘର ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ଏକ ସ୍ଥାୟୀ ଶକ୍ତି ଉତ୍ସ ଯୋଗାଇବ । ଏହି ପ୍ରକଳ୍ପ ପରିବେଶ ସୁରକ୍ଷା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପରିଚାଳନାରେ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି । ତେବେ ପୌର ପ୍ରଶାସନିକ ଭବନରେ ଆୟୋଜିତ ଏହି ଏମଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ ରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ସମେତ ପୌର ର୍ନିବାହୀ ଅଧିକାରୀ ଅଭିଷେକ ପଣ୍ଡା ଏବଂ ଟେକ୍ନିମୋ□ କମ୍ପାନୀ ର ବିଭିଓ ବିଭାଗ ର ବରିଷ୍ଠ ଅଧିକାରୀ ବାସୁଦେବ ମାଧବ, ଆକାଶ ଏ.ଆର, ବ୍ରିଜେଶ ସାହା, ଗୋପାଲ ଗୁପ୍ତା, ଅରୁନ ରଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲ ଜମି ଅକ୍ତିଆର କୁ କେନ୍ଦ୍ର କରି ଗଳା କଟି ବଡ଼ ଭାଇ ଓ ଭାଉଜ କୁ ହତ୍ୟା କଲା ସାନ ଭାଇ ର ପରିବାର



ଆସିକା (ମହାଭାରତ): ଆସିକା ଥାନା ଅନ୍ତର୍ଗତ କର୍ଣ୍ଣଳି ପଞ୍ଚାୟତ ଅଧୀନ ସମେଇଗୁଡ଼ା ଗ୍ରାମରେ ଆଜି ସକାଳ ପ୍ରାୟ ୭ଘଣ୍ଟା ସମୟରେ ପାକିଡ଼ି ଡି ପି ଏଫ ଜଙ୍ଗଲ ନିକଟ କନ୍ଧପଲ୍ଲୀ ପଦର ଠାରେ ଜଙ୍ଗଲ ଜମି ଦଖଲ କରିବା ଘଟଣାକୁ କେନ୍ଦ୍ର କରି ଦୀର୍ଘ ଦିନ ଧରି ଦୁଇ ଭାଇଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଆଜି ପ୍ରତିଦିନ ଭଳି ସକାଳେ ନିକଟସ୍ଥ ପଦରକୁ ରାଜୁ ପାତ୍ରଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ପାତ୍ର (ମଳାପାତ୍ର)ଯାଇଥିଲା ହଠାତ ପୂର୍ବ ଯୋଜନା ଅନୁଯାଇ ସାନଭାଇ ଭୋବିନି ପାତ୍ର, ତାର ପୁଅ ପପୁନ ପାତ୍ରଓ ସ୍ତ୍ରୀ ରଞ୍ଜିତା ପାତ୍ର ମିଶି ରାଜୁ ପାତ୍ର କୁ ଜଙ୍ଗଲ କାଠ ହଣା ଏକ ଧାରୁଆ କାତିରେ ଆକ୍ରମଣ କରିଥିଲେ। ରାଜୁକୁ ବିଲସାରା ଗୋଡ଼ାଇ ଗୋଡାଇ ଆକ୍ରମଣ କରିବା ସହ ତା ସ୍ତ୍ରୀ ସମ୍ମୁଖରେ ଗଳା କାଟି ଦେଇଥିଲେ। ଭାଇ ଓ ପୁତୁରାର କାତି ଚୋଟରେ ରାଜୁ ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ।ଏହି ପରେ ଘଟଣା ନିକଟରେ ସ୍ତ୍ରୀ ମଳା ପାତ୍ର ପାଟି କରିବାରୁ ରକ୍ତ ମୁଖା ଦିଅର ଭୋବନି ପାତ୍ର,ତାର ପୁଅ ପପୁନ ପାତ୍ର, ସ୍ତ୍ରୀ ରଞ୍ଜିତା ପାତ୍ର ମିଳିତ ଭାବେ ମାଳାକୁ ମଧ୍ୟ ଆକ୍ରମଣ କରିଥିଲେ। ମଳାର ପାଟି ଶୁଣି ପଦର ନିକଟରେ ଥିବା କିଛି ଲୋକ ଆସିବାରୁ ଆସାମୀ ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଗାଁ ଲୋକ ଆସି ଦେଖିଲା ବେଳକୁ ରାଜୁ ମୃତ୍ୟୁ ବରଣ କରିଥିଲେ ଓ ମଳାର ଅବସ୍ଥା ଗୁରୁତର ଥିଲା ତାକୁ ୧୦୮ଯୋଗେ ଆସିକା ମେଡିକାଲ କୁ ନେଇଥିଲେ। ମଳାର ଅବସ୍ଥା ଗୁରୁତର ଥିବାରୁ ତାକୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିଲା। ମେଡିକାଲ ନେବା ରାସ୍ତାରେ ମଳାର ମଧ ମୃତ୍ୟୁ ହୋଇଥିଲା। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଥିଲା। ମୃତ ରାଜୁର ପୁତ୍ର ସନ୍ତୋଷ ପାତ୍ର ହତ୍ୟା ଘଟଣା ସମ୍ପର୍କ ରେ ଦାଦା,ଖୁଡିଓ ଦାଦା ପୁଅ ଭାଇ ପପୁନ ନାମରେ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା। ଅଭିଯୋଗ କୁ ଭିତ୍ତି କରି ପୋଲିସ କେସ ନମ୍ବର ୭୩୮/୨୪ଦଫା ୨୯୬/ ୧୧୫(୨)/୭୪/୧୦୩(୧)/ ୩୫୧(୩)/୩(୫)ବି ଏନ ଏସ ୨୫(୧)(ଏ ) ପ୍ରକାରେ ମାମଲା ରୁଜୁ କରିଥିଲା। ଛତ୍ରପୁର ସାଇ□ଫିକ ଟିମ ହତ୍ୟା ସ୍ଥଳରୁ ରକ୍ତ ନମୁନା ସହ ଅନେକ ଜିନିଷ ର ପ୍ରମାଣ ସଂଗ୍ରହ କରିଛି। ବ୍ରହ୍ମପୁର ବଡମେଡିକାଲ ଠାରେ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶବ ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, କୋଟିନଡ଼ା ଥାନା ଅଧିକାରି କୃଷ୍ଣ ଚନ୍ଦ୍ର ସାହା, ଶେରଗଡ଼ ଥାନା ଅଧିକାରୀ ବୀରେନ୍ଦ୍ର ସିଅଲ, ହିଞ୍ଜିଳି କାଟୁ ଥାନା ଅଧିକାରୀ ଅନିଲ ସେଠି, ଆସିକା ଥାନା ସବ ଇନ୍ସପେକ୍ଟର ଅଜିତ କୁମାର ପରିଡା, ଜ୍ଞାନ ରଞ୍ଜନ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣା କୁ ନେଇ ସମେଇଗୁଡା ଗ୍ରାମରେ ଉତ୍ତେଜନା ଲାଗିରହିଛି। ଏଥି ପାଇ ଗ୍ରାମରେ ପୋଲିସ ମୁତୟନ ଅଛି। ଖବର ଲେଖା ବେଳକୁ ହତ୍ୟାକାରୀ ଭୋବିନି ପାତ୍ର ତା ସ୍ତ୍ରୀ ରଞ୍ଜିତା ପାତ୍ର କୁ ପୋଲିସ ଗିରଫ କରିଥିଲା ବେଳେ ପୁଅ ପପୁନ ପାତ୍ର ଫେରାର ଅଛ।

# ଜେ. ଏସ. ଡବ୍ଲୁ ଫାଉଣ୍ଡେସନ ଦ୍ୱାରା ର୍ନିମିତ ପଥପ୍ରାନ୍ତ ସେବା କେନ୍ଦ୍ର (ସ୍ମାର୍ଟ ଷ୍ଟପ୍) କୁଜଙ୍ଗ ଠାରେ ଉଦଘାଟିତ



ପାରାଦ୍ୱୀପ(ମହାଭାରତ): ଜେ. ଏସ. ଡବ୍ଲୁ ଫାଉଣ୍ଡେସନ ପାରାଦ୍ୱୀପ ଦ୍ୱାରା ର୍ନିମିତ ସ୍ମାର୍ଟ ଷ୍ଟପ୍ ଗତ ନଭେମ୍ବର ୯, ୨୦୨୪ରିଖରେ ମାନ୍ୟବର ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ, ଓଡିଶା ସରକାର ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ସମାରୋହରେ ସମ୍ମାନୀୟ ଅତିଥି ଶ୍ରୀ ଦୀପକ ପ୍ରସାଦ ସ୍ୱାଇଁ ବିକାଶ ଖଣ୍ଡ ଅଧିକାରୀ , କୁଜଙ୍ଗ ବ୍ଲକ, ଶ୍ରୀମତୀ ବାନ୍ଦିତା ଦାସ, ସରପ□, କୁଜଙ୍ଗ, ଜେ.ଏସ. ଡବ୍ଲୁ ପାରାଦୀପ ଟର୍ମିନାଲସ, ଜେ. ଏସ. ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ ଓ ଜେ. ଏସ. ଡବ୍ଲୁ ଫାଉଣ୍ଡେସନର ଉଚ୍ଚ ପଦାଧିକାରୀ ମାନେ ଯୋଗ ଦେଇଥିଲେ। କଟକ-ପାରାଦୀପ ରାଜପଥ ପାର୍ଶ୍ୱରେ ର୍ନିମିତ ପଥପ୍ରାନ୍ତ ସେବା କେନ୍ଦ୍ର (ସ୍ମାର୍ଟ ଷ୍ଟପ୍) ସାଧାରଣ ଲୋକଙ୍କୁ ତଥା ବିଶେଷ ଭାବରେ କଟକ-ପାରାଦୀପ ରାଜପଥ ଦେଇ ଯାଉଥିବା ଯାତ୍ରୀମାନଙ୍କୁ ପରିଷ୍କାର ଏବଂ ସ୍ୱଚ୍ଛ ଶୌଚାଳୟ ସୁବିଧା ଯୋଗାଇ ଦେବ କୁଜଙ୍ଗ ବ୍ଲକ ପ୍ରଶାସନର ସହଯୋଗରେ ଔଝଡ ଫାଉଣ୍ଡେସନ ଦ୍ୱାରା ର୍ନିମିତ ଉକ୍ତ କେନ୍ଦ୍ର (ସ୍ମାର୍ଟ ଷ୍ଟପ୍) ରେ ଉଭୟ ପୁରୁଷ ଏବଂ ମହିଳାମାନଙ୍କ ସହିତ ଭିର୍ଣ୍ଣକ୍ଷମ ବ୍ୟକ୍ତି ମାନଙ୍କ ପାଇଁ ପରିଷ୍କାର ଏବଂ ସ୍ୱଚ୍ଛ ଶୌଚାଳୟ ପ୍ରତିଦିନ ୨୪ ଘଣ୍ଟା ବିନା ମୂଲ୍ୟରେ ଉପଲବ୍ଧ ହେବା ସହିତ ସ୍ୱଚ୍ଛ ପାନୀୟ ଜଳ ଜନସାଧାରଣଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ଜେଏସବ୍ଲୁ ଫାଉଣ୍ଡେସନର ଜଳ, ପରିମଳ ଏବଂ ସ୍ୱଚ୍ଛତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଏଥିରେ ସଂଲଗ୍ନ କାଫେ ଏକ ଅଣ-ଲାଭକାରୀ କାଫେ ଭାବରେ କାର୍ଯ୍ୟ କରିବ ଏବଂ ଏଥିରୁ ମିଳିବାକୁ ଥିବା ଲାଭାଂଶରୁ ଶୌଚାଳୟର ନିୟମିତ ରକ୍ଷଣାବେକ୍ଷଣ ଓ ଏଥିରେ ନିୟୋଜିତ ସ୍ୱଚ୍ଛତା କର୍ମୀମାନଙ୍କୁ ମାନଦେୟ ଭାବରେ ପ୍ରଦାନ କରାଯିବ । ଏହି କାଫେ ମଧ୍ୟରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ଡିସପ୍ଲେ କାଉଣ୍ଟର ମଧ୍ୟ କରାଯାଇଛି । ଏହି ପଦକ୍ଷେପ ମାଗଣା, ପରିଷ୍କାର ଏବଂ ସ୍ୱଚ୍ଛ ପରିମଳ ସୁବିଧା ଯୋଗାଇ କରିବା ସହିତ ସ୍ଥାନୀୟ ଯୁବକ, ସାମାନ୍ୟ ବର୍ଗର ମହିଳା ମାନଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି କରିବ ।

# ୪୭୦ ଲିଟର ଦେଶୀମଦ ଜବତ, ୨ ଗିରଫ



ରଣପୁର, ( ମହାଭାରତ ) : ରଣପୁର ଅବକାରୀ ବିଭାଗ ଅନ୍ତର୍ଗତ କୋଟଗଡ଼ ଠାରେ ଚୋରାଚାଲାଣ ହେଉଥିବା ୪୭୦ ଲିଟର ହାତରନ୍ଧା ଦେଶୀ ମଦ ଜବତ ହୋଇଥିବା ବେଳେ ୨ ଜଣ ବେପାରୀ ଗିରଫ ହୋଇଥିବା ଜଣାଯାଇଛି। ଆଜି ପୂର୍ବାହ୍ନ ସାଢେ ୯ଟାରେ ବାହାର ଜିଲ୍ଲାର କିଛି ବେପାରୀ ରଣପୁର ଅଞ୍ଚଳକୁ ଦେଶୀ ମଦ ଚୋରା ଚାଲାଣ କରୁଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିବା ପରେ ଅବକାରୀ ବିଭାଗ ଚଳଚଞ୍ଚଳ ହୋଇଉଠିଥିଲା। ଜିଲ୍ଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅବକାରୀ ଟିମ୍ କୋଟଗଡ଼ ଠାରେ ଛକି ବସିଥିଲେ। ଇତି ମଧ୍ୟରେ ଏକ ଅଲ୍ଟୋ କାର୍ ( ଓଡି ୦୫ ଜେ ୧୮୮୧ ) ଯୋଗେ ୨ ବେପାରୀ ଏହି ମଦ ନେଇ ଯାଉଥିବାବେଳେ ଅବକାରୀ ଟିମ୍କୁ ଦେଖି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ଅବକାରୀ ଟିମ୍ କାର୍ଟିକୁ ଗୋଡ଼ାଇ ଧରିଥିଲେ। ଢେଙ୍କାନାଳର ଅଶୋକ ପ୍ରଧାନ ଓ ଗଣେଶ ପ୍ରଧାନ ନାମକ ଦୁଇ ବେପାରୀଙ୍କୁ ଗିରଫ କରିବା ସହ ମଦ ଓ ଗାଡ଼ି ଜବତ କରାଯାଇଥିଲା। ଉଭୟଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଥିବା ଜଣାଯାଇଛି। ଏହି ଚଢ଼ଉରେ ରଣପୁର ଅବକାରୀ ଏସ୍ଆଇ ଅର୍ପିତା ସାହୁ, ଏଏସ୍ଆଇ ର୍ନିମଳ କୁମାର ବେହେରା ଓ ଅନ୍ୟ କର୍ମଚାରୀ ସାମିଲ୍ ହୋଇଥିଲେ।

# ମୁହାଁ ମୁହିଁ ଧକ୍କା ହେଇ ଉଭୟ ବାଇକ ଚାଳକ ଗୁରୁତର

ଥୁଆମୂଳ ରାମପୁର (ମହାଭାରତ):କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ମା ମାଣିକେଶ୍ୱରୀ କଲେଜ ଛକ ନିକଟରେ ଜଣେ ଯୁବକ କଲେଜ ରୁ କ୍ଲାସ ସାରି ଫେରୁଥିବା ସମୟରେ ଏକ ବାଇକ ସହିତ ମୁହାଁ ମୁହିଁ ଧକ୍କା ହେବା ଫଳରେ ଯୁବକ ଟି ଗୁରୁତର ଅବସ୍ଥାରେ ପଡି ରହିଥିଲେ ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ପହଂଚି ସଙ୍ଗେ ସଙ୍ଗେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସୂଚନା ଅନୁସାରେ ଯୁବକ ଟି ଥୁଆମୂଳ ରାମପୁର ବ୍ଲକ ଅଧିନସ୍ଥ ଚିରକେଲଗୁଡା ଗ୍ରାମର ବିବେକାନନ୍ଦ ମାଝୀ (୧୮), ପି ଗୁରୁବାରୁ ମାଝୀ ବୋଲି ଜଣା ପଡିଛି ଅନ୍ୟ ଏକ ବାଇକ ଟି କାଶୀପୁର ଅଧିନସ୍ଥ ପୁକିଜାଲ ଗ୍ରାମର ବୋଲି ଜଣାପଡିଛି।

# ଆସିକା ଓକିଲ ସଂଘ ପକ୍ଷରୁ ନୂତନ ଜେ ଏମ୍ ଏଫ୍ ସି ପାଇଁ ସ୍ୱାଗତ ସଭା ଅନୁଷ୍ଠିତ

ଆସିକା (ମହାଭାରତ): ଆସିକା ଓକିଲ ସଂଘ ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା ଜେ ଏମ୍ ଏଫ୍ ସି ଟ୍ରାଇଲ ଅନିକା ଦାସଙ୍କୁ ସ୍ୱାଗତ କରିଥିବା ଜଣା ଯାଇଛି। ଆଇନଜିବି ସଂଘର ଉପସଭାପତି ପ୍ରଭାତ ପାଢୀଙ୍କ ସଭାପତିତ୍ୱରେ ଆଜି ଓକିଲ ସଂଘ ସଭାଗୃହ ଠାରେ ଏକ ସ୍ୱାଗତ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ସବଜର୍ଜ ଶ୍ରୀମତି ସୌଦାମିନୀ ବିଶ୍ୱାଳ, ମୁନସିଫ ଶ୍ରୀମତି ଝିଲି ଲୀନା ନାୟକ ପ୍ରଥମ ଶ୍ରେଣୀ ବିଚାର ବିଭାଗିୟ ମାଜିଷ୍ଟ୍ରେଟ୍ ଏ.ଗିତାଞ୍ଜଳି ନାଇଡୁ ନୂତନ ଭାବେ ଯୋଗଦେଇଥିବା ଜେ ଏମ୍ ଏଫ୍ ସି ଟ୍ରାଇଲ ଭାବେ ଅନିତା ଦାସ ସଂଘ ସମ୍ପାଦକ ବିଦେଶୀ ନାହକ ପ୍ରମୁଖ ଯୋଗଦେଇଥିଲେ। ନୂତନ ଜେ ଏମ୍ ଏଫ୍ ସି ଅନିତା ଦାସଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସମ୍ମାନିତ କରିବା ସହ ଆସିକା ୧୮୫୬ ମସିହାରେ କୋର୍ଟ ପ୍ରତିଷ୍ଠା ହୋଇ ଏହାର ଗାରିମା ରହିଛି। ମାଜିଷ୍ଟ୍ରେଟ ଓ ଆଇନଜିବି ମାନଙ୍କ ମଧ୍ୟରେ ସୁସମ୍ପର୍କ ରଖିବା କୋର୍ଟ ପଦ ମର୍ଯ୍ୟଦା ରଖିବାକୁ ବହୁ ବରିଷ୍ଠ ଆଇନ୍ ମତ ପ୍ରକାଶ କରିଥିଲେ।

# ଲୁହା ଛଡ଼ ଚୋରି କରି ଜେଲ ଗଲେ ୮ ଜଣ ଯୁବକ

କଳାହାଣ୍ଡି (/ମହାଭାରତ):ଅଭିଯୋଗ ର ୨୪ ଘଣ୍ଟା ଭିତରେ ଚୋର ଙ୍କୁ ଧରି କୋର୍ଟ ଚାଲାଣ କଲା କେସିଙ୍ଗା ପୋଲିସ ୟଗତ ୧୦ ତାରିଖ ରାତିରେ କେସିଙ୍ଗା ବ୍ଲକ୍ ଡୁମେର ମୁଣ୍ଡା ଠାରେ ଥିବା କେସିଙ୍ଗା ଏନ୍ ଏ ସି ର ଆବର୍ଜନା ଗୃହ ଠାରୁ ଲୁହା ଛଡ ଚୋରି ହୋଇଥିବା ନେଇ ଗତ ୧୧ ତାରିଖ ରେ କେସିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା ।ଅଭିଯୋଗ କୁ କେନ୍ଦ୍ର କରି କେସିଙ୍ଗା ଥାନାର ଏ ଅସ୍ ଆଇ ଡି ମୋହନ ଘଟଣା ର ତଦନ୍ତ ଆରମ୍ଭ କରିଥିଲେ ।ଅଭିଯୋଗ ର ୨୪ ଘ□। ଭିତରେ ଗତ କାଲି ଚୋରି ଘଟଣାରେ ସଂପୃକ୍ତ ଥିବା ଆଠ ଜଣ ଯୁବକ ଙ୍କୁ ଗିରଫ କରିବାରେ ସଫଳ ହେଲା କେସିଙ୍ଗା ପୋଲିସ ।ଗିରଫ ଯୁବକ ମାନେ ହେଲେ ଛବି ତାଣ୍ଡି ବୟସ ୨୯,କାମଦେବ ସୁନା ବୟସ ୨୦,ଲିଙ୍ଗ ସୁନା ବୟସ ୩୨,ସୁନ୍ଦର ସିଂ ହରିଜନ ବୟସ ୨୩,ଧର୍ମେନ୍ଦ୍ର ହରିଜନ ବୟସ ୩୦,ସୀତାକାନ୍ତ କରୁଆଁ ବୟସ ୨୦,ଜିତେନ୍ଦ୍ର ହରିଜନ ବୟସ ୨୭ ଓ ପ୍ରଫୁଲ୍ଲ ପାୟା ସିଂ ବୟସ ୩୬ ଓ ଏମାନଙ୍କ ମଧ୍ୟରୁ ୭ ଜଣ ଦୁମେରମୁଣ୍ଡା ର ବାସିନ୍ଦା ହୋଇଥିବା ବେଳେ ଜଣେ ସିରୋଲ ଗାଁ ର ବୋଲି ଜଣାପଡିଛି।

# ଫସଲ ଉଜୁଡୁଛି ବନ୍ୟପ୍ରାଣୀ ଘର ଛାଡ଼ି ମଞ୍ଚାରେ ଚାଷୀ



କରଞ୍ଜିଆ(ମହାଭାରତ) କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ରେଞ୍ଜ ରେ ବନ୍ୟପ୍ରାଣୀଙ୍କ ଉପଦ୍ରବ ଲାଗିରହିଛି । ଅମଳ ଅପେକ୍ଷା ରେ ଥିବା ଧାନ କିଆରିରେ ହାତୀ, ବାରହା ପଶି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି । ଯାହାକୁ ନେଇ ଚାଷୀକୁଳ ଚନ୍ତା ରେ ପଡ଼ିଯାଇଛନ୍ତି । ମୁଣ୍ଡ ଝାଳ ତୁଣ୍ଡ ରେ ମାରି ବିଲ ରେ ଫଳାଇଥିବା ସୁନାର ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀ ମାନେ ଘର ଛାଡ଼ି ମଞ୍ଚା ରାତି କାଟୁଛନ୍ତି । ରାତି ଅନିଦ୍ରା ହୋଇ ନିଆଁ ଜାଳି, ବାଜା ବଜାଇ ଧାନ ଖାଇବାକୁ ଆସୁଥିବା ବନ୍ୟଜନ୍ତୁଙ୍କୁ ଘୁଡ଼ାଉଛନ୍ତି । ବାନଭାଗ ର ସୂଚନା ଅନୁଯାୟୀ ଠାକୁରମୁଣ୍ଡା ରେଞ୍ଜର ଶିମିଳିପାଳ ପଦଦେଶର ବିଭିନ୍ନ ସ୍ଥାନ ରେ ୨ ଟି ହାତୀ ବୁଲୁଛନ୍ତି । ହତୀପଲ ଦିନ ବେଳେ ଜଙ୍ଗଲ ରେ ଓ ଶିମିଳିପାଳ ରେ ରହୁଥିବା ବେଳେ ସଞ୍ଜ ନଇଁବା ପରେ ଖାଦ୍ୟ ଅନେଶ୍ୱଣରେ ଜନବସତି ମୁହାଁ ହେଉଛନ୍ତି। ବିଲରେ ପଶି ପାଚିଲା ଧନ ଖାଇବା ସହ ପଦରେ ଦୋଳିଚକଟି ଫସଲ ନଷ୍ଟ କରୁଛନ୍ତି । ଯେତେ ଚେଷ୍ଟା କଲେବି ବର୍ଷକର ଆହାର କୁ ହାତୀ ମୁଁହ ରୁ ବଞ୍ଚାଇବା ଚାଷୀଙ୍କ ପାଇଁ କଷ୍ଟକର ହେଉଛି । ସେହିପରି ବାରହା ପଲ ମଧ ରାତିରେ ଜଙ୍ଗଲ ରୁ ବାହାରି ବିଲରେ ପଶି ଧାନ ଖାଉଥିବା ବେଳେ ମାଙ୍କଡ ପଲ ଦିନବେଳେ ପାହାଡ଼ ଜଙ୍ଗଲ ରୁ ବାହାରି ଧାନ ଖାଉଥିବା ଚାଷୀ ଅଭିଯୋଗ କରିଛନ୍ତି । ହାତୀ ଉପଦ୍ରବ ଯୋଗୁଁ ଠାକୁରମୁଣ୍ଡା ବ୍ଲକ ର କେଶଡିହା ପଞ୍ଚାୟତ ର ଚିରୁପଦା, ମଣ୍ଡଳଝରୀ ହତିଗୋଡ଼ା ପଞ୍ଚାୟତ ଘଡଡ଼ାବିନ୍ଧା, ଆସନକୁଦର, ରାଣୀଭୋଳ ସଲେବେଡ଼ା ପଞ୍ଚାୟତ ର ସଲେଇବେଡା ।, ଖପରଖାଇ,ବଡମହୁଲଦଡିହା, ଡଙ୍ଗାପାଣି, ଲାଣ୍ଡୁସାହି, କାସିବେଡ଼ା, ରାଣୀଭଳ ପ୍ରଭୃତି ଗାଁ ରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି କ୍ଷ ଧାରକରଜ କରି ଚାଷ କରିଥିବା ଚାଷୀ ମାନେ ନିଜ ଫସଲର ସୁରକ୍ଷା ପାଇଁ ଧାନ ିଲ କୋଡ଼ରେ ଥିବା ଗଛରେ ମ□। କରିଛନ୍ତି କ୍ଷ ଜୀବନକୁ ବାଜି ଲଗାଇ ମ□। ରେ ରାତି ଉଜାଗର ରହି ନିଜ ଫସଲକୁ ସୁରକ୍ଷା ଦେଉଛନ୍ତି କ୍ଷ ଧାନ ଅମଳ ର ଚାରି ମାସ ଧରି ଚାଷୀ ମାନେ ଧାନ ଫସଲ ସୁରକ୍ଷା ପାଇଁ ଘର ଛାଡ଼ି ମଞ୍ଚାରେ ରହୁଛନ୍ତି। ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳର ସନ୍ତୋଷ କୁମାର ମହାନ୍ତ, ଯୋଗଳ କିଶୋର ମହାନ୍ତ, ଶିବ ପ୍ରସାଦ ମହାନ୍ତ, ତୁରି ବଦରା, କରମ ସିଂ ହୋ, ତୂରୀ ହୋ, ରାମରାୟ ବଦରା, ଭକ୍ତ କିଶୋର ଚଳିଆ, ରାମ ଚନ୍ଦ୍ର ମାଝୀ , ଦୀପୁ ରାଜ ନାୟକ, ବସେନ ହୋ ଚାଷୀ ମାନଙ୍କ ଅଭିଯୋଗ ବର୍ଷ ବର୍ଷ ଧରି ଏହି ସମସ୍ୟା ର ସମ୍ମୁଖୀନ ହେଉଛନ୍ତି । ମାଙ୍କଡ ଆତଙ୍କ ଓ ବାରହାପଲ ପଶି ଫସଲ ନଷ୍ଟ କରୁଥିବାରୁ ଚାଷ ପାଇଁ କରିଥିବା ଧାରକରଜ ପରିଶୋଧ କରିହେଉନି । ବନବିଭାଗ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର କରିବାକୁ ଚାଷୀ ମାନେ ଦାବି କରିଛନ୍ତି ।

### ପଡିଆ ନାଁ ରେ ୨୦ ଲକ୍ଷ ଟଙ୍କା ଆତ୍ମସାତ ଘଟଣା

# ତଦନ୍ତ ନ ହେଲେ ଆନ୍ଦୋଳନ ଚେତାବନୀ ଦେଲେ ଯୁବପିଢି



ଟିଟିଲାଗଡ (ମହାଭାରତ): ବଲାଙ୍ଗୀର ଜିଲ୍ଲା ତୁଷୁରା ଏନଏସି ର ୨ ନମ୍ବର ୱାର୍ଡ ଖର୍ଡା ଠାରେ ଏସଏଚଜି ଗ୍ରୁପ କୁ ହାତକରି ୨୦ ଲକ୍ଷ ଟଙ୍କା ରେ ବିପଦପୂର୍ଣ୍ଣ ତୁତୁମା ଲାଇନ ତାର ତଳେ ଖେଳ ପଡିଆ କରି ସେଥିରେ ବିନା ନିହଁ ରେ ମାଟି ଉପରେ ବାଡ ଦେଇଛନ୍ତି । ଏବଂ ୬ ମାସ ପରେ ବାଡଟି ଭାଙ୍ଗିପଡି ଥିବା ବେଳେ ୨୦ ଲକ୍ଷ ଟଙ୍କାକୁ ବିଜେଡି କର୍ମୀ କେତେକ ଭାଗ ବଣ୍ଟା କରି ଖାଇଯାଇଛନ୍ତି। ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ ତତ୍ପରତା ଦେଖାଇ ଯିଏ ଏଥିରେ ସଂପୃକ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ କହିଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କାମ କରୁଥିବା ଗ୍ରୁପ କି ଠିକା କରିଥିବା ବିଜେଡି କର୍ମୀ ଙ୍କ ବିରୋଧରେ କୌଣସି ପଦକ୍ଷେପ ନେଉନଥିବାରୁ ତୁଷୁରା ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏନଏସି ତରଫରୁ ବିଜେଡି କର୍ମୀ ମାନଙ୍କୁ ଦୋଷ ମୁକ୍ତ କରିବା ପାଇଁ ଭାଙ୍ଗିଥିବା ବାଡ କୁ ମରାମତି କରିଦେବାକୁ ସମୟ ଦିଆଯାଉଛି । ଅପରପକ୍ଷରେ ସମଲେଶ୍ୱରୀ ଗ୍ରୁପ ସଭାପତି ତାଙ୍କ ପଦରୁ ଇସ୍ତଫା ଦେଇ ବାହାରିଯାଇଥିବା ଦେଖିବାକୁ ମିଳିଛି। ଯୁବ ଗୋଷ୍ଠୀ ମାନେ ବର୍ତ୍ତମାନ ଅଭିଯୋଗ କରୁଛନ୍ତି ଯେ ଏଥିରେ ସମସ୍ତେ ସଂପୃକ୍ତ ଅଛନ୍ତି ସେଥିପାଇଁ ସମୟ ଗଡାଇ ଚାଲିଛି ଏନଏସିୟ ଆଗାମୀ ଦିନରେ ବାଧ ହୋଇ ଆନ୍ଦୋଳନ କରିବୁ ଏବଂ ଏନଏସି ଆଗରେ ଧାରଣା ଦେଇ ଏନଏସି କୁ ଅଚଳ କରିଦେବୁ ବୋଲି ଯୁବଗୋଷ୍ଠୀ ମାନେ କହିଛନ୍ତି ।ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ଦୋଷୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଞ୍ଚଳ ବାସୀ ଦାବି କରୁଛନ୍ତି।

# ଦାଶିଆ ଅଜା ସଂଗ୍ରହାଳୟ ପରିଦର୍ଶନ କଲେ ସୂଚନା ଲୋକ ସମ୍ପର୍କ ନିର୍ଦ୍ଦେଶକ




ନୂଆଗାଁ (ମହାଭାରତ ) : ଓଡ଼ିଶାର ପ୍ରଖ୍ୟାତ ସଂଗ୍ରାହକ, ପାଠାଗାର ଆନ୍ଦୋଳନ ର ପ୍ରବାଦ ପୁରୁଷ ଦାଶରଥି ପଟ୍ଟନାୟକଙ୍କ ଦ୍ୱାରା ନୂଆଗାଁ ବ୍ଲକ୍ ଉଦୟପୁର ଠାରେ ପ୍ରତିଷ୍ଠିତ ବିଶ୍ୱ ପ୍ରସିଦ୍ଧ ପାଠାଗାର, ସଂଗ୍ରହାଳୟ,ଓ ଗବେଷଣା କେନ୍ଦ୍ରକୁ ସୂଚନା ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ପରିଦର୍ଶନ କରିଛନ୍ତି। ବଣ ପାହାଡ ଘେରା ଏକ ଗ୍ରାମୀଣ ପରିବେଶରେ ଦାଶିଆ ଅଜାଙ୍କ ବିଶ୍ ପ୍ରସିଦ୍ଧ ଅସାଧାରଣ ସାଧନା ଓ ଅଭିନବ ପରିକଳ୍ପନା ଦ୍ୱାରା ପୃଥିବୀ ବାସୀଙ୍କ ପାଇଁ ସାଇତି ରଖିଥିବା ପର୍ଯ୍ୟଟନ ସମ୍ଭାରକୁ ଦେଖି ନିର୍ଦ୍ଦେଶକ ଅଭିଭୂତ ହୋଇ ପଡ଼ିଥିଲେୟ ପାଠାଗାର ସଂଗ୍ରହାଳୟ ରେ ସଂଗୃହୀତ ହୋଇ ରହିଥିବା ଲକ୍ଷ ଲକ୍ଷ ପୁସ୍ତକ ,ପତ୍ର ପତ୍ରିକା,ତାଳପତ୍ର ପୋଥି,ପୁରାତନ ସମ୍ବାଦ ପତ୍ର ପୃଥିବୀର ବିଭିନ୍ନ ଦେଶର ବିରଳ ସାମଗ୍ରୀ ଦେଖି ନିର୍ଦ୍ଦେଶକ ଆଶ୍ଚର୍ଯ୍ୟାନ୍ୱିତ ହେଇଥିଲେୟବିସ୍ମୟ ସାଧକ ଦାଶିଆ ଅଜାଙ୍କ ସାଧନା ଓ ଅକ୍ଷୟ କୀର୍ତ୍ତି କୁ ଖୁବ୍ ପ୍ରଶଂସା କରିଥିଲେ। ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତି ଓ ସମାଧି ପୀଠ ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ନିର୍ଦ୍ଦେଶକୟ ଦାଶିଆ ଅଜାଙ୍କ ନାତି ଦୀପକ ପଟ୍ଟନାୟକ ନିର୍ଦ୍ଦେଶକଙ୍କୁ ସଂଗୃହୀତ ସାମଗ୍ରୀ ସମ୍ପର୍କରେ ଅବଗତ କରିଥିଲେୟନିର୍ଦ୍ଦେଶକ ଙ୍କ ପରିଦର୍ଶନ ସମୟରେ ଭୁବନେଶ୍ୱର ବିଶିଷ୍ଟ ସମାଜସେବୀ ସଂଗ୍ରାମ କୁମାର ରାଉତ ଓ ନୟାଗଡ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ।

# ତନୟା ଦାସ ଗୋସ୍ୱାମୀଙ୍କୁ ମିଳିଲା ପଞ୍ଚ□ସଖା ସମ୍ମାନ



ବାଲିପାଟଣା(ମହାଭାରତ)ଆଦି ଚଳଚ□ିଳ ଶିଶୁଅନନ୍ତ ପୀଠ ୧୯୭୦ ମସିହା ଛାତ୍ରୀ ଜୀବନରୁ ଶିଶୁ ବଂଶଧରଙ୍କ କନ୍ୟା ହିସାବରେ ପୀଠର ବିକାଶ ପାଇଁ ଅହରହ ଉଦ୍ୟମ ଜାରିରଖିଛନ୍ତି ଶିଶୁ ଅନନ୍ତ ପୀଠର ସମ୍ପାଦକ ତନ୍ମୟ ଦାସ ଗୋସ୍ୱାମୀ। କଟକ ଆକାଶବାଣୀ ରେ ଶିଶୁ ଅନନ୍ତ ଙ୍କ ଭଜନ, କାହାଣୀ ପ୍ରଚାର କରିଥିବା ବେଳେ ପୀଠର ବିକାଶ ପାଇଁ ଦୀର୍ଘ ୫୦ବର୍ଷ ରୁ ଉର୍ଦ୍ଧ ହେଲା ଉଦ୍ୟମ ଜାରି ରଖିଛନ୍ତି। ପୀଠକୁ ଜବର ଦଖଲ ମୁକ୍ତ କରାଇ ଏହାକୁ ରାଜ୍ୟର ୩୦୦ତମ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ତାଙ୍କର ଚେଷ୍ଟା ଅବିସ୍ମରଣୀୟ। ଶିଶୁ ଅନନ୍ତ ଗାଥାରଚନା କରି ଆନ୍ତର୍ଜାତୀୟ ସ୍ତରରେ ଶିଶୁ ଅନନ୍ତଙ୍କୁ ପ୍ରମାଣିତ ଚଳଚ୍ଚିତ୍ର ମାଧ୍ୟମରେ ପରିଚିତ କରାଇ ବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ସେ ଜଣେ ଦକ୍ଷ ସାଂସ୍କୃତିକ ସଂଗଠକ ସହ ଓଡ଼ିଆ ଶିଶୁ ସାହିତ୍ୟ ୧୯୯୧ ମସିହାରେ ରେ ଜଣେ ପ୍ରତିଷ୍ଠିତ ସାହିତ୍ୟକ। ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନିଜେ ଭୁବନେଶ୍ୱର ଜୟଦେବ ଭବନରେ ବସି ଶ୍ରୀମତୀ ଗୋସ୍ୱାମୀ ଙ୍କ ନାଟକ ଦେଖିଥିଲେ। ପଞ୍ଚସଖା ପୀଠରେ ଶ୍ରୀ ଜଗଓାଥ ଦାସ ଙ୍କ ଜନ୍ମ ଦିନରେ ଅଁଳା ନବମୀ ଦିନ ତାଙ୍କୁ ମିଳିଛି ପଞ୍ଚ□ସଖା ବାବା ପ୍ରେମ ସାଗର ଅରକ୍ଷିତ ସମ୍ମାନ ,ବହୁ ସାଧୁସ୍ୟ ଏଥିରେ ଯୋଗଦେଇଥିଲେ।ଏହି ସମ୍ମାନ ଗ୍ରହଣ ପରେ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟି ଚାଲିଚ।

### ଦୁର୍ନୀତି ନିବାରଣର ଶପଥ ପାଠ ପାଲଟିଛି ପ୍ରହସନ

# ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କିରାଣୀ ଲାଞ୍ଚ ନେଇ ଗିରଫ

ଖୋର୍ଦ୍ଧା :(ମହାଭାରତ) ଜଣେ ସଚ୍ଚୋଟ ଅଧିକାରୀର ପରିଚାଳନା ଦକ୍ଷତା ଉପରେ ଦେଶର ବିକାଶ ନିର୍ଭର କରିଥାଏ । ନିଜ ପ୍ରଚେଷ୍ଟାରେ ସେ ନିଜକୁ ଉନ୍ନତ କରିବା ସହିତ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କିନ୍ତୁ କିଛି ଅଧିକାରୀ ଆର୍ଥିକ ଲୋଭର ବଶବର୍ତ୍ତୀ ହୋଇ କେବଳ ଉତ୍କୋଚ ପାଇଁ ବିଭିନ୍ନ ସରକାରୀ କ୍ଷେତ୍ରରେ ଅବସ୍ଥାପିତ ଅଛନ୍ତିୟ ଗତ ଅକ୍ଟୋବର ୨୮ରୁ ଆରମ୍ଭ କରି ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଦେଶ ତଥା ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ଠାରୁ ନେଇ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦୁର୍ନୀତି ନିବାରଣ ପାଳନ ଅବସରରେ ନିଜକୁ ଦୁର୍ନୀତି ମୁକ୍ତ କରିବାକୁ ଶପଥ ନେଇଥିଲେୟ କିନ୍ତୁ ଏହା ବାସ୍ତବ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭିନ୍ନ କାହିଁକି ନା ନୈତିକ ଅଧୋଗତି ଏବଂ ମୂଲ୍ୟବୋଧର ଅବକ୍ଷୟ। ହେତୁ ଅନେକ ସରକାରୀ କର୍ମଚାରୀ ଆଜି ଅତି ସ୍ୱାର୍ଥପର ଏବଂ ଦୁର୍ନୀତିଗ୍ରସ୍ତ ହୋଇପଡ଼ିଛନ୍ତି । ଦୁର୍ନୀତି କେବଳ ଉଭୟ ଦାତା ଏବଂ ଗ୍ରହୀତାଙ୍କର ସମ୍ମତି ଓ ସହଯୋଗରେ ହିଁ ହୋଇ ପାରିଥାଏ। କିନ୍ତୁ ଅବସ୍ଥା ଚକ୍ରରେ ନିଜର କାର୍ଯ୍ୟ ହାସଲ କରିବା ପାଇଁ ଅନେକ ନିଜ ଇଚ୍ଛା ବିରୁଦ୍ଧରେ ଉତ୍କୋଚ ଦେବାକୁ ବାଧ ହୋଇଥାନ୍ତି। ଆଉ କିଛି କ୍ଷେତ୍ରରେ କିଛି ଲୋକ ତାହା ସହଜରେ ଦୁର୍ନୀତିକୁ ପ୍ରଶ୍ରୟ ଦେଇ ନଥାନ୍ତି ଏବଂ ଦୁର୍ନୀତିଖୋରଙ୍କୁ ଲୋକଲୋଚନକୁ ଆଣିବାକୁ ବାଧ ହୋଇଥାନ୍ତି। ଏମିତି କିଛି ଘଟଣା ଏବେ ସାରା ଖୋର୍ଦ୍ଧା ବ୍ଲକ ଶିକ୍ଷା ବିଭାଗର କାର୍ଯ୍ୟରତ କର୍ମଚାରୀଙ୍କ ମୁଖା ଖୋଲିଦେଇଛି। ଖୋର୍ଦ୍ଧା ଜିଲା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣୀ ପ୍ରଦୀପ କୁମାର ସାହୁ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଛନ୍ତି। ୬ହଜାର ଟଙ୍କା ଲା□ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଚମ୍ପାଝରର ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷୟତ୍ରୀ ବିଜୟିନୀ ତ୍ରିପାଠୀଙ୍କ ଠାରୁ ଇନକ୍ରିମେ□ ଏରିୟର ଟଙ୍କା କରିଦେବା ପାଇଁ ଲା□ ମାଗିଥିଲେ। ଦୁଇଟି ଏରିୟର ଯଥା: ୨ଲକ୍ଷ ୨୭ହଜାର ଟଙ୍କା ଏଂ ଅନ୍ୟଟି ୩ଲକ୍ଷ ୩୯ ହଜାରକୁ ପାସ୍ କରିବାକୁ ଶ୍ରୀ ସାହୁ ୧୦ହଜାର ଟଙ୍କା ଦାବି କରିଥିଲେ। ଶେଷରେ ବାଧ ହୋଇ ଶିକ୍ଷୟତ୍ରୀ ବିଜୟିନୀ ୬ହଜାର ଦେବାକୁ କହିବାରେ କିରାଣୀ ମହାଶୟ ରାଜି ହୋଇଥିଲେୟ ଏନେଇ ବିଜୟିନୀ ଖୋର୍ଦ୍ଧା ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିବାରେ ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ଜାଲ ବିଛାଇଥିଲା। ଗତ ୧୨ତାରିଖ ମଙ୍ଗଳବାର ରାତି ୯ଟା ସମୟରେ ପୂର୍ବ ଯୋଜନା ମୁତାବକ ବିଇଓ କାର୍ଯ୍ୟାଳୟ ପରିସରରେ ବିଜୟିନୀଙ୍କ ଠାରୁ ଶ୍ରୀ ସାହୁ ଲା□ ନେଉଥିବା ବେଳେ ବାହାରେ ଛକିଥିବା ୮ଜଣିଆ ଭିଜିଲାନ୍ସ ଟିମ ତାଙ୍କ ଠାରୁ ରଙ୍ଗ ପ୍ରଲେପ ଦିଆ ଲା□ ଟଙ୍କା ଜବତ ସହ ତାଙ୍କୁ ଗିରଫ କରି ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଯାଇଥିଲେ । ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ବିଜୟିନୀଙ୍କ ଭାଇ ବିନୟ ତ୍ରିପାଠୀଙ୍କ ଅଭିଯୋଗ କ୍ରମେ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଶ୍ରୀ ସାହୁଙ୍କ ଗିରଫ ସହ ଅଫିସ ପରିସରରୁ ଭିଜିଲାନ୍ସ ଟିମ୍ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି । ତେବେ ଅଭିଯୁକ୍ତଙ୍କ ଆୟ ବର୍ହିଭୁତ ସମ୍ପତ୍ତିର ଆକଳନ ପାଇଁ ତାଙ୍କ ବାସଭବନ ସମେତ ସମ୍ପର୍କିୟ ଘରେ ଚଢଉ ଜାରି ରହିଛି ବୋଲି ଭିଜିଲାନ୍ସ ଡିଏସପି ବ୍ରଜକିଶୋର ସାହୁ ସୂଚନା ଦେଇଛନ୍ତି।

# ରାୟଗଡ଼ ସହର ସ୍ଥିତ ସାଇପ୍ରିୟା ୱେଲଫର ଟ୍ରଷ୍ଟ ତରଫରୁ ଶିଶୁ ଦିବସ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା



ରାୟଗଡ(ମହାଭାରତ): ରାୟଗଡ଼ ସହର ସ୍ଥିତ ସାଇପ୍ରିୟା ୱେଲଫର ଟ୍ରଷ୍ଟ ତରଫରୁ ଶିଶୁ ଦିବସ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାଇପ୍ରିୟା ୱେଲଫର ଟ୍ରଷ୍ଟର ସଭାପତି ଶ୍ରୀ ନନ୍ଦ କିଶୋର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବକ୍ତୃତା ପ୍ରତିଯୋଗିତାର ଆଜିର ଶିଶୁ ଓ ଟେକ୍ନୋଲୋଜି ବିଷୟ ସ୍ତୁ ଉପରେ ଛାତ୍ର ଛାତ୍ରୀ ମାନେ ଆଲୋକପାତ କରିଥିଲେ । ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଅତି ମହାନ । ପଣ୍ଡିତ ଜବାହର ଲାଲ ନେହୁରୁ ଶିଶୁ ମାନଙ୍କୁ ନେଇ ମହାନ କଳ୍ପନା କରିଥିଲେ । ଶିଶୁ ବତ୍ସଳ ନେହେରୁଙ୍କ ଠାରେ ଶିଶୁ ପ୍ରେମ ନୈସର୍ଗିକ ଓ ସହଜାତ ଥିଲା । ସେ ଜାଣିଥିଲେ ଶିଶୁ ମାନେ ହେଉଛନ୍ତି ଦେଶର ଭବିଷ୍ୟତ ନାଗରିକ ଓ ନିୟାମକ । ଆଜି ଯେ ଶିଶୁ ବାସ୍ତବରେ ସେ ଜଣେ ଉତ୍ତମ ନାଗରିକ ଓ କର୍ଣ୍ଣଧାର । ଦେଶର ସାମଗ୍ରିକ ବିକାଶ ଶିଶୁ ମାନଙ୍କର ଉପରେ ନିର୍ଭରଶୀଳ ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ଜାତିର ମୁଖ୍ୟ କର୍ତ୍ତବ୍ୟ । ସେମାନଙ୍କର ଉତ୍ତମ ଚରିତ୍ର ଗଠନ, ସତ୍ୟବଦିତା, ନମ୍ରତା, ସାଧୁତା, ସମୟାନୁବର୍ତ୍ତିତା ପାଇଁ ଦୃଷ୍ଟି ଦେବା ଉଚିତ । ସୁସ୍ଥ ନୈତିକ ସମାଜ ଗଠନ ପାଇଁ ସମାଜକୁ ସଜାଡ଼ିବା ଉଚିତ । ଶିଶୁ ମାନଙ୍କ ଉଦାର ଚିନ୍ତାଧାରା, ନିର୍ମଳ ମନ ଓ ଉତ୍ତମ ସ୍ୱାସ୍ଥ୍ୟ ବୁକାଶ ଘଟାଇବା ପାଇଁ ଶିଶୁ ଦିବସ ପାଳନ କରାଯାଏ ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ସାଇପ୍ରିୟା ନଗର ସ୍ଥିତ ଏନଭିଆର ଓ ଡ୍ରିମ ଇଣ୍ଡିଆ ସ୍କୁଲ ଏହି ବକ୍ତୃତା ପ୍ରତିଯୋଗିତାରେ ୨୩ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ ଯମୁଖ୍ୟ ଅତିଥି ଓ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ପ୍ରଶାନ୍ତ ପଟ୍ଟନାୟକ ଯୋଗଦେଇଥିଲେ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ ।ଏହି ପ୍ରତିଯୋଗିତାରେ ଏସ. ଦୀକ୍ଷିତା ଭଲ୍ଲୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ହାର୍ଦ୍ଦିକ ମିନା ଦ୍ୱିତୀୟ ଓ ପ୍ରତ୍ୟୁଷା ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ ଯସମସ୍ତ ପ୍ରତିଯୋଗିକୁ ଟ୍ରଷ୍ଟ ତରଫରୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ଦୟାନନ୍ଦ ଖାଡ଼ଙ୍ଗା, ସଭ୍ୟା ମହାଶ୍ୱେତା ପାଣିଗ୍ରାହୀ, ଗୀତାରାଣୀ ମିଶ୍ର, ପ୍ରତିମା ପାଢ଼ୀ, ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ଆସିକାରେ ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ



ଆସିକା(ମହାଭାରତ):ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ଆସିକା ତହସିଲଦାର ପଦବୀରେ ଆଜି ରାଜ୍ୟସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଚିଠି ନଂ. ୩୫୬୦୮ ପ୍ରକାରେ ଆସିକା ତହସିଲଦାର ରୂପେ ଓଏଏସ ଅଫିସର ସଙ୍ଗୀତା ସେନ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରଛନ୍ତି। ସେ ଏହା ପୂର୍ବରୁ କୋରାପୁଟ ଜିଲ୍ଲାର ନାରାୟଣପାଟଣା ତହସିଲରେ ତହସିଲଦାର ରୂପେ କାର୍ଯ୍ୟରତ ଥିଲେ। ଆସିକା ରାଜସ୍ୱ ବିଭାଗ କାର୍ଯ୍ୟାଳୟ ଅଧୀନସ୍ଥ ଅଞ୍ଚଳବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହ ସମସ୍ତ କାର୍ଯ୍ୟ ଠିକ ଭାବେ ରୂପାୟନ କରିବାକୁ ସେ ସଂକଳ୍ପ ବଦ୍ଧ ବୋଲି ପ୍ରକାଶ କରିଥିଲେ। ତାଙ୍କୁ ତହସିଲର ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ,ବରିଷ୍ଠ ପଦାଧିକାରୀ କିରଣ କୁମାର ପାଢୀ, ଜ୍ଞାନଚନ୍ଦ୍ର ମହାନ୍ତି, ବିଶ୍ୱନାଥ ଲେଙ୍କା,ଧୀରେନ କୁମାର ପଣ୍ଡା,ଏରେନା ପାତ୍ରଙ୍କ ସମେତ ତହସିଲ କର୍ମଚାରୀ ମାନେ ସାକ୍ଷାତ କରି ଶୁଭେଚ୍ଛା ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ରୋଗୀ କଲ୍ୟାଣ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାର୍ମିକ ଅନୁଷ୍ଠାନ

ଅସ୍ତରଙ୍ଗ(ମହାଭାରତ): ଚାଲିଛି କାର୍ତ୍ତିକ ମାସ ପଞ୍ଚୁକ ତିଥି, ଏହି ସମୟ ରେ ଅସ୍ତରଙ୍ଗ ଗ୍ରାମାଞ୍ଚଳ ରେ ବିଭିନ୍ନ ସ୍ଥାନ ରେ ଧାର୍ମିକ ଅନୁଷ୍ଠାନ ହେଉଛି, କିନ୍ତୁ ନିଆରା କଥା ଅସ୍ତରଙ୍ଗ ରେ ରୋଗୀ କଲ୍ୟାଣ ପାଇଁ ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆୟୋଜିତ ହେଇଛି ତ୍ରିନାଥ ମହୋତ୍ସବ ଧାର୍ମିକ ଅନୁଷ୍ଠାନ, ୧୭ ବର୍ଷ ରେ ପଦାର୍ପଣ କରିଛି। ଏହି ମହୋତ୍ସବ, ପ୍ରତ୍ୟେକ ବର୍ଷ କା□ିକ ଶୁକ୍ଳ ଦ୍ୱାଦଶୀ ବା ଦ୍ୱିତୀୟ ପଞ୍ଚୁକ ରେ ଏହି ଠାକୁର ଙ୍କର ପ୍ରତିଷ୍ଠା ମହୋତ୍ସବ ଆୟୋଜିତ ହୁଏ, ଚଳିତ ବର୍ଷ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟକୁମାର ପ୍ରଧାନ ଙ୍କ ନେତୃତ୍ୱ ରେ ଏହି କାର୍ଯ୍ୟ ସମ୍ପାଦନ ହୋଇଛି, ଏହି ଉତ୍ସବ ରେ ଡ଼ଃ ସୁବାସ ବିଶ୍ୱାଳ,ଡ଼ଃ ସୁଜିତ କୁମାର ପ୍ରଧାନ, ଡ଼ଃ ସୂର୍ଯ୍ୟକାନ୍ତ ସାମନ୍ତରାୟ ଓ ଅନ୍ୟ ଡାକ୍ତର ସବୁ ଉପସ୍ଥିତ ହୋଇଥିବା ବେଳେ ବିଭାଗ ର ସମସ୍ତ ଷ୍ଟାଫ ନର୍ସ, ଫର୍ମାସିଷ୍ଟ, ଲ୍ୟାବ ର ସମସ୍ତ କର୍ମୀ, ହସ୍ପିଟାଲ ର ସମସ୍ତ କର୍ମଚାରୀ ଏହି ପୂଜା ରେ ଅନୁଷ୍ଠାନିକ ଭାବେ ଅଂଶ ଗ୍ରହଣ କରିଥିଲେ । ଅସ୍ତରଙ୍ଗ ର ବରିଷ୍ଠ ପୁରୋହିତ ବାଳକୃଷ୍ଣ କର ଙ୍କ ପୌରୋହିତ୍ୟରେ ଏହି ଧାର୍ମିକ ପୂଜା ହୋଇଥିବା ବେଳେ ପୂର୍ବତନ ଲାବ୍ରୋଟାରିୟନ ସତ୍ୟ ନାରାୟଣ ମିଶ୍ର କ□ା ହୋଇଥିଲେ । କଳସ ସ୍ଥାପନ, ସୂର୍ଯ୍ୟପୂଜା, କଳସ ପୂଜା, ତ୍ରିନାଥ ଙ୍କ ଶ୍ରୀଙ୍ଗାର, ହୋମ କୁଣ୍ଡ ରେ ଘୃତାହୁତି ହୋଇ ସମସ୍ତ ହସ୍ପିଟାଲ ପରିସରରେ ଏକ ପ୍ରକାର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି, ରୋଗୀ ଟିଏ ଯେତେବେଳେ ଯନ୍ତ୍ରଣା ରେ ହସ୍ପିଟାଲ କୁ ଆସେ ସେତେବେଳେ ଡାକ୍ତର ଙ୍କୁ ଦ୍ୱିତୀୟ ଭଗବାନ ବୋଲି ଭାବେ, ଆଉ ଡାକ୍ତର ଙ୍କ ଉପରେ ଆଉ ଜଣେ ଭଗବାନ ଅଛନ୍ତି ଆଉ ତାଙ୍କର ଆରାଧନା ପୂଜା କେବଳ ଡାକ୍ତର ଙ୍କ ବିକାଶ ପାଇଁ ନୁହେଁ ବରଂ ରୋଗୀ ଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରି ଡାକ୍ତର ସଞ୍ଜୟ ପ୍ରଧାନ ମତାମତ ଦେଇଛନ୍ତି ।



### ପିଟିଏସ୍ ଛକ ଠାରୁ ଜଗନ୍ନାଥ ମନ୍ଦିର ରାସ୍ତା ନିର୍ମାଣରେ ଦୁର୍ନୀତିର ଗନ୍ଧ

# ପିଚୁ ଉପରେ ଗୋଡ଼ି, ଉଡୁଛି ପ୍ରବଳ ଧୂଳି



ନୟାଗଡ଼, ( ମହାଭାରତ ) : ପୁଲିସ ଟ୍ରେନିଂ ସ୍କୁଲ (ପିଟିଏସ୍) ଠାରୁ ନୟାଗଡ଼ ଜଗଓାଥ ମନ୍ଦିର ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ରାସ୍ତାରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ପ୍ରଥମତଃ ଧାର୍ଯ୍ୟ କରାଯାଇଥିବା ଅବଧି ମଧ୍ୟରେ ଠିକା ସଂସ୍ଥା ନିର୍ମାଣ କାମ ଶେଷ କରିପାରିନଥିବା ବେଳେ ଏବେ ଯେତିକି ବି ପିଚୁ କାମ ହୋଇଛି ସେଥିରୁ ଗୋଡ଼ି ଉଠିଯାଇଥିବା ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ, ଏହି ରାସ୍ତାରେ ଏତେ ଜୋରରେ ଧୂଳି ଉଡୁଛି ଯେ, ବିଭିନ୍ନ କାର୍ଯ୍ୟରେ ଏହି ରାସ୍ତା ଦେଇ ଯିବାଟା ଲୋକ ମାନଙ୍କ ପାଇଁ ମୁସ୍କିଲ ହୋଇପଡ଼ିଲାଣି। ଫଳରେ ଏହାକୁ ନେଇ ଏବେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ପିଟିଏସ୍ ଠାରୁ ଜଗଓାଥ ମନ୍ଦିର ପ୍ରାୟ ୪ କିମି ରାସ୍ତା ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ଦାୟିତ୍ୱରେ ଥିବା ଠିକା ସଂସ୍ଥା ରାସ୍ତା ପାର୍ଶ୍ୱରୁ ବଡ଼ ବଡ଼ ଗଛ କାଟିଲା ଓ ଏହାକୁ ଖୋଳିଲା। ଯେହେତୁ ରାସ୍ତା ନିର୍ମାଣ ପାଇଁ ଏପରି କାର୍ଯ୍ୟ କରାଯାଉଛି, ଏଣୁ ସମସ୍ତେ ଚୁପ୍ ରହିଲେ। ମାତ୍ର ବର୍ତ୍ତମାନ ଠିକା ସଂସ୍ଥା ଯେଉଁଭଳି ଢଙ୍ଗରେ ନିର୍ମାଣ କାର୍ଯ୍ୟ ଚାଲୁ ରଖିଛି, ଏହାକୁ ନେଇ ସ୍ୱାଭାବିକ ଭାବେ ଜନ ସାଧାରଣ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା ନିର୍ମାଣ ପାଇଁ ୧୪ କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଗତ ଅକ୍ଟୋବର ମାସରେ ଏହି ରାସ୍ତା ନିର୍ମାଣ ଶେଷ କରିବା ପାଇଁ ଅବଧି ଧାର୍ଯ୍ୟ କରାଯାଇଥିଲା। ମାତ୍ର ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କଲେ ଏହି ରାସ୍ତା ନିର୍ମାଣ କାମ ଶେଷ ହେବାକୁ ଆହୁରି ୬ ମାସ ଲାଗିଯିବ ବୋଲି ଅନୁମାନ କରାଯାଉଛି। ଗତ ମାସରେ ଜଗଓାଥ ମନ୍ଦିର ପଟୁ ରାସ୍ତାର ଗୋଟିଏ ପାର୍ଶ୍ୱ ପିଚୁ କରାଯାଉଥିବା ଦେଖିବାକୁ ମିଳିଥିଲା। ଏହାର ଦିନ କେତେଟା ନପୂରୁଣୁ ପିଚୁରୁ ଗୋଡ଼ି ଉଠିବାକୁ ଆରମ୍ଭ କଲାଣି। ସମର୍ପଣ ( ବୃଦ୍ଧାଶ୍ରମ ) ଓ ଏହାର ନିକଟରେ ନିର୍ମାଣ କରାଯାଇଥିବା ପିଚୁ ରାସ୍ତାର ଅବସ୍ଥା ଦେଖିଲେ, ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗିବ ସମ୍ପୃକ୍ତ ଠିକା ସଂସ୍ଥା ଏମିତି କି କାମ କଲା ଯେ, ଏତେ କମ୍ ଦିନରେ ଏହି ରାସ୍ତା ଉପରୁ ପିଚୁ ଉଠିଗଲା ତାହା ବୁଝାପଡୁ ନାହିଁ। ଯେହେତୁ ରାସ୍ତାକୁ ଖୋଳି ଦିଆଯାଇଛି, ଯାନବାହନ ଯାଆ ଆସ କରିବା ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡୁଛି। ଏହି ରାସ୍ତାରେ ଏସ୍ପିଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ, ଶିକ୍ଷା ଅଧିକାରୀ, ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ଏକାଧିକ ଛୋଟବଡ଼ ସ୍କୁଲ୍ ରହିଛି। ଏଣୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ରାସ୍ତାରେ ସର୍ବଦା ଜନସାଧାରଣଙ୍କ ଚଳପ୍ରଚଳ ଲାଗି ରହୁଛି। ପ୍ରବଳ ଧୂଳି ଉଡୁଥିବାରୁ ଏହି ରାସ୍ତାରେ କାରବାର କରିବା ଅତ୍ୟନ୍ତ ମୁସ୍କିଲ ହୋଇପଡ଼ିଛି। ଠିକା ସଂସ୍ଥା ପକ୍ଷରୁ କେବଳ ମଝିରେ ମଝିରେ ଏଥିରେ ପାଣି ସିଞ୍ଚନ କରାଯାଉଥିବା ଦେଖାଯାଉଛି। ଏନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ କିଶୋର ଶତପଥୀ କୁହନ୍ତି, ବର୍ଷା ପାଇଁ ନିର୍ମାଣ କାମରେ ବିଳମ୍ବ ହୋଇଛି। ଏହାସହ ରାସ୍ତାରେ ପାଣି ସିଞ୍ଚନ ପାଇଁ ଠିକା ସଂସ୍ଥାକୁ କୁହାଯାଇଥିବା ବେଳେ ନିର୍ମାଣ କାମ ନିଶ୍ଚିତ ଭାବେ ତଦାରଖ କରାଯିବ।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ପାକିସ୍ତାନରେ କୋଟିଏରୁ ଅଧିକ ଛୁଆଙ୍କ ଜୀବନ ବିପଦରେ

**ନୂଆଦିଲ୍ଲୀ,୧୩।୧୧ :** ମିଳିତ ଜାତିସଂଘର ଶିଶୁ ପାଣ୍ଠି (ୟୁନିସେଫ୍) ପାକିସ୍ତାନର ପଞ୍ଜାବ ପ୍ରଦେଶରେ ବାୟୁ ପ୍ରଦୂଷଣ ବୃଦ୍ଧି ହେତୁ ୧୧ ମିଲିୟନ ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ଚେତାବନୀ ଦେଇଛି । ବିଶେଷଜ୍ଞମାନେ କହିଛନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ଏହି ପ୍ରଦୂଷଣ ଏକ ପଞ୍ଚମ ଲହରରେ ପରିଣତ ହୋଇଛି । ଗତ ମାସରୁ ପାକିସ୍ତାନର ରାଜଧାନୀ ଲାହୋର ଏବଂ ପଞ୍ଜାବର ୧୭ ଟି ଜିଲ୍ଲାରେ ବିଷାକ୍ତ ଧୂଆଁ ବ୍ୟାପିଛି, ଯେଉଁ କାରଣରୁ ବାୟୁ ଗୁଣବତ୍ତା ଯଥେଷ୍ଟ ଖରାପ ସ୍ଥିତିରେ ରହିଛି । ଲାହୋରରେ କେଟିଏ ୪୦ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବାବେଳେ ଭାରତ ସୀମାବର୍ତ୍ତୀ ଲାହୋର ଏବେ ବିଶ୍ୱର ପ୍ରମୁଖ ପ୍ରଦୂଷିତ ସହର ମଧ୍ୟରେ ସ୍ଥାନ ପାଇଛି, କିନ୍ତୁ ପ୍ରଦୂଷଣ ସ୍ତର ଏହି ମାସରେ ରେକର୍ଡ ଭାଙ୍ଗିଛି । ଏପର୍ଯ୍ୟନ୍ତ ପଞ୍ଜାବ ପ୍ରଦେଶର ଅନେକ ବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନକୁ ୧୭ ନଭେମ୍ବର ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ଗତ ମଙ୍ଗଳବାର ଦିନ, ଲାହୋରର ୯୦୦ ଲୋକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏବଂ ଏଠାରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ଅର୍ଥାତ୍ ବାୟୁ



ଗୁଣବତ୍ତା ସୂଚକାଙ୍କ ସ୍ତର ୧୦୪୫ରେ ପହଞ୍ଚିଥିଲା, ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଦଜନକ ଅଟେ । ୟୁନିସେଫର ପାକିସ୍ତାନରେ ପ୍ରତିନିଧୀ ଅବଦୁଲ୍ଲା ଫାଦିଲ କହିଛନ୍ତି ଯେ ଗତ ବର୍ଷ ପାକିସ୍ତାନରେ ପାଞ୍ଚ ବର୍ଷରୁ କମ୍ ପିଲାଙ୍କ ମୃତ୍ୟୁର ପ୍ରାୟ ୧୨% ବାୟୁ ପ୍ରଦୂଷଣ କାରଣରୁ ହୋଇଥିଲା । ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି, ବିଶେଷ କରି ବର୍ତ୍ତମାନ ପ୍ରଭାବିତ କୋଟିଏରୁ ଅଧିକ ପିଲାଙ୍କ ପାଇଁ ଏହା ନିହାତି ଜରୁରୀ ଅଟେ । ବାୟୁ ପ୍ରଦୂଷଣର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ, କିନ୍ତୁ ଏହା ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ଉପରେ ଗୁରୁତର ପ୍ରଭାବ ପକାଇବାର ସମ୍ଭାବନା ରହିଛି । ପାକିସ୍ତାନରେ ପ୍ରଦୂଷଣ ମୁଖ୍ୟତଃ କାରଖାନା ଏବଂ ଯାନବାହାନରୁ ନିମ୍ନମାନର ଇନ୍ଧନ ନିର୍ଗତ ହେତୁ ହୋଇଥାଏ, ଏପରିକି କୃଷି ଅବଶେଷ ଜଳିବା ଦ୍ୱାରା ଅଧିକ ହୋଇଥାଏ । ଶୀତ ଋତୁରେ, ଶୀତଳ ପବନ ଏବଂ ଧୀର ପବନ ଯୋଗୁଁ ଏହି ପ୍ରଦୂଷଣ ବାୟୁମଣ୍ଡଳରେ ବହୁ ପରିମାଣରେ ବ୍ୟାପି ଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍ଓ) କହିଛି ଯେ ଏହି ପ୍ରଦୂଷଣ ହୃଦ୍ରୋଗ, ଷ୍ଟ୍ରୋକ୍, ଫୁସଫୁସ କର୍କଟ ଏବଂ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରିପାରେ ।

# ଅନୁପ୍ରବେଶକାରୀଙ୍କ ଉପରେ ଇଡିର ଆକ୍ସନ୍

**ନୂଆଦିଲ୍ଲୀ,୧୩।୧୧ :** ବେଆଇନ ବାଂଲାଦେଶୀ ଅନୁପ୍ରବେଶ ମାମଲାରେ ଇଡି ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଉପରେ ଚଢାଉ କରିଛି । ବାଂଲାଦେଶୀ ନାଗରିକଙ୍କ ଅନୁପ୍ରବେଶ ସହ ଜଡିତ ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ଅନେକ ସ୍ଥାନରେ ଚାଉ କରିଛି । ସରକାରୀ ସୂତ୍ରରୁ ଏହି ସୂଚନା ଦିଆଯାଇଛି । ଅନୁସନ୍ଧାନକାରୀ ସଂସ୍ଥାର ଝାଡଖଣ୍ଡ କାର୍ଯ୍ୟାଳୟର ଅଧିକାରୀମାନେ ଦୁଇ ପଡୋଶୀ ରାଜ୍ୟର ମୋଟ ୧୭ ଟି ସ୍ଥାନରେ ଖୋଳତାଡ଼ କରୁଛନ୍ତି । ସେପ୍ଟେମ୍ବରରେ ଝାଡଖଣ୍ଡରେ କିଛି ବାଂଲାଦେଶୀ ମହିଳାଙ୍କ ଅନୁପ୍ରବେଶ ତଥା କାରବାର ଅଭିଯୋଗର ଯାଞ୍ଚ ପାଇଁ ଇଡି ମନି ଲଣ୍ଡରିଂ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରିଥିଲା । ଅଭିଯୋଗ ହୋଇଛି ଯେ ଅନୁପ୍ରବେଶ ଏବଂ ଚୋରା ଚାଲାଣ ମାଧ୍ୟମରେ ଅପରାଧିକ ଆୟ କରାଯାଇଥିଲା । ପିଏମ୍‌ଏଲ୍‌ଏ ର ବିଭିନ୍ନ ବିଭାଗ ଅଧୀନରେ ଏଜେନ୍ସି ଦ୍ୱାରା ଦାଖଲ କରାଯାଇଥିବା କାର୍ଯ୍ୟକାରୀ ମାମଲା ସୂଚନା ରିପୋର୍ଟ (ଇସିଆଇଆର୍) ଜୁନ୍ ମାସରେ ରାଜଧାନୀ ରାଞ୍ଚିର ବାରିଆଟୁ ପୋଲିସ୍ ଷ୍ଟେସନରେ ଦାଖଲ ହୋଇଥିବା ଝାଡଖଣ୍ଡ ପୋଲିସର ଏକ ଏଫ୍‌ଆଇଆର୍ ଉପରେ ଆଧାରିତ ।

# ଆମେରିକାରେ ଲାଗୁ ହେବ ଇମିଗ୍ରେସନ ନୀତି

**ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ନିର୍ବାଚନ ପରେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହୋଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଆସନ୍ତାବର୍ଷ ଜାନୁଆରୀ ୨୦ ତାରିଖରେ ରାଷ୍ଟ୍ରପତି ଭାବେ ଶପଥ ନେବେ । କାର୍ଯ୍ୟକାଳ ଆରମ୍ଭ ନେଇ ପ୍ରସ୍ତୁତ ହେଉଛନ୍ତି ଟ୍ରମ୍ପ । ଏହା ପୂର୍ବରୁ ସେ ନିଯୁକ୍ତି ଦେବା ଆରମ୍ଭ କରି ଦେଇଛନ୍ତି । ସରକାର ଚଳାଇବା ପାଇଁ ଟ୍ରମ୍ପଙ୍କ ନୀତି ଇମିଗ୍ରେସନ ଦିଗରେ ଇସାରା ଦେଉଛି । ଯାହାର ସିଧାସଳଖ ପ୍ରଭାବ ବେଆଇନ ଭାବେ ଆମେରିକାରେ ରହୁଥିବା ପ୍ରବାସୀଙ୍କ ଉପରେ ପଡିବ । ଏହି ନୀତିରେ ବହୁ ସଂଖ୍ୟକ ପ୍ରବାସୀ ଭାରତୀୟ ପ୍ରଭାବିତ ହେବେ । ଡୋନାଲ୍ଡ ଟ୍ରମ୍ପ ଇମିଗ୍ରେସନ ଏବଂ କଷ୍ଟମ ଏନଫୋର୍ସମେଣ୍ଟର ପୂର୍ବ ଚିଫ୍ ଟମ୍ ହାସନଙ୍କୁ 'ବର୍ଡର ଜାର' ଭାବେ ନିଯୁକ୍ତି ଦିଆଯାଇଛି । ବର୍ଡର ଏନଫୋର୍ସମେଣ୍ଟର ମୁଖ୍ୟ ସମର୍ଥକ ହୋମନ ସିନେଟ ଦକ୍ଷିଣ ଏବଂ ଉତ୍ତର ସୀମାରେ ସମୁଦ୍ର ଓ ଆକାଶମାର୍ଗ ଉପରେ ନଜର ରଖିବେ । ସେ ନିଯୁକ୍ତି ପାଇବା ପରେ



ଆମେରିକାରେ ସବୁଠାରୁ ବଡ ନିର୍ବାସନ ଅଭିଯାନ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଆମେରିକାରେ ଇମିଗ୍ରେସନ ନୀତି ଲାଗୁ ହେବା ପରେ ପ୍ରବାସୀ ଭାରତୀୟଙ୍କ ଚିନ୍ତା ବଢିଛି । କିଛି ଦିନ ପୂର୍ବରୁ ଆସିଥିବା ଏକ ରିପୋର୍ଟ ଅନୁସାରେ ଆମେରିକାରେ ବେଆଇନ ଭାବେ ପ୍ରବେଶ କରୁଥିବା ଭାରତୀୟଙ୍କ ସଂଖ୍ୟା ଅଧିକ । ବିଶେଷ କରି ପଞ୍ଜାବ ଓ ଗୁଜୁରାଟରୁ ଅଧିକ ସଂଖ୍ୟାରେ ପ୍ରବାସୀ ସୀମା ଡେଇଁ ଆମେରିକାରେ ବେଆଇନ ଭାବେ ବସବାସ କରୁଛନ୍ତି । ମାନବ ତସ୍କରୀ ନେଇ ପ୍ରାୟ ୭୦ ହଜାର ଆମେରିକୀୟ ଡଲାର ଖର୍ଚ୍ଚ କରୁଛନ୍ତି । ଭାରତୀୟ ପ୍ରବାସୀଙ୍କୁ କାମ ଦେଉଥିବା କମ୍ପାନୀ ଉପରେ ଇମିଗ୍ରେସନ ନୀତି ପ୍ରଭାବ ପକାଇବା ବୋଲି ଅନୁମାନ କରାଯାଉଛି ।

# ପେପ୍ସି, କୁର୍କୁରେ ଓ ହର୍ଲିକ୍ସ ପରି ଖାଦ୍ୟ ସାମଗ୍ରୀ ବନିପାରେ କ୍ଷତିକାରକ !

**ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି):** ଯଦି ଆପଣ ପେପସିକୋ, ୟୁନିଲିଭର ଏବଂ ଡେନୋନ୍ ପରି କମ୍ପାନୀର ଖାଦ୍ୟ ପଦାର୍ଥ ବ୍ୟବହାର କରୁଛନ୍ତି ତେବେ ସାମାନ୍ୟ ସତର୍କ ହୋଇଯାଆନ୍ତୁ । ନିକଟରେ ଏଟିଏନ୍‌ଆଇ ବା ଆକ୍ସେସ୍ ଟୁ ନ୍ୟୁଟ୍ରିସନ୍ ଇନିସିଏଟିଭ୍ ନାମକ ଏକ ବିଶ୍ୱସ୍ତରୀୟ ଫାଉଣ୍ଡେସନ୍ ରିପୋର୍ଟରେ ଏହି ସବୁ କମ୍ପାନିର କିଛି ଖାଦ୍ୟପଦାର୍ଥକୁ କ୍ଷତିକାରକ ବୋଲି ପ୍ରକାଶ କରିଛି । ପେପସିକୋ ଦେଶରେ ପେପସି, ସେଭେନଅପ୍, ସ୍ଲାଇସ୍, ଷ୍ଟିଙ୍ଗ୍, ଚିପ୍ସ, କୁର୍କୁରେ ଇତ୍ୟାଦି ବିକ୍ରି କରେ । ସେହିପରି ୟୁନିଲିଭର ହର୍ଲିକ୍ସ, ରେଡ୍ ଲେଭଲ୍ ଟି, ତାଜମହଲ ଟି, କ୍ଲୋଜ୍‌ଅପ୍ ଟୁଥ୍ ପେଷ୍ଟ , କ୍ଲିନିକ୍ ପ୍ଲସ୍ ସାମ୍ପୁ ଏବଂ ତେଲ, କପୋତ ସାବୁନ୍ ବିକ୍ରି କରେ । ଏହା ବ୍ୟତୀତ, ଡେନୋନ୍ ଶିଶୁ ଖାଦ୍ୟ ସାମଗ୍ରୀ ବିକ୍ରୟ କରେ ଯେଉଁଥିରେ ପ୍ରୋଟିନେକ୍ସ ମଧ୍ୟ ଅନ୍ତର୍ଭୁକ୍ତ । ପେପସିକୋ, ୟୁନିଲିଭର, ଡେନୋନ୍ ପରି କମ୍ପାନିଗୁଡିକ ଭାରତ ସମେତ ସାରା ବିଶ୍ୱରେ ଅନେକ ପ୍ରକାରର ଉତ୍ପାଦ ବିକ୍ରି କରନ୍ତି । ଏଟିଏନ୍‌ଆଇ ପ୍ରକାଶ କରିଥିବା ରିପୋର୍ଟ ଅନୁଯାୟୀ, ଏହି କମ୍ପାନୀଗୁଡିକ ଭାରତ ସମେତ ଅନ୍ୟାନ୍ୟ ଦେଶରେ ଖରାପ ଗୁଣବତ୍ତା ଉତ୍ପାଦ ବିକ୍ରି କରୁଛନ୍ତି । ଏହା ସ୍ପଷ୍ଟ ଯେ ଏହି କମ୍ପାନୀଗୁଡିକ ଅଧିକ ଲାଭର ଲୋଭରେ ଆମ ଦେଶର ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଛନ୍ତି । ରିପୋର୍ଟ ଅନୁଯାୟୀ, ଉଚ୍ଚ ଆୟକାରୀ ଦେଶଗୁଡିକରେ କମ୍ପାନୀ ବିକ୍ରି କରୁଥିବା ସାମଗ୍ରୀର ଉନ୍ନତ ସ୍ୱାସ୍ଥ୍ୟ ତାରକା ମୂଲ୍ୟାୟନ ରହିଛି । ତେବେ ଇଥିଓପିଆ, ଘାନା, କେନିଆ, ନାଇଜେରିଆ, ପାକିସ୍ତାନ, ଫିଲିପାଇନ୍ସ, ତାଞ୍ଜାନିଆ ଏବଂ ଭିଏତନାମ ଆଦି ଦେଶରେ ଭାରତ ପରି ନିମ୍ନ ଗୁଣବତ୍ତାର ସାମଗ୍ରୀ ବିକ୍ରି କରାଯାଉଥିବା ସୂଚନା ରହିଛି ।

# ଓୱେସୀଙ୍କ କଡା ସମାଲୋଚନା

**ନୂଆଦିଲ୍ଲୀ,୧୩ଗ୧୧(ଏଜେନ୍ସି):** ପୁଣି ଗର୍ଜିଲେ ଓୱେସୀ । କଂଗ୍ରେସ ଏବଂ ବିଜେପିକୁ କଲେ କଡା ସମାଲୋଚନା । ମୁସଲମାନ ସମ୍ପ୍ରଦାୟଙ୍କ ଅଧିକାର ପାଇଁ ସଦାସର୍ବଦା ତାଙ୍କ ଲଢେଇ ଜାରି ରହିବ ବୋଲି ଦେଲେ ଚେତାବନୀ । ମୁମ୍ବାଇର ଜୋଗେଶ୍ୱରୀର ବେହେରାମ ବାଗ ଅଞ୍ଚଳର ଭର୍ସୋଭା ବିଧାନସଭା ଆସନରୁ ଏଆଇଏମ୍‌ଆଇଏମ୍ ପ୍ରାର୍ଥୀ ରାଏସ୍ ଲଶ୍କରିଆଙ୍କ ସମର୍ଥନରେ ଆୟୋଜିତ ଏକ ସାଧାରଣ ସଭାରେ ସମ୍ବୋଧିତ କରି ଅସଦୁଦ୍ଦିନ ଓୱେସୀ ମୁସଲମାନ ସମାଜ ପାଇଁ ନିରପେକ୍ଷ ନେତୃତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଭାରତୀୟ ମୁସଲମାନ ସମ୍ପ୍ରଦାୟର ସ୍ୱର ଏବଂ ପରିଚୟ ପାଇଁ ଏକ ନେତୃତ୍ୱ ଆବଶ୍ୟକ, ଯାହା ସେମାନଙ୍କର ଅଧିକାରର ସ୍ୱର ସମସ୍ତଙ୍କ ପାଖରେ ପହଞ୍ଚାଇ ପାରିବ । ମୌଲାନା ଅବୁଲ କଲାମ ଆଜାଦଙ୍କ ଅବଦାନ ଏବଂ ଚିନ୍ତାଧାରା ସମ୍ପର୍କରେ ଓୱେସୀ ଉଲ୍ଲେଖ କରି କହିଛନ୍ତି ଯେ ସେ ସ୍ୱାଧୀନତା ସଂଗ୍ରାମରେ ମୁସଲମାନ ସମ୍ପ୍ରଦାୟର ଅଧିକାର ପାଇଁ ଆଜାଦ ଲଢିଥିଲେ । ଆଜାଦ ଦେଶର ବିଭାଜନକୁ ବିରୋଧ କରୁଥିବାବେଳେ ଭାରତୀୟ ମୁସଲମାନମାନଙ୍କ ପାଇଁ ନେତୃତ୍ୱ ବିଷୟରେ କହିଥିଲେ, କିନ୍ତୁ କଂଗ୍ରେସ ତାଙ୍କ ମତକୁ ସମର୍ଥନ କରିନଥିଲା । ସେ ଏହା ମଧ୍ୟ କହିଛନ୍ତି ଯେ କଂଗ୍ରେସ ମୌଲାନା ଆଜାଦଙ୍କ ବିରୋଧରେ ଅନ୍ୟ ମୁସଲମାନ ନେତାମାନଙ୍କୁ ଛିଡା କରିଥିଲା, ଯେଉଁ କାରଣରୁ ମୁସଲମାନ ନେତୃତ୍ୱ ଦୁର୍ବଳ ହୋଇପଡିଥିଲା । ଓୱେସୀ କହିଛନ୍ତି ଯେ ମହାରାଷ୍ଟ୍ରରେ AIMIM ଏକ ଧର୍ମନିରପେକ୍ଷ ସରକାରକୁ ପ୍ରୋତ୍ସାହିତ କରିବାକୁ ଚାହୁଁଛି । ସେ କହିଛନ୍ତି ଯେ ସିନ୍ଦେ କିମ୍ବା ଫଡନାଭିସ୍ ମୁଖ୍ୟମନ୍ତ୍ରୀ ହେବା ଉଚିତ ନୁହେଁ, ଜଣେ ଧର୍ମନିରପେକ୍ଷ ବ୍ୟକ୍ତି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ହେବା ଉଚିତ୍ । ଉଭୟ ବିଜେପି



ଏବଂ କଂଗ୍ରେସ ଉପରେ ଅଭିଯୋଗ କରି ସେ କହିଛନ୍ତି ଯେ ଏହି ଦଳମାନେ ମୁସଲମାନ ସମ୍ପ୍ରଦାୟର ସ୍ୱରକୁ ଦମନ କରିବାକୁ ଚେଷ୍ଟା କରିଛନ୍ତି । ଓୱେସୀ ଦେବେନ୍ଦ୍ର ଫଡନାଭିସ୍ ଏବଂ ବିଜେପିକୁ କଡା ସମାଲୋଚନା କରି କହିଛନ୍ତି ଯେ ଫଡନାଭିସ୍ ମୁସଲମାନ ସମ୍ପ୍ରଦାୟକୁ ଭୟଭୀତ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ମୁଁ ସବୁବେଳେ ସମ୍ପ୍ରଦାୟର ସ୍ୱରକୁ ଉତ୍ତୋଳନ କରିବି । ସେ ଫଡନାଭିସ୍‌ଙ୍କୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ, ସେ ଭୟ କରନ୍ତି ନାହିଁ, ପୂର୍ଣ୍ଣ ଶକ୍ତି ସହିତ ଲଢିବେ ଏବଂ ଜିତିବେ ଓୱେସୀ ମୋଦୀ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ୱାକଫ ସମ୍ପତ୍ତି ଏବଂ ଟଇଟଇ ଆଇନକୁ ମଧ୍ୟ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ ୱାକଫ ସମ୍ପତ୍ତି ନିୟନ୍ତ୍ରଣ ପାଇଁ ଅଣାଯାଇଥିବା ବିଲ ଯୋଗୁଁ ମୁସଲମାନ ସମ୍ପ୍ରଦାୟର ମସଜିଦ, ଦରଗା ଏବଂ ଶ୍ମଶାନ ବିପଦରେ ରହିଛି । ଓୱେସୀସି କହିଛନ୍ତି ଯେ ଯଦି ଏହି ନିୟମ କାର୍ଯ୍ୟକାରୀ ହୁଏ ତେବେ ସମ୍ପ୍ରଦାୟର ଧାର୍ମିକ ସମ୍ପତ୍ତି ଉପରେ କବଜା କରିବା ସହଜ ହୋଇଯିବ । ଏହା ସହିତ ସେ UAPA ନିୟମ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ, ଯାହାକୁ ସେ ମୁସଲମାନ ଯୁବକମାନଙ୍କ ଉପରେ ଅତ୍ୟାଚାରର ସାଧନ ବୋଲି କହିଥିଲେ ଓୱେସୀ ତାଙ୍କ ସମ୍ବୋଧନରେ କହିଛନ୍ତି ଯେ ଭାରତୀୟ ମୁସଲମାନ ସମ୍ପ୍ରଦାୟର ସ୍ୱର ଉତ୍ତୋଳନ କରିବା ପାଇଁ ଏକ ନିରପେକ୍ଷ ନେତୃତ୍ୱ ରହିବା ଉଚିତ । ଟ୍ରିପଲ ତଲାକ, ୱାକଫ ବୋର୍ଡ ଏବଂ ୟୁଏପି ଭଳି ପ୍ରସଙ୍ଗରେ ମୁସଲିମ ସମାଜ ପ୍ରତି ସରକାର ଗ୍ରହଣ କରିଥିବା ଆଭିମୁଖ୍ୟକୁ ସେ ସମାଲୋଚନା କରିଛନ୍ତି ଏବଂ କହିଛନ୍ତି ଯେ ଏହି ସଂଗ୍ରାମରେ AIMIM ପଛକୁ ଯିବ ନାହିଁ । ସେ କହିଛନ୍ତି ଯେ ଉତ୍ତରପ୍ରଦେଶରେ ତାଙ୍କ ଉପରେ ସାଂଘାତିକ ଆକ୍ରମଣ ହୋଇଥିଲା, କିନ୍ତୁ ଏହା ତାଙ୍କ ସ୍ୱରକୁ ଦମନ କରିପାରିବ ନାହିଁ । ୯୦ଦଶକର ସାମ୍ପ୍ରଦାୟିକ ହିଂସା ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ, ଆଜି ମୁମ୍ବାଇର ଯୁବକମାନେ ସେହି ସମୟର ଘଟଣା ବିଷୟରେ ଜାଣନ୍ତି ନାହିଁ । ତେଣୁ ପୂର୍ବ ଇତିହାସକୁ ବୁଝିବା ଏବଂ ସେମାନଙ୍କର ରାଜନୈତିକ ଶକ୍ତିକୁ ଚିହ୍ନିବା ପାଇଁ ସେ ଯୁବକମାନଙ୍କୁ ଆହ୍ୱାନ କରିଛନ୍ତି । ଏହା ସହିତ ଓୱେସି କହିଛନ୍ତି ତଶଙ୍କୁ ସବମିଶନ ନୁହେଁ ଏଜେନ୍ସି ଦରକାର । ଯଦ୍ୱାରା ତାଙ୍କ ସ୍ୱରକୁ ଦମନ କରାଯାଇ ପାରିବ ନାହିଁ ।

# ଟୟୋଟା କିର୍ଲୋସ୍କର ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି):** ଜାତୀୟ ଶିକ୍ଷା ଦିବସ ପାଳନ ଅବସରରେ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ବିଭିନ୍ନ ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ ଭାରତରେ ଦକ୍ଷତା ବ୍ୟବଧାନକୁ ଦୂର କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃପ୍ରମାଣିତ କରିଛି । କର୍ଣ୍ଣାଟକ ଏବଂ ଭାରତରେ ଅର୍ଥନୈତିକ ଦୁର୍ବଳ ଯୁବବର୍ଗମାନଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି ଟିକେଏମ ଶିକ୍ଷାଗତ ତଥା ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ନିଯୁକ୍ତି, ଆତ୍ମନିର୍ଭରଶୀଳତା ଏବଂ ଭାରତର ଶିଳ୍ପ ଅଭିବୃଦ୍ଧିରେ ସହାୟକ ହେଉଛି । ଟିକେଏମ ମିଶନର ଏକ ପ୍ରମୁଖ ସ୍ତମ୍ଭ ହେଉଛି ୨୦୦୭ରେ ପ୍ରତିଷ୍ଠିତ ଟୟୋଟା ଟେକ୍ନିକାଲ ଟ୍ରେନିଂ ଇନଷ୍ଟିଚ୍ୟୁଟ(ଟିଟିଟିଆଇ) । ୧୫ ବର୍ଷରୁ ଅଧିକ ସମୟ ଧରି ଟିଟିଟିଆଇ ଅର୍ଥନୈତିକ ଦୁର୍ବଳ ଯୁବବର୍ଗମାନଙ୍କୁ ମାଗଣା, ଉଚ୍ଚ-ଗୁଣାତ୍ମକ ଶିକ୍ଷା ପ୍ରଦାନ କରିଆସୁଛି । ଏହି ଅନୁଷ୍ଠାନ ତିନି ବର୍ଷର ଆବାସିକ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରେ ଯାହା କେବଳ ବୈଷୟିକ ଦକ୍ଷତା ଗଠନ କରେ ନାହିଁ ବରଂ ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶ ଉପରେ ମଧ୍ୟ ଧ୍ୟାନ ଦେଇଥାଏ ।

# ପ୍ରଶାନ୍ତ କିଶୋରଙ୍କୁ ସୁପ୍ରିମକୋର୍ଟରୁ ଝଟ୍‌କା

**ନୂଆଦିଲ୍ଲୀ,୧୩।୧୧ :** ନିର୍ବାଚନ ରଣନୀତିଜ୍ଞରୁ ନିଜର ରାଜନୀତିକ ଦଳ ଗଠନ କରିଥିବା ପ୍ରଶାନ୍ତ କିଶୋର ଓରଫ ପିକେଙ୍କୁ ଲାଗିଛି ବଡ଼ ଝଟକା । ସେ ବିହାରରେ ଅନୁଷ୍ଠିତ ହେବାକୁ ଥିବା ଏକାଧିକ ବିଧାନସଭା ଆସନର ଉପ ନିର୍ବାଚନ ଉପରେ ରୋକ ଲଗାଇବାକୁ ଚାହୁଁଥିଲେ । କିନ୍ତୁ ସୁପ୍ରିମକୋର୍ଟରେ ପିକେଙ୍କ ଦଳ ପକ୍ଷରୁ ହୋଇଥିବା ଆବେଦନକୁ ଖାରଜ କରିଦିଆଯାଇଛି । ଛଟ ପୂଜା ପାଇଁ ସେ ଉପ ନିର୍ବାଚନ ଉପରେ ରୋକ ଲଗାଇବାକୁ ଚାହୁଁଥିଲେ । ସୁପ୍ରିମକୋର୍ଟ ଆବେଦନକୁ ଖାରଜ କରି ଦେଇଥିବାରୁ ଆସନ୍ତା ୧୩ ତାରିଖରେ ବିହାରର ତାରାରି, ରାମଗଡ଼, ବେଲାଗଞ୍ଜ ଓ ଇମାମଗଞ୍ଜ ବିଧାନସଭା ଆସନରେ ଉପ ନିର୍ବାଚନ ହେବ । ସେହିପରି ଝାରଖଣ୍ଡ ଓ ମହାରାଷ୍ଟ୍ର ବିଧାନସଭା ଭଳି ଏହି ସବୁ ଆସନ ଗୁଡ଼ିକର ରେଜଲ୍ଟ ନଭେମ୍ବର ୨୩ରେ ପ୍ରକାଶ ପାଇବ । ପିକେଙ୍କ ଆବେଦନର ଶୁଣାଣି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ



ଖଣ୍ଡପୀଠ କରିଛନ୍ତି । ଛଟ ପୂଜା ଶେଷ ହୋଇ ସାରିଛି ଓ କୋର୍ଟ ଏବେ ଏଥିରେ ହସ୍ତକ୍ଷେପ କରିବା ଠିକ ହେବ ନାହିଁ । ପିକେଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁସିଂଘଭୀ ଯୁକ୍ତି ରଖି କହିଥିଲେ ଯେ ମାଇଁ ଲର୍ଡସ, ଛଟର ଗୁରୁତ୍ୱକୁ ଅଣଦେଖା କରାଯିବା କଥା ନୁହେଁ । ମୁଁ ଜାଣିଛି ଏହା ଶେଷ ହୋଇସାରିଛି । କିନ୍ତୁ ସେମାନେ ନିର୍ବାଚନକୁ ଅଲଗା ରାଜ୍ୟରେ ଘୁ□ାଇଛନ୍ତି । ନିର୍ବାଚନ କମିଶନ ଉତ୍ତର ପ୍ରଦେଶର ୯ଟି ଆସନରେ ହେବାକୁ ଥିବା ଉପ ନିର୍ବାଚନ ତାରିଖକୁ ପାର୍ବଣକୁ ଦୃଷ୍ଟିରେ ରଖି ୧୩ ବଦଳରେ ନଭେମ୍ବର ୨୦କୁ ଘୁ□ାଇ ଦେଇଛନ୍ତି । ଶୁଣାଣି ବେଳେ ସିଂଘଭୀ ସମାନ କଥା ଉଠାଇଥିଲେ । ସିଂଘଭୀଙ୍କ କଥା ଶୁଣି ଜଷ୍ଟିସ କାନ୍ତ ପ୍ରଶ୍ନ କରିଥିଲେ ଯେ ବିହାରରେ ଛଟକୁ ନେଇ କିଛି ହ୍ୟାଙ୍ଗ ଓଭର ରହିଛି କି ? ଏହାର ଜବାବରେ ସିଂଘଭୀ କହିଥିଲେ, ପାର୍ବଣ ହ୍ୟାଙ୍ଗଓଭର ସଠିକ ଶବ୍ଦ । ମନମାନୀ ଅନ୍ଦାଜରେ ଅନ୍ୟ ସ୍ଥାନରେ ରୋକ ଲଗାଯାଇଛି । ଭେଦଭାବ ନ ରଖି ସବୁ କିଛି କରିବା ଦରକାର । ଏହାକୁ ଲର୍ଡଶିପ ମାପିବା ଦରକାର । ଖଣ୍ଡପୀଠ କହିଛନ୍ତି, ଭୋଟିଂ ପାଇଁ ସବୁ କିଛି ବ୍ୟବସ୍ଥା କରାଯାଇଛି ଓ କୋର୍ଟ ଏଥିରେ ହସ୍ତକ୍ଷେପ କରିବା ଠିକ ହେବ ନାହିଁ । କେବଳ ଗୋଟିଏ ଦଳ ତାରିଖ ବଦଳାଇବାକୁ ଅନୁରୋଧ କରିଛି । ଆପଣଙ୍କୁ ରାଜନୀତି ବିଷୟବସ୍ତୁ ବିଷୟରେ ଅଧିକ ଜାଣିବାର ଆବଶ୍ୟକ ରହିଛି । ଆମେ ଭାବୁଛୁ ଆପଣ ଆବେଦନ ପ୍ରତ୍ୟାହାର କରିବା ଉଚିତ । ଏହାକୁ ସିଂଘଭୀ ବିରୋଧ କରିଥିଲେ । ଏହାପରେ ଖଣ୍ଡପୀଠ କହିଛନ୍ତି, କୌଣସି ପ୍ରମୁଖ ଦଳ ତାରିଖକୁ ନେଇ ଅଭିଯୋଗ କରି ନାହାନ୍ତି । ଏଥିରେ ହସ୍ତକ୍ଷେପ କରିବା ଭଳି ସ୍ଥିତି ଆଉ ନାହିଁ । ବହୁ ବିଳମ୍ବ ହୋଇଗଲାଣି ।

# ଖଡ୍‌ଗେ କେବଳ ନାମ ମାତ୍ର ହିନ୍ଦୁ

**ନୂଆଦିଲ୍ଲୀ,୧୩।୧୧ :** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବିବାଦୀୟ ବୟାନକୁ ନେଇ ବିବାଦ ଦେଖାଦେଇଛି । ଏବେ ଏହି ବିବାଦରେ ପ୍ରବେଶ କରିଛନ୍ତି ପୂର୍ବତନ କଂଗ୍ରେସ ନେତା ଆଚାର୍ଯ୍ୟ ପ୍ରମୋଦ କ୍ରିଷ୍ଣମ୍ । ସେ କହିଛନ୍ତି ଯେ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନାମ ହିନ୍ଦୁ ଦେଖାଯାଉଥିଲେ ହେଁ ତାଙ୍କ କାର୍ଯ୍ୟରେ ତାହା ପ୍ରତିଫଳିତ ହେଉନାହିଁ । ସେ ହିନ୍ଦୁ କି ନାହିଁ ସେ ପ୍ରଥମେ ସ୍ପଷ୍ଟ କରନ୍ତୁ । ହିନ୍ଦୁ ସାଧୁ ସନ୍ଥମାନଙ୍କୁ କେହି ଅସମ୍ମାନ କରିପାରିବେ ନାହିଁ । ସେ ଯେଉଁଭଳି ଭାବରେ ବୟାନ ଦେଉଛନ୍ତି ତାହା ଦର୍ଶାଉଛି ଯେ ସେ ପାରମ୍ପରିକ ଜୀବନଶୈଳୀର ବିରୋଧୀ । ଭାରତର ପାରମ୍ପରିକ ଜୀବନଶୈଳୀକୁ ବିରୋଧ କରୁଥିବା କାହାର ଭାରତରେ ରାଜନୀତି କରିବାର ଅଧିକାର ଅଛି ବୋଲି ମୁଁ ଭାବୁନାହିଁ । ଯେଉଁମାନେ ଭାରତକୁ ବିରୋଧ କରୁଛନ୍ତି



ସେମାନେ ମଧ୍ୟ ପାରମ୍ପରିକ ଜୀବନଶୈଳୀକୁ ବିରୋଧ କରୁଛନ୍ତି । ଏଭଳି ବରିଷ୍ଠ ନେତାମାନେ ହିନ୍ଦୁ ସାଧୁ, ପରମ୍ପରା ଓ ଗେରୁଆକୁ ଅପମାନିତ କରିବା ଉଚିତ ନୁହେଁ । ଋଷିଙ୍କ ନେତୃତ୍ୱାଧୀନ ଏହି ଦେଶ ହିନ୍ଦୁ ସନ୍ଥଙ୍କ ପ୍ରତି ଅସମ୍ମାନକୁ ବରଦାସ୍ତ କରିବ ନାହିଁ । ଯୋଗୀ ଆଦିତ୍ୟନାଥଙ୍କ ବିଷୟରେ ଏଭଳି ଅପମାନଜନକ ମନ୍ତବ୍ୟ ଦେବା ମଲ୍ଲିକାର୍ଜୁନ ଖଡଗେଙ୍କ ପାଇଁ ଠିକ ନୁହେଁ । ସୂଚନାଯୋଗ୍ୟ ଯେ, ଝାଡ଼ଖଣ୍ଡର ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସୋମବାର ଏକ ସାଧାରଣ ସଭାରେ ଖଡଗେ କହିଛନ୍ତି, 'ବଟେଙ୍ଗେ ତୋ କଟେଙ୍ଗେ' ପରି ସ୍ଲୋଗାନ ଦେଉଥିବା ବ୍ୟକ୍ତିଙ୍କୁ କେହି ସାଧୁ ବୋଲି କହିପାରିବେ କି ? କେବଳ ଆତଙ୍କବାଦୀମାନେ ହିଁ ଏଭଳି କଥା କହିପାରିବେ, ଆମେ ନୁହେଁ ।

# ନୟାଗଡ଼ରେ ରାଜ୍ୟ ସ୍ତରୀୟ 'ଭାରତକୁ ଜାଣ' ପ୍ରଶ୍ନମଞ୍ଚ ପ୍ରତିଯୋଗିତା

**ନୟାଗଡ,(ନି.ପ୍ର):** ଭାରତର ସମୃଦ୍ଧ ପ୍ରବୃଦ୍ଧ ବର୍ଗର ବ୍ୟକ୍ତି ମାନଙ୍କୁ ଏକତ୍ରିତ କରି ସମାଜର ବଞ୍ଚିତ ବର୍ଗର ସେବା କରିବା ସହ ଉତ୍ତର ପିଢ଼ିକୁ ସୁସଂସ୍କାରିତ କରି ଗଢିତୋଳିବା ସହ ଭାରତର ସର୍ବାଙ୍ଗୀନ ବିକାଶ କରି ଏକ ସୁସ୍ଥ ସମର୍ଥ ସଂସ୍କାରିତ ଭାରତ ଗଠନ ଲକ୍ଷ୍ୟରେ କାର୍ଯ୍ୟକରୁଥିବା ରାଷ୍ଟ୍ରବାଦୀ ସଂଗଠନ ଭାରତ ବିକାଶ ପରିଷଦର ଓଡିଶା ପୂର୍ବ ପ୍ରାନ୍ତ ତରଫରୁ ନୟାଗଡ଼ ଜିଲ୍ଲା ପରିଷଦ ସଭାକକ୍ଷରେ 'ଭାରତ କୁ ଜାଣ' ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶ୍ରବଣ କୁମାର ର ପିତାମାତା ଭକ୍ତି, ବାଜି ରାଉତର ଦେଶଭକ୍ତି, ବୀର ସଭରକରଙ୍କ ଦେଶପ୍ରେମ ଜାଗରଣ କରିବା ସହିତ ଭାରତର ଐତିହ୍ୟ ପରମ୍ପରା ସଂସ୍କୃତି ବିଷୟରେ ପରିଚିତ କରିବା ପାଇଁ ପ୍ରତିବର୍ଷ ଏହି ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଶାଖା ସ୍ତରରୁ ଆରମ୍ଭ ହୋଇ କେନ୍ଦ୍ର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଥାଏ । ଆଜି ନୟାଗଡ଼ ଶାଖା ଆତିଥେୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ପୂର୍ବ ପ୍ରାନ୍ତର ୨୨ଟି ଶାଖା ତରଫରୁ ଚୟନ ହୋଇଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଭାରତ ବିକାଶ ପରିଷଦ ଓଡିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ସତ୍ୟବାଦୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଥିଲା ବେଳେ ବିଶିଷ୍ଟ ଅତିଥି ଭାବେ ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଛାତ୍ରଛାତ୍ରୀ ମାନେ ଭାରତର ମହାନ୍ ସଂସ୍କୃତି ପରମ୍ପରା ବିଷୟରେ ଅଧ୍ୟୟନ କରିବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଦେଶପ୍ରେମରେ ଉଦବୁଦ୍ଧ ହୋଇ ଜୀବନ ନିର୍ବାହ କରିବା ପାଇଁ ପରାମର୍ଶ ଦେଇଥିଲେ । ପୂର୍ବ ପ୍ରାନ୍ତର ମହାସଚିବ ସୌମେନ୍ଦ୍ର ଦାସ, ପୂର୍ବପ୍ରାନ୍ତ ଉପାଧ୍ୟକ୍ଷ ଶ୍ରୀଧର ସାହୁ, ଭାରତକୁ ଜାଣ କାର୍ଯ୍ୟକ୍ରମ ଆବାହକ ବିମଳ କାନ୍ତ ମହାନ୍ତି, ନୟାଗଡ଼ ଶାଖା ଅଧ୍ୟକ୍ଷ ପ୍ରସନ୍ନ କୁମାର ବସନ୍ତିଆ ଓ ଶାଖା ସଚିବ ଘନଶ୍ୟାମ ସାହୁ ମଞ୍ଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଭାରତକୁ ଜାଣ ପ୍ରଶ୍ନମଞ୍ଚ ପ୍ରତିଯୋଗିତାକୁ କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ର ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ପୁରୀର ଶ୍ରୀଜଗନ୍ନାଥ ଧାମ ଶାଖା, ବ୍ରହ୍ମପୁର ଶାଖା, ବ୍ରହ୍ମପୁର ବିବେକାନନ୍ଦ ଶାଖା,ଭୁବେନଶ୍ୱର ଏକାମ୍ର ଶାଖା, ଭୁବନେଶ୍ୱର ଉତ୍ତର ଶାଖା, ଭୁବନେଶ୍ୱର ସେଣ୍ଟ୍ରାଲ ଶାଖା, ଭୁବନେଶ୍ୱର ବାଣୀ ବିହାର ଶାଖା, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା, କଟକ ବାରବାଟୀ ଶାଖା, ବଡବିଲ ଶାଖା, ଢେଙ୍କାନାଳ ଶାଖା, ସତ୍ୟବାଦୀ ଶାଖା,ନୟାଗଡ଼ ଶାଖା ଆଦି ବିଭିନ୍ନ ଶାଖା ଅନ୍ତର୍ଗତ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ । ଅପରାହ୍ନରେ ଏହି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାନ୍ତ ଅର୍ଥ ସଚିବ ନରସିଂହ ମିଶ୍ର, କ୍ଷେତ୍ରୀୟ ମହିଳା ଓ ବାଳ ବିକାଶ ସଚିବ ସୁପ୍ରୀତି ରଥ, ପ୍ରାନ୍ତ ସଂଗଠନ ସଚିବ ରାମଚନ୍ଦ୍ର ଦଳାଇ, ପ୍ରାନ୍ତ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ, ପ୍ରାନ୍ତ ସଂସ୍କାର ସଚିବ ପ୍ରୀତି ପ୍ରତିଭା ଭୋଳ, ଭୁବନେଶ୍ୱର ମହାନଗର ସଂଯୋଜକ ମୃତ୍ୟୁଞ୍ଜୟ ମହାନ୍ତି, ପ୍ରାନ୍ତ ପୃଷ୍ଟପ୍ରଷୋକ ଦେବେନ୍ଦ୍ର ନାଥ ଦାସ, ପ୍ରାନ୍ତ ମିଡିଆ ପ୍ରଭାରୀ ନିହାର ରଂଜନ ସ୍ୱାଇଁ,ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ମହାନ୍ତି, ଭୁବନାନନ୍ଦ ତ୍ରିପାଠୀ, ପ୍ରଫେସର ହରପ୍ରସାଦ ମହାପାତ୍ର, ସନ୍ତୋଷ କୁମାର ପ୍ରଧାନ, ନୟାଗଡ଼ ଶାଖା ସଂସ୍କାର ସଚିବ ଦୁର୍ଯ୍ୟୋଧନ ସାହୁ, ଅଶୋକ କୁମାର ନାୟକ, ଅନାଦି ଚରଣ ମହାନ୍ତି, ନୟାଗଡ଼ ଶାଖା ସେବା ସଚିବ ସୁବଳ ଚରଣ ନାୟକ, କାମାକ୍ଷା ପ୍ରସାଦ ଦାସ, ପ୍ରଦୀପ କୁମାର ସାହୁ, ନୟାଗଡ ଶାଖା ଉପାଧ୍ୟକ୍ଷା ଝିଲିମିଲି ସାହୁ, ଡକ୍ଟର ସୁକାନ୍ତି ମହାନ୍ତି, ଗାୟତ୍ରୀ ମହାପାତ୍ର, ପ୍ରଫୁଲ ନାୟକ, ନିରଞ୍ଜନ ନାୟକ, ଉଦ୍ୟନାଥ ନାୟକ, ଲକ୍ଷ୍ମୀକାନ୍ତ ଦାସ, ଅନାଦି ଚରଣ ମହାନ୍ତି, ହରେକୃଷ୍ଣ ସାହୁ, ଅରୁଣ କୁମାର ମହାନ୍ତି, ସନ୍ତୋଷ କୁମାର ନାୟକ, ପ୍ରଦୀପ କୁମାର ପୁଷ୍ଟି ସମେତ ବହୁ ବରିଷ୍ଠ ସଦସ୍ୟ ମାନେ ଯୋଗଦେଇଥିଲେ ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଓ 'ଉତ୍ସାହ'

**କେନ୍ଦ୍ରାପଡ଼ା,(ନି.ପ୍ର):** ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ପ୍ରତିଭା ବିକାଶ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ ତଥା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, କେନ୍ଦ୍ରାପଡ଼ାଙ୍କ ଆନୁକୁଲ୍ୟରେ "ମହକ" ଓ "ଉତ୍ସାହ" କୋରୁଆ ମହିଳା ମହାବିଦ୍ୟାଳୟ ପରିସରରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୁଇଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା ରେସ୍ୱା ଓ ପଲ୍ଲିଶ୍ରୀ ମହିଳା ସମିତି ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନର ସମସ୍ତ ଛାତ୍ର ଛାତ୍ରୀ ଭାଗ ନେଇ ସେମାନଙ୍କ ମଧ୍ୟରେ ଥିବା ବିଭିନ୍ନ ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଭାଗୀୟ ନିର୍ଦ୍ଦେଶମତେ ଜିଲ୍ଲାସ୍ତରରୁ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ଶିଶୁମାନେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲା ତରଫରୁ ଭାଗ ନେବେ ଓ ଏହି କ୍ରମରେ ଜୁନିଅର ଓ ସିନିୟର ସ୍ତରୀୟ ଶିଶୁ ମାନଙ୍କ ମଧ୍ୟରେ ଦୌଡକୁଦ, ଉଚ୍ଚଡିଆଁ, ଲମ୍ବଡିଆଁ, ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମଶାଲ ଯାତ୍ରା, କ୍ରୀଡା ପତାକା ଉତ୍ତୋଳନ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ବିଚାରକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ଶେଷ ହୋଇଥିଲା । ଏହି ମହୋତ୍ସବରେ ଶିଶୁ ମଙ୍ଗଳ କମିଟି, ଶିଶୁ ସୁରକ୍ଷା ବିଭାଗୀୟ କର୍ମକର୍ତ୍ତା, ଚାଇଲ୍ଡ ହେଲ୍ପ ଲାଇନରେ କର୍ମୀଙ୍କ ସହିତ ଦୁଇ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁମାନଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଉକ୍ତ ଉତ୍ସବର ପ୍ରାରମ୍ଭରେ ପୂର୍ବତନ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶିଶିର କୁମାର ରାଉତରାୟ, ଭଗବତୀ ପ୍ରସାଦ ଦାସ, ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଉପସ୍ଥିତ ରହିଥିବା ବେଳେ, ମୁଖ୍ୟ ଅତିଥି ଭାବେ ସରକାରୀ ପଲିଟେକ୍ନିକ, ଛତାର ଅଧ୍ୟକ୍ଷ ଗୁଣନିଧି ପ୍ରଧାନ ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ଓ ଭବିଷ୍ୟତ ଗଠନରେ ପେସାଗତ ଏବଂ ବୈଷୟିକ ଶିକ୍ଷାର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ ।

# ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବେଦାନ୍ତର କଳିଙ୍ଗ ଲାନ୍ସର୍ସର ପ୍ରସ୍ତୁତି

ଭୁବନେଶ୍ୱର,୧୩।୧୧: ସାତ ବର୍ଷର ବ୍ୟବଧାନ ପରେ ବହୁ ପ୍ରତୀକ୍ଷିତ ହକି ଇଣ୍ଡିଆ । ଲିଗ୍ ଶୁଭାରମ୍ଭ ଅବଶରରେ ବେଦାନ୍ତର କଳିଙ୍ଗ ଲାନ୍ସର୍ସ ଏକ ଶକ୍ତିଶାଳୀ ଲାଇନ୍‌ଅପ୍ ତଥା ସୁସଜ୍ଜିତ ଖେଳ କୌଶଳ ସହିତ ନିଜର ଯାତ୍ରା ଆରମ୍ଭ କରିବାକୁ ଯାଉଛି ।ଅନ୍ତର୍ଜାତୀୟ ତାରକା ତଥା ଉଦୀୟମାନ ସ୍ଥାନୀୟ ପ୍ରତିଭା ମାନଙ୍କୁ ସୁରକ୍ଷିତ କରିବା ସହିତ ପ୍ଲେୟାର ନିଲାମରେ ପ୍ରାଧାନ୍ୟ ବିସ୍ତାର କରିବା ପରେ ଦଳ ବର୍ତ୍ତମାନ କାର୍ଯ୍ୟସୂଚୀ ଘୋଷଣା ଅବଶରରେ ବହୁ ପ୍ରତୀକ୍ଷିତ ମ୍ୟାଚ୍ ପାଇଁ ପ୍ରସ୍ତୁତ ହେଉଛି ।

୨୮ ଡିସେମ୍ବର ୨୦୨୪ ରୁ ୧ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଲିଗ୍, ରାଉରକେଲା ଏବଂ ରାଞ୍ଚିରେ ବିଶ୍ୱସ୍ତରୀୟ ସ୍ଥାନଗୁଡ଼ିକରେ ଏଚଆଇଏଲ ଚାମ୍ପିଅନସିପ୍ ଟାଇଟଲ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଆଠଟି ଭୟଙ୍କର ଦଳକୁ ଏକତ୍ରିତ କରିବ କଳିଙ୍ଗ ଲାନ୍ସର୍ସ ଡିସେମ୍ବର ୩୦, ୨୦୨୪ ରେ ରାଉରକେଲାରେ ୟୁପି ରୁଦ୍ର ବିରୁଦ୍ଧରେ ନିଜର ଅଭିଯାନ ଆରମ୍ଭ କରିବ ତାମିଲନାଡୁ ଡ୍ରାଗନ୍ସ, ଶ୍ରାଚି ରାହ ବେଙ୍ଗଲ ଟାଇଗର୍ସ ଏବଂ ଦିଲ୍ଲୀ ଏସ.ଜି ପାଇପର୍ସ ଭଳି ଭୟଙ୍କର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିପକ୍ଷରେ ମ୍ୟାଚ୍ ଗୁଡ଼ିକ ସହିତ ଦଳ ଆଗରେ ଏକ ଚ୍ୟାଲେଞ୍ଜିଂ ତଥା ଏକ ପ୍ରତିଜ୍ଞାକାରୀ ରାସ୍ତା ରହିଛି ।ଏହି ଦଳରେ କୃଷ୍ଣ ବି ପାଠକ୍, ଆରାନ୍ ଜାଲୁଭସ୍କି ଏବଂ ଆଲେକ୍ସଜାଣ୍ଡାର୍ ହେଣ୍ଡ୍ରିକ୍ସ, ରୋଜାନ୍ କୁଜୁର ଏବଂ ମୁକେଶ ଟପ୍ପୋଙ୍କ ଭଳି ଭାରତୀୟ ପ୍ରତିଭା ବୃଦ୍ଧି ପାଇଥିବା ଏହି ଦଳ ଟୁର୍ଣ୍ଣାମେଂଟରେ ଏକ ଚମକଣାର ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି ।

କାର୍ଯ୍ୟସୂଚୀ ଚୂଡ଼ାନ୍ତକରଣ ସମ୍ପର୍କରେ ସୂଚନା ଦେଇ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି




ଯେ ଏହା କେବଳ କଳିଙ୍ଗ ଲାନ୍ସର୍ସର ପାଇଁ ନୁହେଁ ବରଂ ଓଡିଶା ଏବଂ ଭାରତର ହକି ପାଇଁ ଏକ ପ୍ରମୁଖ ମୁହୂର୍ତ୍ତ ଆମେ ଉତ୍ସାହୀ ପ୍ରଶଂସକଙ୍କ ସାମ୍ନାରେ ପ୍ରତିଦ୍ୱନ୍ଦିତିତା କରିବାକୁ ଉତ୍ସାହିତ, ବିଶେଷତ ରାଉରକେଲାରେ ଥିବା ଆମର ହୋମଗ୍ରାଉଣ୍ଡରେ ଆମର ମିଶନ ହେଉଛି । ଏହି ଅଂଚଳରେ ହକି ପାଇଁ ଉତ୍ସାହକୁ ଫେରାଇ ଆଣିବା ପ୍ରତ୍ୟେକ ମ୍ୟାଚରେ ବିଜୟ ପାଇଁ ଚେଷ୍ଟା କରିବୁ ।

ଅଭିଜ୍ଞ ସହାୟକ କର୍ମଚାରୀଙ୍କ ମାର୍ଗଦର୍ଶନରେ, କଳିଙ୍ଗ ଲାନ୍ସର୍ସ ଶୃଙ୍ଖଳା ସହିତ ଦ୍ରୁତ ଗତିଶୀଳ ଖେଳ ଉପରେ ଧ୍ୟାନ ଦେବ ଦଳ ଏକତା, ପ୍ରତିରକ୍ଷା ଏବଂ ସ୍କୋରର ସୁଯୋଗକୁ ବଢାଇବା ଉପରେ ଗୁରୁତ୍ୱ ଦେଇ ଉଭୟ ପଡ଼ିଆରେ ଏବଂ ବାହାରେ ତୀବ୍ର ପ୍ରସ୍ତୁତି କରୁଛି ।

କଳିଙ୍ଗ ଲାନ୍ସର୍ସର ଷ୍ଟ୍ରାଟେଜୀ ନିର୍ଦ୍ଦେଶକ ଡେଭିଡ ଜନ୍ ଆହୁରି ମଧ୍ୟ କହିଛନ୍ତି, ଆମ ଦଳର ଗଭୀରତା ଏବଂ ଶକ୍ତି ପ୍ରଦର୍ଶନ କରିବାକୁ କାର୍ଯ୍ୟସୂଚୀ ଆମକୁ ପର୍ଯ୍ୟାପ୍ତ ସୁଯୋଗ ଦେଇଛି । ଆମେ ପ୍ରତ୍ୟେକ ମ୍ୟାଚକୁ ଆତ୍ମବିଶ୍ୱାସର ସହ ସୁନିଶ୍ଚିତ କରିବା ପାଇଁ କଠୋର ତାଲିମ ଏବଂ ଦଳ ଗଠନ ପଦକ୍ଷେପ ଗ୍ରହଣ କରିଛୁ । କଳିଙ୍ଗ ଲାନ୍ସର୍ସ ସହିତ ବେଦାନ୍ତର ଯୋଗଦାନ ହେଉଛି ଓଡ଼ିଶାରେ ଯୁବ ବିକାଶ, ସମ୍ପ୍ରଦାୟର ଯୋଗଦାନ ଏବଂ କ୍ରୀଡା ଭିତ୍ତିଭୂମି ପ୍ରତିପାଦନ କରିବା ପାଇଁ ଏହାର ବ୍ୟାପକ ପ୍ରତିବଦ୍ଧତାର ଏକ ଅଂଶ ହକି ବ୍ୟତୀତ ବେଦାନ୍ତର ବିଭିନ୍ନ କ୍ରୀଡ଼ାରେ ତୃଣମୂଳ ସ୍ତରର ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସହିତ ରାଜ୍ୟର ସମୃଦ୍ଧ କ୍ରୀଡା ସଂସ୍କୃତିରେ ଅବଦାନ ରହିଛି ।

ଏଚଆଇଏଲ ସିଜିନ ଯେତିକି ପାଖେଇ ଆସୁଛି ପ୍ରଶଂସକମାନେ ରୋମାଞ୍ଚକର ମ୍ୟାଚ୍ ଏବଂ ଓଡିଶାରେ ହକିର ନବୀକରଣକୁ ଅପେକ୍ଷା କରିଛନ୍ତି । ବେଦାନ୍ତର କଳିଙ୍ଗ ଲାନ୍ସର୍ସର ନେତୃ ନେଇ ଏକ ଉତ୍ସାହଜନକ ପ୍ରତିଯୋଗିତା ପାଇଁ ମଞ୍ଚ ସ୍ଥିର ହୋଇଛି ।

କଳିଙ୍ଗ ଲାନ୍ସର୍ସର ମ୍ୟାଚ୍ କାର୍ଯ୍ୟସୂଚୀ:
୧- ୩୦-ଡିସେମ୍ବର -୨୪: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ୟୁପି ରୁଦ୍ରସ ରାଉରକେଲା । ୨- ୦୩-ଜାନୁଆରୀ -୨୫: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ତାମିଲନାଡୁ ଡ୍ରାଗନ୍ସ ରାଉରକେଲା
୩ ୦୫-ଜାନୁଆରୀ -୨୫: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ସୋର୍ମା ହକି କ୍ଲବ୍ ରାଉରକେଲା
୪ -୦୬- ଜାନୁଆରୀ -୨୫: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଶ୍ରାଚି ରାହ ବଙ୍ଗଳା ଟାଇଗର ରାଉରକେଲା । ୫- ୦୯- ଜାନୁଆରୀ -୨୫: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଗୋନାସିକା ରାଉରକେଲା । ୬ - ୧୨-ଜାନୁଆରୀ -୨୫: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ହାଇଦ୍ରାବାଦ ତୁଫାନ୍ସ ରାଉରକେଲା ।
୭- ୧୬- ଜାନୁଆରୀ -୨୫: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଦିଲ୍ଲୀ ଏସଜି ପାଇପର୍ ରାଉରକେଲା । ୮- ୧୯-ଜାନୁଆରୀ -୨୫: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଦିଲ୍ଲୀ ଏସଜି ପାଇପର୍ ରାଉରକେଲା ।
୯- ୨୪-ଜାନୁଆରୀ -୨୫: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଶ୍ରାଚି ରାହ ବଙ୍ଗଳା ଟାଇଗର ରାଞ୍ଚି । ୧୦- ୨୭- ଜାନୁଆରୀ -୨୫: ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ସୋର୍ମା ହକି କ୍ଲବ୍ ରାଉରକେଲା ।

## ଡେବ୍ୟୁ ମ୍ୟାଚ୍‌ରେ ଇତିହାସ ରଚିଲେ ନାହିଦ

ନୂଆଦିଲ୍ଲୀ, ୧୩।୧୧: ଟେଷ୍ଟ କ୍ରିକେଟରେ ନିଜର ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ନାହିଦ ରାଣା ବାବର ଆଜମ, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭଳି ଶୀର୍ଷ ବ୍ୟାଟ୍ସମ୍ୟାନଙ୍କୁ ଚ୍ୟାଲେଞ୍ଜ କରିଛନ୍ତି । ଏବେ ସେ ଦିନିକିଆରେ ଏକ ବଡ଼ ଡେବ୍ୟୁ କରିଛନ୍ତି । ବାଂଲାଦେଶ କ୍ରିକେଟ ଦଳର ବଢୁଥିବା ଦ୍ରୁତ ବୋଲର ନାହିଦ ରାଣା ନିଜ ଦିନିକିଆ ଡେବ୍ୟୁରେ ଇତିହାସ ସୃଷ୍ଟି କରିଛନ୍ତି । ସେ ବାଂଲାଦେଶର ଦ୍ରୁତତମ ବୋଲର ହେବାର ଆଖ୍ୟା ଅର୍ଜନ କରିଥିଲେ । ଶାରଜାଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ନାହିଦ ରାଣା ଘଣ୍ଟା ପ୍ରତି ୧୫୦.୯ କିଲୋମିଟର ବେଗରେ ବୋଲିଂ କରିଥିଲେ, ଯାହାକି କୌଣସି ବାଂଲାଦେଶୀ ବୋଲରଙ୍କ ଦ୍ୱାରା ଦ୍ରୁତତମ ବଲ ଅଟେ ।

୨୨ ମାର୍ଚ୍ଚ ୨୦୨୪ରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିବା ନାହିଦ ରାଣା ବର୍ତ୍ତମାନ ପର୍ଯ୍ୟନ୍ତ ବାଂଲାଦେଶ ପାଇଁ ୫ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି । ଏହି ୫ଟି ଟେଷ୍ଟ ମ୍ୟାଚରେ ସେ ୪.୭୯ ଆଭରେଜ୍‌ରେ ୧୪ ଉଇକେଟ ନେଇଛନ୍ତି । ତାଙ୍କର ପ୍ରଥମ ଦିନିକିଆ ମ୍ୟାଚରେ ନାହିଦ ୪ ଆଭରେଜ୍‌ରେ ସହ ୨ ଉଇକେଟ ନେଇଥିଲେ ।

# ତିଳକ ବର୍ମାଙ୍କ ଶତକ ଦେଲା ବିଜୟ

ସେଂଚୁରିଆ, ୧୩।୧୧: ତିଳକ ବର୍ମାଙ୍କ ଅପରାଜିତ ଶତକୀୟ ପାଳି ଫଳରେ ଆଜି ଭାରତ ୧୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ୨୨୦ ରନ୍‌ର ବିଜୟ ଟାର୍ଗେଟ ଦେଇଥିବାବେଳେ ଘରୋଇ ୭




ୱିକେଟ ହରାଇ ୨୦୮ ରନ୍ କରିଛି । ଦଳ ପକ୍ଷରୁ ୟାନସେନ ସର୍ବାଧିକ ୫୪ ରନ୍ ଓ କ୍ଲାସେନ୍ ୪୧ ରନ୍ କରିଥିଲେ । ଭାରତ ପାଇଁ ଅର୍ଶଦୀପ ୩ ୱିକେଟ ଓ ବରୁଣ ୨ ୱିକେଟ ନେଇଥିଲେ ।

ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଭାରତୀୟ ଦଳ ପ୍ରଥମ ଓଭରରେ ପାଇଥିଲା ବଡ଼ ଝଟକା ଖାତା ଖୋଲି ନପାରି ପ୍ୟାଭିଲିୟନକୁ ଫେରି ଯାଇଥିଲେ । ଓପନର ସଞ୍ଜୁ ସାମସନ ଏହା ପରେ ପଡ଼ିଆକୁ ଓହ୍ଲାଇଥିଲେ ତିଳକ ବର୍ମା ଅଭିଷେକ ଶର୍ମାଙ୍କ ସହିତ ମିଶି ସେ ଇନିଂସକୁ ଆଗେଇ ନେଇଥିଲେ ଦୁହେଁ ଆକ୍ରମଣାତ୍ମକ କ୍ରିକେଟ୍ ଖେଳିଥିଲେ ।

ଦଳର ସ୍କୋର ୮.୪ ଓଭରରେ ୧୦୭ରେ ପହଞ୍ଚିଥିବା ବେଳେ ଆଉଟ୍ ହୋଇଯାଇଥିଲେ ଅଭିଷେକ ବର୍ମା ସେ ୨୫ଟି ବଲରୁ ୫୦ ରନ୍ (୩ ଚୌକା, ୫ ଛକା) କରିଥିଲେ । ସେ ଆଉଟ ହେବା ପରେ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ମଧ୍ୟ ଆଉଟ୍ ହୋଇଥିଲେ ସେ ମାତ୍ର ୧ ରନ୍ କରିବାକୁ ସମର୍ଥ ହୋଇଥିଲେ । ଏମିତି ଗୋଟିଏ ପରେ ଗୋଟିଏ ୫ଟି କେଟ୍ ପଡ଼ିଡ଼ିବା ସତ୍ୱେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ବିସ୍ଫୋରକ ଇନିଂସ ଖେଳିଥିଲେ । ତିଳକ ବର୍ମା ସେ ୫୧ଟି ବଲ୍‌ରୁ ଶତକ କରିଥିବା ବେଳେ ୫୬ଟି ବଲ୍‌ରୁ ୧୦୭ ରନ୍ କରି ଶେଷ ପର୍ଯ୍ୟନ୍ତ ରହିଥିଲେ ତାଙ୍କର ୧୦୭ ରନ୍ ମଧ୍ୟରେ ୮ଟି ଚୌକା ଓ ୭ଟି ଚୌକା ଥିଲା ।

ଅନ୍ୟମାନଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା ୧୮ ରନ୍ କରିଥିବା ବେଳେ ରିଙ୍କୁ ସିଂହ ୮ ଓ ଡେବ୍ୟୁ ମ୍ୟାଚ୍ ଖେଳୁଥିବା ରମଣଦୀପ ସିଂହ ୧୫ ରନ୍ କରିଥିଲେ ଅକ୍ଷର ପଟେଲ ୧ ରନ୍ କରି ଅପରାଜିତ ରହିଥିଲେ । ଦଳ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୧୯ ରନ୍ କରିଥିଲା ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହାରାଜ ଓ ଏଣ୍ଡିଲେ ସିମେଲାନେ ୨ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ମାର୍କୋ ଜାନସେନ ଗୋଟିଏ ୱିକେଟ୍ ନେଇଥିଲେ ।

# ରଣଜୀ : ମହାରାଷ୍ଟ୍ର ୧୬୨, ଓଡ଼ିଶା ୯୯/୧

କଟକ, ୧୩।୧୧: କଟକର ବାରବାଟୀ ଷ୍ଟାଡିୟମରେ ଆଜିଠୁ ରଣଜୀ ଟ୍ରଫିର ଏଲିଟ ଗ୍ରୁପ୍ ଏର ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଓ ମହାରାଷ୍ଟ୍ର ମୁହାଁମୁହିଁ ହୋଇଛନ୍ତି । ଆଜି ପ୍ରଥମ ଦିନରେ ମହାରାଷ୍ଟ୍ର ମାତ୍ର ୧୬୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି । ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୧ ୱିକେଟ ହରାଇ ୯୯ ରନ୍ କରିଛି । ଫଳରେ ଓଡ଼ିଶାକୁ ଘରୋଇ ମ୍ୟାଚରେ ବଡ ରନ୍ ସ୍କୋର କରିବାର ସୁଯୋଗ ମିଳିଛି । ଟସ୍ ଜିଣି ମହାରାଷ୍ଟ୍ର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ରାମକ୍ରିଷ୍ଣ ଘୋଷ ୮୦ ରନ୍ କରିଥିବାବେଳେ ଅନ୍ୟମାନେ ବିଫଳ ହୋଇଛନ୍ତି । ଏକଦା ଦଳ ୧୫୦ ରନ୍‌ରେ ୩ ୱିକେଟ ହରାଇଥିବା ମହାରାଷ୍ଟ୍ର ପରବର୍ତ୍ତୀ ୭ ୱିକେଟ ମାତ୍ର ୧୨ ରନରେ ହରାଇଥିଲା । ଅନ୍ୟତମାନଙ୍କ ମଧ୍ୟରେ ସଚିନ ଧସ ୨୦, ଆର୍ଶିନ କୁଲକର୍ଣ୍ଣି ୧୬ ରଯନ୍, ୟାଶ କ୍ରିସଗର ୨, ଅଙ୍କିତ ବାୱନେ ୩୪, ହର୍ଷଲ କାଟେ ୦, ସୌରଭ ନୱାଲେ ୦, ସତ୍ୟଜିତ ବଚାବ ଅପରାଜିତ ୬, ରାଜନୀଶ ଗର୍ବାନୀ ୪, ପ୍ରଶାନ୍ତ ସୋଲାଙ୍କି ୦, ହିତେଶ ୱାଲୁଞ୍ଜ ୦ ଖାତା ଖୋଲିପାରିନଥିଲେ । ଓଡ଼ିଶା ପକ୍ଷରୁ ସୁମିତ ଶର୍ମା ୪ ଓ ଗୋବିନ୍ଦ ପୋଦ୍ଦାର ୩ ୱିକେଟ ନେଇଥିଲେ । ସେହିପରି ତାରିଣୀ ଶ ୧ ୱିକେଟ ନେଇଛନ୍ତି ।ଜବାବରେ ଓଡ଼ିଶାକୁ ପ୍ରାରମ୍ଭିକ ଝଟକା ଲାଗିଥିଲା । ଓପନର ଶାନ୍ତନୁ ମିଶ୍ର ୨ ରନ୍ କରି ଆଉଟ୍ ହୋଇଥିଲେ । ପରେ ସାତ୍ତ୍ୱିକ ବିଶ୍ୱାଳ ୫୬ ଓ ସନ୍ଦୀପ ପଟ୍ଟନାୟକ ୪୧ ରନ୍ ୨ୟ ୱିକେଟ ପାଇଁ ଅବିଭାଜିତ ୮୩ ରନ୍ ଯୋଗ କରିଛନ୍ତି ।

### ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍

# ଇଗଲ କ୍ରିକେଟ୍ କ୍ଲବ୍ ବିଜୟୀ



ଖୋର୍ଦ୍ଧା, ୧୩।୧୧: କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୁଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ନବମ ଦିବସ ରେ ଇଗଲ କ୍ରିକେଟ କ୍ଲବ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ କୁ ୨୪ ରନ୍ ରେ ପରାସ୍ତ କରିଛି । ଟସ୍ ଜିତି ଇଗଲ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଙ୍ଗ କରି ୩୭.୩ ଓଭର ରେ ସମସ୍ତ ୧୦ ଟି ୱିକେଟ ହରାଇ ୧୮୯ ରନ୍ କରିଥିଲେ । ଦଳର ଧରଣୀଧର ସ୍ୱାଇଁ ୪୫ ରନ୍, ଜିତୁ ସାମନ୍ତରାୟ ୪୭ ରନ୍ ଓ ସନ୍ଦୀପ ଚୌହାନ ୪୧ ରନ୍ କରିଥିଲେ । ଖୋର୍ଦ୍ଧା କ୍ରିକେଟ୍ ଦଳ ତରଫରୁ ତାରିଣୀ ନାୟକ ୪ ଟି ଏବଂ ରୂପକ ଜେନା ଓ ଆଦିତ୍ୟ ଜୟସିଂହ ୨ ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ୩୭.୪ ଓଭର ରେ ସମସ୍ତ ୱିକେଟ ହରାଇ ୧୬୫ ରନ୍ ରେ ସୀମିତ ରହିଥିଲେ ଓ ଏହି ଲିଗ୍ ମ୍ୟାଚ୍‌କୁ ଇଗଲ କ୍ରିକେଟ ଦଳ ୨୪ ରନ୍ ରେ ଜିତି ନେଇଥିଲେ । ଖୋର୍ଦ୍ଧା ଦଳ ପକ୍ଷରୁ ତାରିଣୀ ନାୟକ ୪୮ ରନ୍ ଏବଂ ଏମ ସନ୍ତୋଷ ଦୋରା ୩୭ ରନ୍ ସଂଗ୍ରହ କରିଥିବା ବେଳେ ଇଗଲ କ୍ରିକେଟ କ୍ଲବ୍ ପକ୍ଷରୁ ଶୁଭମ୍ ନାୟକ,ଜ୍ୟୋତି ବେହେରା ଓ ସନ୍ଦୀପ ଚୌହାନ ପ୍ରତ୍ୟେକ ୨ ଟି ଲେଖାଏଁ ୱିକେଟ୍ ନେଇଥିଲେ । ଇଗଲ କ୍ରିକେଟ କ୍ଲବ୍ ର ସନ୍ଦୀପ ଚୌହାନ ଆଜିର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଏହି ମ୍ୟାଚ୍ କୁ ପ୍ରଦୀପ୍ତ କୁମାର ଜେନା ଓ ରହିମ ଖାନ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେମ୍ୟାଚ୍ ରେଫରି ଭାବେ ବ୍ରିଜେଶ ପ୍ରଧାନ ଓ ସଂଯୋଜକ ଭାବେ ଦେବ ପ୍ରସାଦ ସାମନ୍ତରାୟ ଦାୟିତ୍ୱରେ ଥିଲେ । ଗୁରୁବାର ତାରିଖ ଦିନ ଅନ୍ତିମ ଲିଗ୍ ମ୍ୟାଚ୍ ଜଟଣୀ କ୍ରିକେଟ ଏକାଡେମି ଓ କେ ଟି ଗ୍ଲୋବାଲ କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଚଣ୍ଡୀ ପ୍ରାସାଦ ଆଚାର୍ଯ୍ୟ ଜଣାଇଛନ୍ତି ।

# କ୍ଷୋଭ ପ୍ରକାଶ କଲେ ସଞ୍ଜୁଙ୍କ ବାପା

ନୂଆଦିଲ୍ଲୀ, ୧୩।୧୧: ବାପାଙ୍କ ବୟାନକୁ ନେଇ ବିବାଦରେ ଭାରତୀୟ ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଲଗାତାର ଟି୨୦ରେ ଭଲ ପ୍ରଦର୍ଶନକୁ ନେଇ ସେ ଚର୍ଚ୍ଚାରେ ରହୁଛନ୍ତି ।ହେଲେ ଏବେ ସଞ୍ଜୁଙ୍କ ବାପା ଧୋନୀ, ବିରାଟ ଏବଂ ରୋହିତ ଶର୍ମା ତାଙ୍କ ୧୦ ବର୍ଷ ଖରାପ କରିଦେଇଥିବା ଅଭିଯୋଗ କରିଛନ୍ତି ଏକ ନ୍ୟୁଜ ଚ୍ୟାନେଲକୁ ସାକ୍ଷାତକାର ଦେଇ ସେ ଏହି ବଡ଼ ଅଭିଯୋଗ ଆଣିଛନ୍ତି ।





ସୋସିଆଲ ମିଡିଆରେ ସଞ୍ଜୁଙ୍କ ବାପାଙ୍କ ଏକ ଭିଡିଓ ଭାଇରାଲ ହେଉଛି । ଏଥିରେ ସେ କହିଛନ୍ତି ଯେ, ୩-୪ ଲୋକ ଅଛନ୍ତି, ଯିଏ ମୋ ପୁଅ କ୍ୟାରିୟରର ୧୦ ବର୍ଷ ବରବାଦ କରିଦେଲେ । ଧୋନୀ, ବିରାଟ, ରୋହିତ ଏବଂ ରାହୁଲ ଦ୍ରାବିଡ ମୋ ପୁଅଙ୍କ ୧୦ ବର୍ଷ ବରବାଦ କରିଦେଲେ । ସେମାନେ ସମସ୍ତେ କ୍ଷତି କରିବାକୁ ଚାହିଁଥିଲେ ହେଁ ସଞ୍ଜୁ ସେଥିରୁ ବାହାରି ଆସିଛନ୍ତି । ୨୦୧୪ରେ ଟିମ୍ ଇଣ୍ଡିଆ ପାଇଁ ଡେବ୍ୟୁ କରିଥିବା ସଞ୍ଜୁ ଆଜିଯାଏ ଅଧିକ କ୍ରିକେଟ ଖେଳିପାରି ନାହାନ୍ତି ଏହାକୁ ନେଇ ସଞ୍ଜୁଙ୍କ ବାପା ଖପ୍ପା ହୋଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କେବଳ ଉକ୍ତ ୪ ଜଣ ନୁହନ୍ତି ବରଂ ପୂର୍ବତନ କ୍ରିକେଟର ଶ୍ରୀକାନ୍ତଙ୍କୁ ସେ ଟାର୍ଗେଟ କରିବାକୁ ପଛାଇ ନାହାନ୍ତି ସାମସନ ବାଲାଂଦେଶ ଭଳି ଟିମ୍ ବିପକ୍ଷରେ ଶତକ ମାରିଥିବା ଶ୍ରୀକାନ୍ତ କହିଥିଲେ ହେଲେ ଶତକ ତ ଶତକ ହୋଇଥାଏ ବୋଲି ସେ କହିଛନ୍ତି । କହିରଖୁଛୁ, ପୂର୍ବରୁ ମଧ୍ୟ ବାପାଙ୍କୁ ନେଇ ସଞ୍ଜୁ ବିବାଦକୁ ଆସିଛନ୍ତି ୨୦୧୬ରେ ସେ କେରଳ କ୍ରିକେଟ ଆସୋସିଏଶନ ଅଧିକାରୀଙ୍କ ସହ ଝଗଡ଼ା କରିଥିଲେ । ଏହାକୁ ନେଇ ତାଙ୍କୁ ଚେତାବନୀ ଦିଆଯାଇଥିଲା । ଏବେ ପୁଣି ଥରେ ତାଙ୍କ ବୟାନ ଚର୍ଚ୍ଚାରେ ରହିଛି । ଏହାର ପ୍ରଭାବ କ୍ରିକେଟରଙ୍କ ଉପରେ ପଡ଼ିପାରେ ବୋଲି ଅନୁମାନ କରାଯାଉଛି ।

## ଜାନୁଆରୀ ୫ରୁ ନିମାପଡ଼ା କପ୍ କ୍ରିକେଟ

ନିମାପଡ଼ା, ୧୩।୧୧: ୨୯ତମ ନିମାପଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବାରବାଟି ପଡ଼ିଆରେ ଆସନ୍ତା ଜାନୁଆରୀ ୫ରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହେବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡିଶାର ବିଭିନ୍ନ ଜିଲ୍ଲା ପୁରୀ,କଟକ, ଭୁବନେଶ୍ୱର, ପାରାଦ୍ୱୀପ, ରାଉରକେଲା, ବ୍ରହ୍ମପୁର ଓ ରେଲୱେ ପ୍ରମୁଖ ୮ଟି ଟିମ୍ ଅଂଶଗ୍ରହଣ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଥିବା ଜଣାପଡିଛିନିମାପଡ଼ା ଆଥଲେଟିକ ଆସୋସିଏସନ କ୍ରିକେଟ ସଂପାଦକ ଅକ୍ଷୟ ବେହେରାଙ୍କ ନେତୃତ୍ୱରେ ଆସୋସିଏସନ ପରିସରରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ନିର୍ମଳ ମିଶ୍ର,ଅଭିନନ୍ଦନ ପାତ୍ର, ସରୋଜ ମହାନ୍ତି,ଅଭିଜିତ ମିଶ୍ର,ଆଶୁତୋଷ ରାୟ, ଡି.ଏସ୍.ମହାନ୍ତି, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ବରିଷ୍ଠ ସଭ୍ୟମାନେ ଯୋଗଦେଇ ୨୯ତମ ଟୁର୍ଣ୍ଣାମେଣ୍ଟକୁ ପୂର୍ବ ବର୍ଷ ଅପେକ୍ଷା ଅଧିକ ସରସ ସୁନ୍ଦର କରିବା ନିମନ୍ତେ ଆଲୋଚନା କରିଥିଲେ । ଦୀର୍ଘ ୨୮ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଏହି ଟୁର୍ଣ୍ଣାମେଣ୍ଟ ନିମାପଡ଼ାର କ୍ରିକେଟ ଖେଳ ଓ ଖେଳାଳିଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଚଳିତ ୨୯ତମ ସଂସ୍କରଣ ଅଧିକ ଆକର୍ଷଣୀୟ ହେବ ବୋଲିଜଣାପଡିଛି । ଟୁର୍ଣ୍ଣାମେଣ୍ଟର ସବିଶେଷ ବିବରଣୀ ପରବର୍ତ୍ତୀ ବୈଠକ ତଥା ପ୍ରେସମିଟ୍ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ସଂପାଦକ ଅକ୍ଷୟ ବେହେରା କହିଛନ୍ତି ।

# ଢେଙ୍କାନାଳରେ ଟାଟା ଷ୍ଟିଲ କପିଳାସ ହାଫ ମାରାଥନ ଦ୍ୱିତୀୟ ସଂସ୍କରଣ ଘୋଷଣା

ଢେଙ୍କାନାଳ, ୧୩।୧୧: ଟାଟା ଷ୍ଟିଲ ମେରାମୁଣ୍ଡଳୀ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହଯୋଗିତାରେ ଟାଟା ଷ୍ଟିଲ ହାଫ ମାରାଥନ ଦ୍ୱିତୀୟ ସଂସ୍କରଣର ଘୋଷଣା କରାଯାଇଛି । ୨୦୨୫ ଜାନୁଆରି ୧୧ ରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୌଡ କପିଲାସ ବନ୍ୟଜନ୍ତୁ ଅଭୟାରଣ୍ୟର ବାହ୍ୟ ଅଞ୍ଚଳରେ ଆୟୋଜିତ ହେବ । ଏହି ଅବସରରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଢେଙ୍କାନାଳ ଜିଲ୍ଲାପାଳ




## ଟି-ସାର୍ଟ ଉନ୍ମୋଚିତ

ସୋମେଶ କୁମାର ଉପାଧ୍ୟାୟ ଏବଂ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ଟାଟା ଷ୍ଟିଲ ହାଫ ମାରାଥନ ୨୦୨୫ର ଅଫିସିଆଲ ଟି-ସାର୍ଟକୁ ଉନ୍ମୋଚନ କରାଯାଇଛି ।

ସଦର ଉପ-ଜିଲ୍ଲାପାଳ ବିବୁଧ ଗଡନାୟକ, ଟାଟା ଷ୍ଟିଲ ମେରମୁଣ୍ଡଳୀର କର୍ପୋରେଟର ମୁଖ୍ୟ ମୋହିତ ଦାସ, ଟାଟା ଷ୍ଟିଲ କ୍ରୀଡାମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ଓ ଏମଜିଏମ ମିନେରାଲସ୍ ଲିମିଟେଡର ଇଡି ଗୋପବନ୍ଧୁ ଦାସ ଉପସ୍ଥିତ ଥିଲେ । ଏହି ହାଫ ମାରାଥନ ପ୍ରତିଯୋଗିତାକୁ ସୁଦୃଢ କରିବା ସହିତ ପ୍ରାକୃତିକ ସମ୍ପଦରେ ସମୃଦ୍ଧ କପିଳାସ ଅଞ୍ଚଳରେ ହାତୀ ଓ ଜୈବ ବିବିଧତା ସଂରକ୍ଷଣର ପ୍ରସାର କରି ଏହାକୁ ପର୍ଯ୍ୟଟନ ଓ ରୋଜଗାରର ଏକ ବିଶ୍ୱ ସ୍ତରୀୟ ହବ୍‌ରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ମାରାଥନ ସୁସ୍ଥ ଜୀବନଶୈଳୀ, ଫିଟନେସ୍ ଏବଂ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡା ମନୋଭାବକୁ ଉତ୍ସାହିତ କରିବ । ଏଥିରେ ତିନି ପ୍ରକାରର ଦୌଡ ରହିଛି, ୧୯ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ୨୧ କିମି ଓ ୧୦ କିମି ଦୌଡ ଏବଂ ୧୪ -୧୯ବର୍ଷ ବୟସ ପର୍ଯ୍ୟନ୍ତ, କିଶୋର କିଶୋରୀଙ୍କ ପାଇଁ ୫କିମି ଦୌଡ଼ । ଏହି ଦୌଡ ପାଇଁ ଆଜିଠାରୁ ବା ବର୍ତ୍ତମାନ ଠାରୁ ପଞ୍ଜୀକରଣ ଖୋଲା ଅଛି । ଅଂଶ ଗ୍ରହଣ କାରୀମାନେ ୨୦୨୪ ଡିସେମ୍ବର ୧୫ ପାର୍ଯ୍ୟନ୍ତ "ଟାଟା ଷ୍ଟିଲ କପିଳାସ ହାଫ ମାରାଥନ ଡଟ୍ କମ୍" ରେ ଅଫିସିଆଲ ୱେବସାଇଟରେ ନାମ ପଞ୍ଜିକରଣ କରିପାରିବେ । ଏଥିରେ ୪ହଜାର ଅଂଶ ଗ୍ରହଣ କାରୀଙ୍କ ପାଇଁ ସୀମିତ ସ୍ଲଟ ରଖାଯାଇଛି । ୨୧ କିଲୋମିଟର ଦୌଡପାଇଁ ପଞ୍ଜୀକରଣ ଶୁଳ୍କ ୪୦୦ ଟଙ୍କା, ୧୦ କିଲୋମିଟର ଦୌଡ ପାଇଁ ୩୦୦ଟଙ୍କା ଏବଂ ୫କିଲୋମିଟର ଦୌଡ ପାଇଁ ୧୫୦ ଟଙ୍କା ଧାର୍ଯ୍ୟକରାଯାଇଛି । ପ୍ରତ୍ୟକ ପ୍ରତିଯୋଗୀଙ୍କୁ ଏକ ଗୁଡି ବ୍ୟାଗ ମିଳିବ, ଯେଉଁଥିରେ ଟି-ସାର୍ଟ , ବିଆଇବି ଚିପ,ଏବଂ ଜଳଖିଆ କୁପନ ରହିବ । ଟାଟା ଷ୍ଟିଲ କପିଳାସ ହାଫ ମାରାଥନ ୨୦୨୫ରେ ମୋଟ ୯.୬୪ଲକ୍ଷ ଟଙ୍କାର ନଗଦ ପୁରସ୍କାର ସହ ୩୦ ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯିବ । ୨୧ କିଲୋମିଟର ଦୌଡ ପାଇଁ ଉଭୟ ପୁରୁଷ ଓ ମହିଳା ବର୍ଗର ବିଜେତାଙ୍କୁ ୧ଲକ୍ଷ ଟଙ୍କା ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯିବ । ହାଫ ମାରାଥନ ମାର୍ଗକୁ ଆସୋସିଏସନ ଅଫ ଇଂଣ୍ଟରନ୍ୟାସନାଲ ମାରାଥନସ୍ ଆଣ୍ଡ ଡିଷ୍ଟାନସ୍ ରେସ ଦ୍ୱାରା ପ୍ରମାଣିତ କରାଯାଇଛି । ମୋନାକୋରେ ମୁଖ୍ୟାଳୟ ଥିବା ଏହି ବିଶ୍ୱସ୍ତରୀୟ ଅନୁଷ୍ଠାନ ବିଶ୍ୱବ୍ୟାପି ମାରାଥନ ଏବଂ ଦୂରତା ଦୌଡ ପ୍ରତିଯୋଗିତାକୁ ପ୍ରତିନିଧିତ୍ୱ କରୁଛି । ଆନ୍ତର୍ଜାତିକ ମାନଦଣ୍ଡ ପୂରଣ କରିବା ପାଇଁ ଏହି ଦୌଡରେ ଟାଇମିଂ ନ୍ୟାଟ୍, ଆରଏଫଆଇଡି ଚିପ, ରୁଟରେ ସ୍ପ୍ଲିଟ୍ ଟାଇମିଂ, ଟ୍ରାକିଂ କ୍ୟାମେରା ଏବଂ ୱାଇ-ଫାଇ ନେଟୱାର୍କସମେତ ଉନ୍ନତ ଜ୍ଞାନକୌଶଳ ଉପଲବ୍ଧ ହେବ । ସମଗ୍ର ଦେଶରେ ସାମାନ କର୍ଯ୍ୟକ୍ରମ ଆୟୋଜନ କରିବାରେ ପାଦେର୍ଶତା ଥିବା ଜାତୀୟସ୍ତରର ଏଜେନ୍ସିଗୁଡିକ ଏହାର ଅଗ୍ରଗତିର ତଦାରଖ କରିବେ ।

# ଗୁଜରାଟ ଟାଇଟନ୍ସ ଦଳରେ ପାର୍ଥିବ ପଟେଲ

ନୂଆଦିଲ୍ଲୀ, ୧୩।୧୧: ଆଇପିଏଲ୍ ୨୦୨୫ ପାଇଁ ମେଗା ନିଲାମ ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇଛି ଗୁଜରାଟ ଟାଇଟନ୍ସ । ଭାରତୀୟ ଦଳର ପୂର୍ବତନ ୱିକେଟ କିପର ବ୍ୟାଟର ପାର୍ଥିବ ପଟେଲଙ୍କୁ ଦଳ ବ୍ୟାଟିଂ କୋଚ୍ ଓ ସହାୟକ କୋଚ୍ ଭାବରେ ନିଯୁକ୍ତ କରିଛି । ଘରୋଇ କ୍ରିକେଟରେ ପ୍ରତିଭା ନିରୀକ୍ଷଣରେ ପାର୍ଥିବ ପଟେଲଙ୍କ ବେଶ ଅଭିଜ୍ଞତା ରହିଛି । ମେଗା ଅକ୍ସନ ପୂର୍ବରୁ ତାଙ୍କର ଯୋଗଦାନ ୨୦୨୨ ଚାମ୍ପିୟନ ଦଳ ପାଇଁ ବେଶ ଲାଭଦାୟକ ହେବ ବୋଲି କୁହାଯାଉଛି ।




ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଗୁଜରାଟ ଟାଇଟନ୍ସ କହିଛି ଯେ, ୧୭ ବର୍ଷର ଦମଦାର କ୍ରିକେଟ କ୍ୟାରିୟର ସହିତ ପୂର୍ବତନ ଭାରତୀୟ ୱିକେଟ କିପର ବ୍ୟାଟର ପାର୍ଥିବ ପଟେଲ ଏବେ ଆମ ଦଳକୁ ନିଜର ଅନୁଭବ ବାଣ୍ଟିବେ । ସେ ଦଳର ସହାୟକ କୋଚ ସହିତ ବ୍ୟାଟିଂ କୋଚ ଦାୟିତ୍ୱ ତୁଲାଇବେ । ୨୦୨୨ ଆଇପିଏଲରେ ଡେବ୍ୟୁ ସିଜିନରେ ଚାମ୍ପିୟନ ହୋଇଥିଲା ଗୁଜରାଟ ଟାଇଟନ୍ସ ଏଥର ଦଳ ମେଗା ଅକ୍ସନରେ ପାର୍ଥିବଙ୍କ ଅଭିଜ୍ଞତାକୁ ବ୍ୟବହାର କରି ଭଲ ଖେଳାଳି କିଣିବାକୁ ଲକ୍ଷ୍ୟ ରଖିଛି । ଗୁଜରାଟ ଟାଇଟନ୍ସ ଦଳରେ ପୂର୍ବତନ ବ୍ୟାଟିଂ କୋଚ୍ ଗ୍ୟାରୀ କିର୍ଷ୍ଟନଙ୍କ ସ୍ଥାନ ନେଇଛନ୍ତି । ପାର୍ଥିବ ପଟେଲ ଗତ ସିଜିନ ପରେ ଦକ୍ଷିଣ ଆଫ୍ରିକା କିମ୍ବଦନ୍ତୀ ଗୁଜରାଟ ଦଳ ଛାଡ଼ି ପାକିସ୍ତାନ ଦଳର ମୁଖ୍ୟ କୋଚ୍ ଭାବେ ଯୋଗ ଦେଇଥିଲେ । ଗୁଜରାଟ ଟାଇଟନ୍ସରେ ତାଙ୍କ ସ୍ଥାନ ନେଇଥିବା ପାର୍ଥିବ ପଟେଲଙ୍କର ପ୍ରଶିକ୍ଷକ ଭୂମିକାରେ ମଧ୍ୟ ବେଶ ଅଭିଜ୍ଞତା ରହିଛି ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳରେ ମଧ୍ୟ ସେ କୋଚିଂ ଷ୍ଟାଫ ସହ କାମ କରିଛନ୍ତି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ